# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଅକ୍ଟୋବର ୨୯/୨୦୧୮ (୨୦ ପୃଷ୍ଠା) | Berhampur, Monday, October 29/ 2018 | ★★★

୧୪ ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଆକାଶଙ୍କୁ ରାଜ୍ୟ ସ୍ନୁକର ଟାଇଟଲ**

କଟକରେ ରବିବାର ଉଦ୍‌ଯାପିତ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ଆକାଶ ମହାପାତ୍ର ଚାମ୍ପିୟନ ହୋଇଛନ୍ତି।

୧୮

୧୪

**ସବୁବେଳେ ଅନୁସନ୍ଧାନ ପ୍ରୟାସୀ: ତାପସୀ**

ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।




DSPL-223

29001/13/0051/1819

ODISHA INDIA'S BEST KEPT SECRET | BEATS FOR HOCKEY | ODISHA HOCKEY MEN'S WORLD CUP BHUBANESWAR 2018 | OMC | HOCKEY INDIA | nswis

#HWC2018 #Odisha2018

ଓଡିଶା - ନିୟୁ ସାଉଥ୍ ୱେଲ୍ସ ହକି ସିରିଜ୍

ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ ଏକାଦଶ

କଳିଙ୍ଗ ହକି ଷ୍ଟାଡିୟମ

୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା

ନିଃଶୁଳ୍କ ପ୍ରବେଶ

ସୀମିତ ଉପଲବ୍ଧ

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:

୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ

Sports_odisha | sports.odisha | www.hockey.sportsodisha.gov.in




■ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

- ୫ ସେସୁ କର୍ମଚାରୀଙ୍କ ନାମରେ ମାମଲା
- ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ପିସିସିଏଫ୍
- ମନ୍ତ୍ରୀ, ସଚିବଙ୍କ ନାମରେ ଭାଜପାର ଅଭିଯୋଗ

ଢେଙ୍କାନାଳ ଅଫିସ/ଭୁବନେଶ୍ୱର, ୨୮।୧୦

କମଳାଙ୍ଗ ହାତୀ ମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ରବିବାର ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବନ ବିଭାଗ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଜିତେନ୍ଦ୍ରନାଥ ଦାସଙ୍କ ଅଭିଯୋଗକ୍ରମେ ୫ ସେସୁ କର୍ମଚାରୀଙ୍କ ନାମରେ କଣ୍ଟାବଣିଆ ଥାନାରେ ମାମଲା ଦାଏର କରାଯାଇଛି। ସେମାନେ ହେଲେ ଚାଇଁପାଳ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି ଏବଂ ଲାଇନମ୍ୟାନ ଫିରୋଦ ପଣ୍ଡା। ଅଭିଯୁକ୍ତଙ୍କ ବିରୋଧରେ ଇଲେକ୍ଟ୍ରିସିଟି ଆକ୍ଟ-୧୪୬, ୱାଇଲ୍ଡ ☞ପୃଷ୍ଠା-୪



କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଅଯୋଧ୍ୟା ବିବାଦର ଶୁଣାଣି ଆଜିଠୁ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି ସୁପ୍ରିମକୋର୍ଟରେ ସୋମବାରଠାରୁ ହେବ। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକାଧିକ ପିଟିଶନର ଶୁଣାଣି ୩ ଜଣିଆ ଖଣ୍ଡପୀଠ କରିବେ।

ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରାଯାଉଥିବା ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ସୋମବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କରିବେ। ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ସାମ୍ବିଧାନିକ ପୀଠ ଗଠନ କରିବାକୁ ସେପ୍ଟେମ୍ବର ୨୭ରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହ ମସଜିଦ୍ ଇସ୍‌ଲାମ୍ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ଏବଂ ମୁସଲମାନ ଧର୍ମାବଲମ୍ବୀ ଯେକୌଣସି ସ୍ଥାନରେ ନମାଜ୍ ପାଠ କରିପାରିବେ ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଜଷ୍ଟିସ୍ ମିଶ୍ର ଅକ୍ଟୋବର ୨ରେ ଅବସର ନେବା ପରେ ଏହି ମାମଲାର ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରାଯାଇଛି। ଏଥିରେ ସିଜେଆଇ ଗୋଗୋଇ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୟ କିଷନ୍ ଏବଂ କେ.ଏମ୍. ଯୋସେଫ୍ ସଦସ୍ୟ ଅଛନ୍ତି। ପ୍ରକାଶ ଯେ, ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବିଭକ୍ତ କରି ବାଣ୍ଟିଦେବାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ଦେଇଥିଲେ। ଏହାକୁ ନେଇ ସହମତି ପ୍ରକାଶ ନ ପାଇବାରୁ ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


DSPL-224








ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୧୮

ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୨୦୧୮ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ଆନନ୍ଦର କଥା । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଅଭିଯାନରେ ସଂକଳ୍ପବଦ୍ଧ ଓ ଉତ୍ସର୍ଗୀକୃତ ଭାବେ ସାମିଲ ହୋଇ ଏକ ଉତ୍ତମ ସମାଜ, ରାଜ୍ୟ ଓ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ଆହ୍ୱାନ କରୁଅଛି । ସାଧାରଣ ଜୀବନରେ ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ତଥା ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ । ଏହା ମଧ୍ୟ ବିକାଶ, ସୁଶାସନ, ସାମାଜିକ ସଂହତି, ବ୍ୟକ୍ତି ମର୍ଯ୍ୟାଦା, ମାନବାଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ନିହାତି ଜରୁରୀ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଁ ଆଶା କରୁଛି ଯେ ଦୁର୍ନୀତି ନିବାରଣ ବିଭାଗ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜକୁ ଅଧିକ ନିଷ୍ଠା ଓ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିବେ ।

ଦୁର୍ନୀତି ଦୂରୀକରଣ ସହିତ ଏକ ନୂଆ ଓଡ଼ିଶା ଓ ନୂଆ ଭାରତ ନିର୍ମାଣ ଦିଗରେ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।



(ନବୀନ ପଟ୍ଟନାୟକ )

ମୁଖ୍ୟମନ୍ତ୍ରୀ, ଓଡ଼ିଶା

09002/13/0003/1819


■ ଭାରତର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ

# ସାଧାରଣତନ୍ତ୍ର ଦିବସରେ ଆସିବେନି ଟ୍ରମ୍ପ୍

ନୂଆଦିଲ୍ଲୀ/ୱାଶିଂଟନ,୨୮।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ବର୍ଷ ପାଳନ ହେବାକୁ ଥିବା ଭାରତର ୭୦ତମ ସାଧାରଣତନ୍ତ୍ର ଦିବସକୁ ମୁଖ୍ୟଅତିଥି ହୋଇ ଆସିବେ ନାହିଁ। ଏନେଇ ଭାରତର ନିମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ରବିବାର ଜଣାପଡ଼ିଛି।

୨୦୧୯ ଜାନୁୟାରୀ ୨୬ରେ ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏନେଇ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିବା ବିଷୟ ଗତ ଅଗଷ୍ଟରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ ସାରା ସ୍ୟାଣ୍ଡର୍ସ ସ୍ପଷ୍ଟ କରିଥିଲେ। କିନ୍ତୁ ଟ୍ରମ୍ପ୍ ଏଥିରେ ଯୋଗଦେବେ ନାହିଁ ବୋଲି ଏବେ ଜଣାପଡ଼ିଛି। ତେବେ ଏନେଇ ଭାରତ କିମ୍ବା ଆମେରିକା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଟ୍ରମ୍ପ୍‌ଙ୍କ ଗସ୍ତ ଯୋଜନା ସମ୍ପର୍କରେ କେବଳ ହ୍ୱାଇଟ୍ ହାଉସ୍ ମନ୍ତବ୍ୟ ଦେଇପାରିବ ବୋଲି ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ କହିଛି। ଅନ୍ୟପକ୍ଷରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ଟ୍ରମ୍ପ୍ ଭାରତ ଆସିପାରିବେ ନାହିଁ ବୋଲି ସେଠାକାର ଅନ୍ୟ କେତେଜଣ ଅଧିକାରୀ କହିଛନ୍ତି। ରୁଷିଆଠାରୁ ଭାରତ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଚୁକ୍ତିବଦ୍ଧ ହୋଇଛି। ସେହିପରି ଇରାନଠାରୁ ତୈଳ ଆମଦାନୀ ଉପରେ ଆମେରିକା କଟକଣା ଜାରି କରିଛି। ଏହାକୁ ବେଖାତିର କରି ଭାରତ ତେହେରାନଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାର ପ୍ରତିବାଦରେ ଟ୍ରମ୍ପ୍ ତାଙ୍କର ନୂଆଦିଲ୍ଲୀ ଗସ୍ତକୁ ବାତିଲ କରିଦେଇଥିବା ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଆଗକୁ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୧୫ ସାଧାରଣତନ୍ତ୍ର ଦିବସରେ ଟ୍ରମ୍ପ୍‌ଙ୍କ ପୂର୍ବସୁରୀ ବାରାକ୍ ଓବାମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ଯୋଗଦେବାରେ ଓବାମା ହେଉଛନ୍ତି ପ୍ରଥମ ଆମେରିକୀୟ ରାଷ୍ଟ୍ରପତି।


୩ ଦିନ ପ୍ରବଳ ବର୍ଷିବ

୩

ପୁରୀ ହିଂସା: ଆଉ ୫ ଗିରଫ

୫

ଆଇନଜୀବୀ ସଂଘରେ ବିବାଦ ତେଜିଲା

୭

**ଆଜିର ସମ୍ପାଦକୀୟ**

ଦାୟିତ୍ୱହୀନତାର ପରିଚୟ


**ଆଜିର ମନ୍ତବ୍ୟ**

" ଶାନ୍ତିର ତାତ୍ପର୍ଯ୍ୟ କେବଳ 'ଯୁଦ୍ଧ ନ ହେବା' ନୁହେଁ ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଏନ୍‌ପିଏ ଅସୁଲି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଏହା ୩୬,୫୫୧ କୋଟି ଟଙ୍କା ରହିଛି।

– ଅର୍ଥ ମନ୍ତ୍ରଣାଳୟ

# ଶାସନ ନାଁରେ ପ୍ରବଞ୍ଚନା ଚାଲିଛି- ଧର୍ମେନ୍ଦ୍ର

**ମିଶ୍ରଣ ସଭାରେ ପଦ୍ମ ଧରିଲେ ମାଧବାନନ୍ଦ**

ବାସୁଦେବପୁର,୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମାଧବାନନ୍ଦ ମଲିକ ସମର୍ଥକଙ୍କ ସହିତ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। ଏହି ଉପଲକ୍ଷେ ଭାଜପା ପକ୍ଷରୁ ସ୍ଥାନୀୟ ଯାଦବ ପଡ଼ିଆଠାରେ ମିଶ୍ରଣପର୍ବ ଆୟୋଜିତ ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ର ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ☞ପୃଷ୍ଠା-୪



କେନ୍ଦ୍ରମନ୍ତ୍ରୀଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି।


NECC NATIONAL EGG CO-ORDINATION COMMITTEE | 28.10.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers



ଯମୁନା ଏକ୍ସପ୍ରେସ୍ ୱେରେ ରବିବାର ସକାଳୁ ଗୋଟିଏ ଗ୍ୟାସ ଟ୍ୟାଙ୍କର ସହ ଆଉ ଏକ ଗ୍ୟାସ ଟ୍ୟାଙ୍କର ଧକ୍କା ହେବା ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଏହା ନିକଟରେ ଥିବା ଆଉ ୫ଟି ଗାଡି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ଘଟଣାସ୍ଥଳରେ ଦମକଳ ବାହିନି ପହଞ୍ଚିବା ସହ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଛି।



# ମାଓବାଦୀ ନାଁରେ ୫ ଲକ୍ଷ ମାଗି କିରାଣି ସମେତ ୨ ଗିରଫ

ମାଲକାନଗିରି/ଗୋବିନ୍ଦପାଲି, ୨୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାର ଜଣେ ରାଜସ୍ୱ ସୁପରଭାଇଜରଙ୍କୁ ମାଓବାଦୀ ନାମରେ ଦୀର୍ଘ ଦିନ ଧରି ଚାନ୍ଦା ମାଗି ହତ୍ୟା ଧମକ ଦେଉଥିବା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ କନିଷ୍ଠ କିରାଣିଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇ କହିଛନ୍ତି ଯେ, ମୋଟୁ ତହସିଲରେ ରାଜସ୍ୱ ବିଭାଗ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କେ. ଚିନ୍ନା ରାଓଙ୍କୁ ଗତ ୧୫ ଦିନ ହେବ ଏକ ମୋବାଇଲ୍ ଫୋନରୁ ମାଓବାଦୀ ସଙ୍ଗଠନକୁ ଚାନ୍ଦା ଦେବା ଲାଗି ବାରମ୍ବାର ଫୋନ ଆସୁଥିଲା। ମାଲକାନଗିରି ମାଓବାଦୀ ଡିଭିଜନ କମାଣ୍ଡର ରାମୁଡୁ କହୁଛି ବୋଲି କହି ଫୋନକର୍ତ୍ତା ଧମକଚମକ ଦେଇ ୫ ଲକ୍ଷ ଟଙ୍କା ଚାନ୍ଦା ମାଗୁଥିଲେ। ଏନେଇ ରାଓ ମାଲକାନଗିରି ଥାନାରେ ଏତଲା ଦେବା ପରେ ଫୋନ କଲ୍‌ର ଡିଟେଲ୍ ମଗାଯାଇଥିଲା। ରିପୋର୍ଟ ଆସିବା ପରେ ଏହି କଲଟି ପାଣ୍ଡ୍ରିପାଣିସ୍ଥିତ ସେରପାଲିରୁ ଆସୁଥିବା ଜଣାପଡ଼ିଥିଲା। ପରେ ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଏଥିରେ ଖଇରପୁଟ ତହସିଲର କନିଷ୍ଠ କିରାଣି କେଶବ ଖିଲ ଓ ପୂଜାରମୁଣ୍ଡା ଗ୍ରାମର ରାମଚନ୍ଦ୍ର ମାଝିଙ୍କ ଭୂମିକା ଥିବା ଜାଣିବାକୁ ମିଳିଥିଲା। ଗତ ଶନିବାର ରାଓଙ୍କୁ କୋରୁକୋଣ୍ଡା ନିକଟସ୍ଥ ପୋଲ ନିକଟକୁ ୫ ଲକ୍ଷ ଟଙ୍କା ଧରି ଆସିବାକୁ ଫୋନ୍ ଆସିବା ପରେ ଆଇଆଇସି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କୋରୁକୋଣ୍ଡା ପୋଲ ନିକଟକୁ ଯାଇଥିଲେ। ତେବେ କୌଣସି କାରଣରୁ ସନ୍ଦେହ କରି ଆଉ ସେଦିନ ରାଓଙ୍କଠାରୁ ଟଙ୍କା ନେବାକୁ ସେ ଆସି ନ ଥିଲେ । ଶନିବାର ପୁନର୍ବାର ରାଓଙ୍କୁ ଟଙ୍କା ନ ଦେଲେ ହତ୍ୟା କରିବା ନେଇ ଧମକ ଦେଇ ପୁନର୍ବାର ସେହି କୋରୁକୋଣ୍ଡା ପୋଲ ନିକଟକୁ ଟଙ୍କା ଧରି ଆସିବାକୁ ଫୋନକର୍ତ୍ତା କହିଥିଲେ । ତଦନୁସାରେ ରାଓ ଏକ ଲାଲ ଗାମୁଛାରେ ଟଙ୍କା ରଖି ଚାଲିଯିବା ପରେ ଅଭିଯୁକ୍ତ ଟଙ୍କା ନେବାକୁ ଆସିଥିଲେ। ତେବେ ସେଠାରେ ପୂର୍ବରୁ ଲୁଚି ରହିଥିବା ଡିଏସ୍‌ପି ପ୍ରଦୀପ କୁମାର ଦାଶ, ଆଇଆଇସି ତ୍ରିପାଠୀ, ଏସ୍‌ଆଇ ସୁଶାନ୍ତ କୁମାର ଦାଶ, ସୁକାନ୍ତ କିଶୋର ପ୍ରଧାନ, ମାନସ ରଞ୍ଜନ ସ୍ୱାଇଁ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ନେଇଥିଲେ। ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ମୀନା କହିଛନ୍ତି।




# ବାଘ ମାରି ପୋତିଦେଲେ

- ମହାବଳ ବାଘ ମୃତଦେହ ସନ୍ଦେହ
- ବନ୍ୟପ୍ରାଣୀ ବିଭାଗ କହୁଛି ଚିତାବାଘ
- ଦାନ୍ତ, ନଖ କାଢ଼ି ନେଇଛନ୍ତି ଦୁର୍ବୃତ୍ତ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବରଗଡ଼ ଅଫିସ୍/ଭଟଲି, ୨୮।୧୦(ଡି.ଏନ.ଏ.)

ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ଗଳିତ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି। ବାଘକୁ ୮ଦିନ ପୂର୍ବରୁ ମାରି ପୋତି ଦିଆଯାଇଥିବା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି। ତେବେ ମୃତ ବାଘଟି ଏକ ମହାବଳ ବାଘ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ବନ୍ୟପ୍ରାଣୀ ବିଭାଗ ଏହାକୁ ଖଣ୍ଡନ କରିଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ସୁଦୀପ୍ତ କୁମାର ନାୟକ କହିଛନ୍ତି ଯେ, ବାଘର ମୃତଦେହ ଉଦ୍ଧାର କରାଯାଇଛି। ତାହା ମହାବଳ ବାଘର ନୁହେଁ, ଏକ ଚିତାବାଘର ମୃତଦେହ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତାହା ଯଦି ଶିକାର ହୋଇଥାଏ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁ ଯଦି ବିଷକ୍ରିୟାଜନିତ ହୋଇଥିବ ତେବେ ସେ ନେଇ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏଫଓ ନାୟକ ପ୍ରକାଶ କରିଥିଲେ।

ପ୍ରକାଶ ଯେ, ଡେବ୍ରିଗଡ଼ ଅଭୟାରଣ୍ୟରେ ଏକ ମହାବଳ ବାଘକୁ ମାରି ପୋତି ଦିଆଯିବା ସହିତ ଦାନ୍ତ, ନଖ କାଢ଼ି ନେଇଥିବା ଚର୍ଚ୍ଚା ହୋଇଥିଲା। ଖବର ପାଇ ସ୍ଥାନୀୟ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବରଗଡ଼ ଡିଏଫଓ ଅଭୟ ଦଲେଇ, ରେଞ୍ଜର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ପ୍ରମୁଖ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ବାଘର ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମୃତବାଘଟି ମହାବଳ ନୁହେଁ, ତାହା ଏକ ଚିତାବାଘ ବୋଲି ସ୍ପଷ୍ଟ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ନାୟକ କହିଛନ୍ତି। ଅନ୍ୟପକ୍ଷେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମୃତବାଘର ଲାଙ୍ଗୁଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଯେଉଁ ଆକାର ରହିଛି ତାହା ଚିତାବାଘର ନୁହେଁ। ଏକ ମହାବାଳ ବାଘ ବୋଲି ଅନୁମାନ କରାଯାଉଛି। ମୃତବାଘ ସମ୍ପର୍କରେ ଖବର ପାଇ ଆମେ ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲୁ। ଖବର ପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିଥିଲେ। ଏନ୍‌ଟିସିଏର(ନ୍ୟାଶନାଲ ଟାଇଗର କନଜରଭେସନ ଅଥରିଟି) ଗାଇଡ ଲାଇନ ଅନୁସାରେ, ମୃତବାଘର ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ପଠାଗଲେ ତାହା କେଉଁ ବାଘର ମୃତଦେହ ସ୍ପଷ୍ଟ ହୋଇଯିବ। ତେବେ ବାଘର ମୁହଁ ଅଂଶକୁ କାଟି ଦିଆଯାଇ ଥିବା ଯୋଗୁ ଦୁର୍ବୃତ୍ତମାନେ ଦାନ୍ତ କାଢ଼ି ନେଇଥିବା ଅନୁମାନ କରାଯାଉଛି। ଏହାପରେ ଘଟଣାକୁ ଚପାଇ ଦେବା ପାଇଁ ମୃତଦେହକୁ ପୋତି ଦେଇଥିବା ସନ୍ଦେହ କରାଯାଉଛି । ତେବେ ଦୁର୍ବୃତ୍ତମାନେ ବାଘ ଶରୀରର କେଉଁ ଅଂଶ କାଢ଼ି ନେଇଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ଏବଂ ବ୍ୟବଚ୍ଛେଦ ପରେ ତାହା ଜଣାପଡ଼ିବ ବୋଲି ଡିଏଫଓ ନାୟକ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ଘଟଣାସ୍ଥଳରେ ଭଟଲି ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପହଞ୍ଚିଛନ୍ତି। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ଡେବ୍ରିଗଡ଼ରେ କିଛିମାସ ତଳେ ଏକ ମହାବଳ ବାଘ ଦେଖାଯାଇଥିଲା। ମିଳିଥିବା ମୃତଦେହ ସେହି ବାଘର ବୋଲି ସାଧାରଣରେ ଆଲୋଚନା ହେଉଛି।

# ମାଟି ତଳୁ ଉଦ୍ଧାର ଶିଶୁ କନ୍ୟା ଡାକ୍ତରଖାନାରୁ ନିଖୋଜ

- ଜନ୍ମ ପରେ ରାସ୍ତାପାର୍ଶ୍ୱରେ ପୋତି ଦେଇଥିଲେ
- କାନ୍ଦ ଶୁଣି ଉଦ୍ଧାର କରିଥିଲେ ଛେଳି ଚରାଳି
- ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପତ୍ତା ମିଳୁନି



ଉଦ୍ଧାର ପରେ ଶିଶୁକନ୍ୟାଙ୍କୁ ମହିଳା ଜଣକ ନିଆଁ ଶେକ ଦେଉଛନ୍ତି।

ବନ୍ତଳା, ୨୮।୧୦ (ଡି.ଏନ.ଏ.)


ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳରେ ରବିବାର ଏକ ନବଜାତ ଶିଶୁ କନ୍ୟାଙ୍କୁ ଜୀବନ୍ତ ଅବସ୍ଥାରେ ମାଟି ତଳୁ ଉଦ୍ଧାର କରିଥିଲେ ଜଣେ ଛେଳି ଚରାଳି। ନୂଆକ୍ଷେତା ସାରୁଆଳି ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱରେ କେହି କନ୍ୟା ସନ୍ତାନକୁ ପୋତି ଦେଇଥିବାବେଳେ କାନ୍ଦ ଶୁଣି ଛେଳି ଚରାଳି ଜଣକ ମାଟି ଖୋଳିବାରୁ ଶିଶୁଟିକୁ ଦେଖିବାକୁ ପାଇଥିଲେ। ପରେ ଶିଶୁ କନ୍ୟାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥଲା। ତେବେ ସେଠାରୁ ନବଜାତକ ନିଖୋଜ ହୋଇଯିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ଜଣାପଡିଛି, ଉକ୍ତ ଅଞ୍ଚଳର ଜଣେ ଛେଳି ଚରାଳି ମଙ୍ଗୁଲୁ ଜାନି ସାରୁଆଳି ମଝିସାହି ତାଳବଣୀ ଠାରେ ଅପରାହ୍ନରେ ଛେଳି ଚରାଉଥିଲେ। ହଠାତ୍ ଜଣେ ଶିଶୁଙ୍କ କାନ୍ଦ ଶୁଣି ଖୋଜାଖୋଜି କରିବା ପରେ ରାସ୍ତାପାର୍ଶ୍ୱରେ ମାଟି ତଳୁ ସେ ଜଣେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ସ୍ତ୍ରୀ ପ୍ରତିମା ଭୋଇ ଶିଶୁକନ୍ୟାଙ୍କୁ ସଫା ସୁତୁରା କରିବା ସହ ସ୍ଥାନୀୟ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ସୁକାନ୍ତି ନାଏକ ୧୦୨ ଆମ୍ବୁଲାନ୍ସରେ ଶିଶୁ କନ୍ୟାକୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ଆଶା କର୍ମୀ ଓ ସାରୁଆଳି ଗ୍ରାମର ୩ ଜଣ ମହିଳା ପୁରୁଷ ଜିଲା ସାସ୍ଥ୍ୟକେନ୍ଦ୍ରକୁ ଶିଶୁଟିକୁ ନେଇ ବାହାରିଥିଲେ। ଆମ୍ବୁଲାନ୍ସ ସେଠାରେ ପହଞ୍ଚିବା ପରେ ଶିଶୁ କନ୍ୟାଙ୍କୁ ଆଶାକର୍ମୀ ସାଙ୍ଗରେ ଯାଇଥିବା ଗ୍ରାମବାସୀଙ୍କୁ ଧରାଇ ଡାକ୍ତରଖାନାର ଶିଶୁ ବିଭାଗକୁ ଯାଇଥିଲେ। ହେଲେ କିଛି ସମୟ ପରେ ସମ୍ପୃକ୍ତ ଗ୍ରାମବାସୀ ସେଠାରୁ ଶିଶୁ କନ୍ୟାଙ୍କ ସହ କେଉଁଆଡେ ଚାଲିଯାଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅନୁଗୋଳ ଓ ବନ୍ତଳା ଥାନାକୁ ଜଣାଇଥିଲେ। ପରେ ସମ୍ପୃକ୍ତା ଆଶାକର୍ମୀଙ୍କୁ ନେଇ ବନ୍ତଳା ଥାନା ଆଇଆଇସି ସବ୍ୟସାଚୀ ରାଉତ ରାତି ପ୍ରାୟ ୮ ଟାରେ ସାରୁଆଳି ଗ୍ରାମକୁ ଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶିଶୁଟିର କୌଣସି ପତ୍ତା ମିଳିପାରିନାହିଁ।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀ ଶଙ୍କର ବେହେରା କୁହନ୍ତି, ଉଦ୍ଧାର ଶିଶୁ କନ୍ୟାଙ୍କୁ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଅପେକ୍ଷା କରିଥିଲୁ। ଆଶାକର୍ମୀ ଆମ୍ବୁଲାନ୍ସରେ ଶିଶୁଙ୍କୁ ନେଇ ଆସିଥିଲେ। ହେଲେ ଆମ୍ବୁଲାନ୍ସ ନିକଟରୁ ନବଜାତ ଶିଶୁ ସହ ଆସିଥିବା ଗ୍ରାମବାସୀ ହଠାତ୍ ନିଖୋଜ ହୋଇଗଲେ। ଏ ନେଇ ଅନୁଗୋଳ ଓ ବନ୍ତଳା ଥାନା ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେଇଥିଲୁ।




## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ଚତୁର୍ଥ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

## କୁମ୍ଭୀର ମୁହଁରୁ ବର୍ତ୍ତିଲେ ବୃଦ୍ଧା

ରାଜନଗର, ୨୮।୧୦ (ଡି.ଏନ୍.ଏ.)

ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ମୁହଁରୁ ବର୍ତ୍ତି ଯାଇଛନ୍ତି ଜଣେ ମହିଳା। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ଦିବାକର ଦାସଙ୍କ ସ୍ତ୍ରୀ ଛଇଳା(୬୦) ଶନିବାର ସନ୍ଧ୍ୟାରେ ଘର ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଏକ ବଉଳା କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ତେବେ ଛଇଳା ଚିତ୍କାର କରିବା ସହ ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ପେଟକୁ ଜୋରରେ ଗୋଇଠା ମାରିଥିଲେ। ଫଳରେ କୁମ୍ଭୀର ତାଙ୍କୁ ଛାଡି ପଳାଇଥିଲା।

# ୩ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)


- ୭ ଜିଲାକୁ ସତର୍କ ନିର୍ଦ୍ଦେଶ ଦେଲେ ଏସ୍‌ଆର୍‌ସି
- ଆଜି ଲଘୁଚାପରେ ପରିଣତ ହେବ
- ଚାଷୀଙ୍କ ପାଇଁ ଓୟୁଏଟିର ସର୍କୁଲାର ଜାରି
- ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ



ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପରେ ପରିଣତ ହେବାକୁ ଯାଉଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଫଳରେ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ୭ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ତେବେ ପ୍ରବଳ ବର୍ଷା ହେବାକୁ ଥିବା ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଏବଂ ଗଞ୍ଜାମ। ପାଣିପାଗ କେନ୍ଦ୍ରର ସତର୍କ ସୂଚନା ଅନୁସାରେ, ଏସବୁ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟକୁ ପ୍ରାକୃତିକ ଦୁର୍ଦ୍ଦଶା ଛାଡୁନି। ଗୋଟିଏ ମାସରେ ବାତ୍ୟା ଏବଂ ଲଘୁଚାପଜନିତ ୩ ଦିନିଆ ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ। ଚଳିତ ମାସର ଦ୍ୱିତୀୟ ସପ୍ତାହରେ ବାତ୍ୟା ତିତ୍‌ଲି ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାର ମେରୁଦଣ୍ଡ ଭାଙ୍ଗିଦେଇଛି। ଏହାର ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ଏବେ ପୁଣି ଆଉ ଏକ ଲଘୁଚାପ। ଏହି ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ଅମଳ ହେବାକୁ ଥିବା ଫସଲକୁ ଉଜାଡି ଦେବାକୁ ବସିଛି। ଯଦିଓ ପାଣିପାଗ କେନ୍ଦ୍ର କହୁଛି ପବନ ଏବଂ ଅଧିକ ବର୍ଷା ହେବାର ଆଶଙ୍କା କମ୍। ତଥାପି ବର୍ଷା ଛାଡିଯିବା ପରେ ଫସଲରେ ପୋକ ଲାଗିବାର ସମ୍ଭାବନା ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ଥିବାବେଳେ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ଯେ, ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଜମିରୁ ବଳକା ପାଣି ବାହାରିଯିବା ପାଇଁ ନାଳି କରନ୍ତୁ। ସଅଳ କିସମ ଧାନ ବିଲରେ ଥାଇ ଗଜା ନ ହେବା ପାଇଁ ବର୍ଷା ଛାଡ଼ିଗଲା ପରେ ଶତକଡ଼ା ୨ ଭାଗ ଲୁଣ ପାଣି ସିଞ୍ଚନ କରନ୍ତୁ। ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟିଦେଇ ଠିଆ କରାଇ ଦେବାକୁ କୁହାଯାଇଛି। ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ଧାନରେ ମାଟିଆଗୁଣ୍ଡି ପୋକ, କେଣ୍ଡାକଟା ପୋକ, ଗନ୍ଧିପୋକ, କେଣ୍ଡା ଅଷ୍ଟପଦୀ, ବେକ ମହିଷା/କେଣ୍ଡା ମହିଷା ରୋଗ, ପତ୍ରାଚ୍ଛାଦ ଶଢ଼ାରୋଗ, ବୀଜାଣୁଜନିତ ପତ୍ରପୋଡ଼ା ଭଳି ରୋଗ ହେବାର ସମ୍ଭାବନା ଅଛି। ସେହିପରି ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ, ପାଉଁଶିଆ ରୋଗ ଓ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ତେଣୁ ଚାଷୀମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରିବାକୁ ଓୟୁଏଟି ଡିନ୍ ଡ. ପ୍ରଭାତ କୁମାର ରାଉଳ କହିଛନ୍ତି।

ରବିବାର ମଧ୍ୟରାତ୍ରରୁ ବର୍ଷା ଆରମ୍ଭ ହୋଇ ୨୯, ୩୦ ଏବଂ ୩୧ ତାରିଖ ତିନିଦିନ ଧରି ପ୍ରବଳ ବର୍ଷା ହେବ। ୩୦ ତାରିଖରେ ବିଶେଷକରି ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାତ କୁମାର ମହାପାତ୍ର କୁହନ୍ତି, ଯେଉଁ ଜିଲାଗୁଡିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରିଛି, ସେହି ଜିଲାର ଜିଲାପାଳଙ୍କୁ ପରିସ୍ଥିତି ଅନୁଯାୟୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ପୂର୍ବାହ୍ନରୁ ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଲଘୁଚାପକୁ ଲକ୍ଷ୍ୟ ରଖି ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦିଆଯାଇଛି।




Your classified advertisement published in Dharitri will be listed free in Dharitri online edition :
www.dharitri.com






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବିଭୁ
ପରିବାରବର୍ଗ


ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

**SALE**

Bolero plus, Swift Dezire, Swift VDI, Hondacity, Tata ACE, Maximo Dala/ Passenger. 9853020992. D-68399

real estate

**SALE**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଲ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

construction

Construct your building in finished house contact: 9937064680. D-27282

For construction of residential commercial building. Please. Contact: 7008268129, 9439143273. D-62132

**HEALTH CARE**

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Now Matrimonial ads. only on Wednesday & Sunday Book 1 Get 1 FREE

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ବିଭୁ)

**ସାଇ ପ୍ରକାଶ ମହାରଣା**

ଗୁଜିଦରଡ଼ା, ମିରପାଟଣା, ଭଦ୍ରକ

ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓଁ ମା'ଭଦ୍ରକାଳୀଙ୍କ ପାଖରେ ଏତିକି ପ୍ରାର୍ଥନା ସେ ତୁମର ଚଲାପଥ କୁସୁମିତ କରନ୍ତୁ, ତଥା ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଜେଜେମାଆ, ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୮୯୩୨

### ଜନ୍ମଦିନ ଶୁଭେଚ୍ଛା



**କରମ୍‌ଜିତ୍ ୟଶ୍‌ରାଜ୍ ବିହାରୀ**

ବରିମୁଣ୍ଡେଇ, ନିଆଳି

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ତୋର ଜନ୍ମଦିନରେ **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଦାଦା, ଖୁଡୀ, ପିଇସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।** ଧ-୯୦୫୬

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ଶୁଭମ୍**

ଶୁଭ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବଡବାପା, ବଡମାମା, ବାବା, ମାମା, ମାମୁଁ, ମାଇଁ, ମଉସା, ମାଉସୀ, ଅପା, ପିଇସୀ, ଜେଜେ, ଜେଜେମା, ଅଜା, ବନ୍ଧୁବାନ୍ଧବବର୍ଗ। ଧ-୬୪୬୨୭

### ଦଶମ ଜନ୍ମଦିନ ଶୁଭେଚ୍ଛା



(ରିଙ୍କୁ)

**ଧନଞ୍ଜୟ ବାରିକ**

ତୋର ଦଶମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଗୁରୁଜନଙ୍କ ଆଶୀର୍ବାଦ ଏବଂ ଛୋଟମାନଙ୍କ ଶୁଭେଚ୍ଛା ରହିଛି। ତୋର: **ବାପା, ବୋଉ, ବଡବାପା, ବଡବୋଉ, ଜେଜେମା, ଦାଦା, ଖୁଡୀ ଓ ଭାଇ ଭଉଣୀ।** ଧ-୫୩୨୧୯


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତ୍ରୁଟି ସଂଶୋଧନ

ଧରିତ୍ରୀ ୨୭।୧୦।୨୦୧୮ ସଂସ୍କରଣର ପ୍ରଥମ ପୃଷ୍ଠାରେ 'ଦଳ ଭିତରେ ଯୁବ ରାଜନୀତି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ ଚିଟ୍‌ଫଣ୍ଡ ଦୁର୍ନୀତିରେ ଗିରଫ ହୋଇ ଜେଲ୍ ଯାଇଥିବା ପରିବର୍ତ୍ତେ ଭୁଲ୍‌ବଶତଃ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ ବୋଲି ଉଲ୍ଲେଖ ରହିଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।


## ମନେ ପଡ଼ନ୍ତି

### ଅଶ୍ରୁଳ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ



**ସ୍ୱର୍ଗତ ଆର୍ତ୍ତବଲ୍ଲଭ ନନ୍ଦ**
(ଗଗନ ନନ୍ଦ)
ତାଳଚେର ଟାଉନ (ବିରାଦରପଡା)
ଆବିର୍ଭାବ: ୧୦।୦୫।୧୯୪୪
ତିରୋଧାନ: ୨୦।୧୦।୨୦୧୮
(ଭୁବନେଶ୍ୱର)
ଶୋକାକୁଳ ନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୦୬୫

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅନଙ୍ଗପ୍ରଭା ନାୟକ**
ଗୋବିନ୍ଦପୁର, ପିପିଲି, ପୁରୀ
ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ଶୋକସନ୍ତପ୍ତ ସ୍ୱାମୀ ଲକ୍ଷ୍ମୀଧର, ପୁଅ-ସାନୁ, ଝିଅ-ଲିଜା, ଲିପା, ପୁତୁଲି, ଜ୍ୱାଇଁ-ପ୍ରଭାତ, ପାପୁନି ଏବଂ କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ। ଧ-୬୪୬୨୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତା ସୁଧାସିନୀ ପଟ୍ଟନାୟକ**
ଆବିର୍ଭାବ: ୦୭।୧୦।୧୯୪୬
ତିରୋଧାନ: ୨୯।୧୦।୨୦୧୩
ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସ୍ୱାମୀ-ଜୟକୃଷ୍ଣ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ସୁଧାସିନୀ ଭବନ, ମାରୁତି ନଗର, କାରିଗର ସାହି, ଢେଙ୍କାନାଳ। ଧ-୬୨୦୫୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶଶିଭୂଷଣ ଦୋରା**
ଥାନୁଆଳ (ଝାରସୋଲ)
ଜାରକା, ଜି-ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୩
ତିରୋଧାନ: ୧୯।୧୦।୨୦୧୮ (ପବିତ୍ର ଦଶହରା)
ଆପଣଙ୍କ ଅକୁଣ୍ଠ ସ୍ନେହ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଅସୀମ ତ୍ୟାଗ, ଆଜି ସ୍ମୃତି ପାଲଟି ଯାଇଛି। ସୃଷ୍ଟିର ଆବର୍ତ୍ତମାନରେ ଆପଣଙ୍କର ଅମରଆତ୍ମା ପରମ ସଦ୍‌ଗତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏକାନ୍ତ କାମ୍ୟ। ଆପଣଙ୍କର ଚିର ଆଶିଷ ଆଶାରେ ଶୋକସନ୍ତପ୍ତ ଏକମାତ୍ର ଝିଅ, ଜ୍ୱାଇଁ ଏବଂ ବନ୍ଧୁ ପରିବାରବର୍ଗ। ଧ-୬୪୦୧୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସୁଦାମ ଚରଣ ସାମଲ**
କିରଣି, ଝଙ୍କଡ, ଜଗତ୍‌ସିଂହପୁର
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗରାମ ମ.ଇ. ବିଦ୍ୟାଳୟ
ଆବିର୍ଭାବ: ୧୭।୩।୧୯୩୭
ତିରୋଧାନ: ତା ୧୯।୧୦।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ-ସୁକୁମାର, ସୁଧୀର, ସ୍ମୃତିରଞ୍ଜନ, ସରୋଜ, ବୋହୂମାନେ- ପୁଷ୍ପିତା, ଅପର୍ଣ୍ଣା, ରେଣୁବାଳା, ପ୍ରଜ୍ଞା, କନ୍ୟାମାନେ: ମମତା, ସାନୁ, ଜ୍ୱାଇଁ -କୈଳାଶ, ମାନସ ଓ ନାତିନାତୁଣୀମାନେ। ଧ-୯୧୨୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## ଚାକିରି ନାଁରେ ହେଉଛି ଯୁବତୀ ଚାଲାଣ

# ନିର୍ଦ୍ଦେଶନାମା ଜାରି କଲା କ୍ରାଇମ୍‌ବ୍ରାଞ୍ଚ

**କଟକ ଅଫିସ୍, ୨୮।୧୦**

ଚାକିରି ଦେବା ନାଁରେ ଯୁବତୀ ଚାଲାଣ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ଦେଶର ବଡ଼ ବଡ଼ ସହର ସମେତ ଅନ୍ୟ ଦେଶକୁ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ଝାଡ଼ଖଣ୍ଡର କେତକ ଯୁବତୀଙ୍କୁ ଏଭଳି ଚାଲାଣ କରାଯାଇଥିବା ନେଇ ସେଠାକାର ଏମ୍‌ପି ଲକ୍ଷ୍ମଣ ଗିଲୱା ନିକଟରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିଲେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ପୋଲିସ ବିଭାଗକୁ ଚାକିରି ଦେଉଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି କାର୍ଯ୍ୟଶୈଳୀ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡ଼ିଶାରୁ ଯୁବତୀ ଚାଲାଣ ଭଳି ଘଟଣା ଦେଖିବାକୁ ମିଳୁଥିବାରୁ ସମସ୍ତ ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି ଏବଂ ବିବାହ ପାଇଁ ଥିବା ସଂସ୍ଥାଗୁଡ଼ିକର ଏକ ଡାଟାବେସ ତିଆରି କରିବାକୁ କୁହାଯାଇଛି। ଏନେଇ ମହିଳା ଓ ଶିଶୁ ଉନ୍ନୟନ ବିଭାଗ, ଶ୍ରମ ବିଭାଗ, ରେଲୱେ, ପର୍ଯ୍ୟଟନ ବିଭାଗ ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି। ଚାକିରି ନାଁରେ କେତେକ ସଂସ୍ଥା ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବିମାନବନ୍ଦର, ହୋଟେଲ, ଗେଷ୍ଟହାଉସ ଆଦି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବିନା ଲାଇସେନ୍ସରେ କୌଣସି ପ୍ଲେସ୍‌ମେଣ୍ଟ ଏଜେନ୍ସି ଖୋଲାଯାଇଥିବାର ଦେଖିବାକୁ ମିଳୁଛି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯବତୀମାନଙ୍କୁ ବିଦେଶ ଚାଲାଣ କରାଯାଉଥିବାରୁ ପାସପୋର୍ଟ ଯାଞ୍ଚ ବେଳେ ଧ୍ୟାନଦେବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଥାନା ଅଧିକାରୀ ଯେପରି ଏହା ଠିକ୍ ଭାବେ ପାଳନ କରିବେ ତା'ର ତଦାରଖ ପାଇଁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି।

### ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ

## କୋଣାର୍କ ପୋଲିସର ୨ଦିନିଆ ରିମାଣ୍ଡ ଶେଷ

# ଝାରପଡ଼ା ଜେଲ ଗଲେ ଅଭିଜିତ୍ ଆୟର

**କୋଣାର୍କ, ୨୮।୧୦(ଡି.ଏନ୍.ଏ.)**

ସୂର୍ଯ୍ୟମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ଅଭିଜିତ୍ ଆୟର ମିତ୍ରଙ୍କୁ କୋଣାର୍କ ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ରବିବାର ଅପରାହ୍ନରେ କୋଣାର୍କ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତାଙ୍କୁ ନେଇ ପୁଣି ଝାରପଡା ଜେଲରେ ଛାଡ଼ିଛି। ଆସନ୍ତା ୫ତାରିଖରେ କୋଣାର୍କ କୋର୍ଟରେ ଅଭିଜିତ୍‌ଙ୍କ ଜାମିନ ଆବେଦନର ଶୁଣାଣି ହେବ। କୋଣାର୍କ ପୋଲିସର ଜେରା ସମୟରେ ଅଭିଜିତ୍ ନିଜର ଓଡ଼ିଶା ଭ୍ରମଣ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଅଭିଜିତଙ୍କ ବୟାନ ଅନୁଯାୟୀ ସେ ସେପ୍ଟେମ୍ବର ୧୫ତାରିଖରେ ବୈଜୟନ୍ତ ପଣ୍ଡାଙ୍କ ଆମନ୍ତ୍ରଣରେ ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ଓଡ଼ିଶା ଆସି ଆକାଶମାର୍ଗରେ ପୁରୀ, ଚିଲିକା, କୋଣାର୍କ ଭ୍ରମଣ କରିବା ପରେ କେନ୍ଦ୍ରାପଡାରେ ଓହ୍ଲାଇଥିଲେ। ସେଠାରୁ ସଡକପଥରେ ଯାଇ ଲଳିତଗିରିଠାରେ ମଧ୍ୟାହ୍ନ ଭୋଜନ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୬ତାରିଖରେ ସେ ଓ ତାଙ୍କ ବାନ୍ଧବୀ ସଡକପଥରେ କୋଣାର୍କ ପରିଦର୍ଶନରେ ଆସିଥିଲେ। ସୂର୍ଯ୍ୟମନ୍ଦିରରେ ସୂକ୍ଷ୍ମ କାରୁକାର୍ଯ୍ୟସମ୍ପନ୍ନ ମୂର୍ତ୍ତି ଦେଖି ସେ ମଜାରେ ଏହାର ଭିଡିଓକୁ ଟୁଇଟ୍ କରିଥିଲେ। ଓଡ଼ିଶାକୁ ବଦନାମ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା, କିନ୍ତୁ ଓଡ଼ିଶାବାସୀଙ୍କ ପ୍ରତିକ୍ରିୟା ଜାଣିବା ପରେ ସେ ନିଜର ଭୁଲ ବୁଝିପାରିଥିବା ସଫେଇ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଶାସନ ନାଁରେ...

ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ, ଭାଜପା ଜିଲା ଉପସଭାପତି ବିଷ୍ଣୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଡା. ପ୍ରଦୀପ କୁମାର ନାୟକ, ଶରତ ଦାସ, ମନସ୍ୱିନୀ ଖୁଣ୍ଟିଆ, ଜିଲା ଉପସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଘଣ୍ଟାଏ ବିଳମ୍ବରେ ସଭାରେ ପହଞ୍ଚିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଆଗାମୀ ଦିନରେ ଭାଜପା ଶାସନ କ୍ଷମତାକୁ ଆସିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ରାଜ୍ୟରେ ଏକ ଅପାରଗ, ସ୍ଥାଣୁ, ବ୍ୟଭିଚାରୀ ଓ ଚିଟ୍‌ଫଣ୍ଡର ସରକାର ଚାଲିଛି। ଶାସନ ନାଁରେ ପ୍ରବଞ୍ଚନା ଚାଲିଛି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ସରକାର ଓ ସ୍ଥାନୀୟ ଲୋକପ୍ରତିନିଧି ଅଣଦେଖା କରିବା କ୍ଷୋଭର ବିଷୟ। ଭାଜପା କ୍ଷମତାକୁ ଆସିଲେ ଓଡ଼ିଶାରେ ଚାଷୀଙ୍କ କୃଷିଋଣ ଛାଡ଼ କରିବା ସହିତ ଲୋକଙ୍କୁ ସ୍ୱଚ୍ଛ ସରକାରର ସୁଶାସନ ପ୍ରଦାନ କରିବ। ବର୍ତ୍ତମାନ ରାଜ୍ୟରେ କଂଗ୍ରେସ ତାହାର ଅସ୍ତିତ୍ୱ ହରାଇ ବସିଛି ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ପୃଥିବୀର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ସେ ସମାଲୋଚନା କରିଥିଲେ। ବାସୁଦେବପୁର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ସମେତ ବିଭିନ୍ନ ସମସ୍ୟାରେ ବୁଡ଼ି ରହିଛି ବୋଲି ସେ କହିଥିଲେ।

ସଭାରେ ଭାଜପାରେ ସାମିଲ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ମାଧବାନନ୍ଦ ଓ ତାଙ୍କ ସମର୍ଥକଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଂଗ୍ରେସରେ ଗୋଷ୍ଠୀକନ୍ଦଳ ପାଇଁ ସେ ଦଳ ଛାଡ଼ିଲେ ବୋଲି ମାଧବାନନ୍ଦ ବକ୍ତବ୍ୟ ରଖି ରାଜ୍ୟରେ ଚାଷୀଙ୍କ କୃଷି ଋଣ ଛାଡ଼ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ଧୀରେନ୍ଦ୍ର ପଣ୍ଡୁଆଙ୍କ ସମେତ ପୌରପାଳିକାର ୭ କାଉନସିଲର, ପୂର୍ବତନ ସରପଞ୍ଚ ଗଙ୍ଗାଧର ପଣ୍ଡା, ପୂର୍ବତନ ସମିତିସଭ୍ୟ ପ୍ରତାପ ସେନାପତି, ମୁକ୍ତିକାନ୍ତ ନାୟକ, ଶରତ ମଲିକ, ଯୁବ କଂଗ୍ରେସର ଜିଲା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼, ଯୁବ କଂଗ୍ରେସ ନିର୍ବାଚନ ମଣ୍ଡଳୀ ସଭାପତି ଉଦୟ ନାରାୟଣ ମଲିକ ଭାଜପାରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଶେଷରେ ଯୁବନେତା ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ବାସୁଦେବପୁର ଗସ୍ତରେ ଆସି ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଡାକବଙ୍ଗଳାରୁ ସଭାସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା।

## କ୍ରାଇମବ୍ରାଞ୍ଚ ତଦନ୍ତ...

ଲାଇଫ୍ ପ୍ରୋଟେକ୍ସନ ଆକ୍ଟ-୫୭ ଅନୁଯାୟୀ କେସ୍ ନଂ. ୧୧୬/୧୮, ଦଫା ୧୬୬, ୪୨୯ ଓ ୩୪ରେ ମାମଲା ରୁଜୁ କରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନଂ. ୨୩/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଏସ୍‌ପି ଏମ୍.ଏସ୍. ସମ୍ପଦଙ୍କ ନେତୃତ୍ୱରେ ଡିଏସ୍‌ପି ଦେବୀଦତ୍ତ ବିଶ୍ୱଜୀବନ ମିଶ୍ରଙ୍କ ସମେତ ୪ଜଣିଆ ଅଧିକାରୀ ଦଳ ଏବଂ ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ହାତୀମୃତ୍ୟୁସ୍ଥଳରେ ଖୋଳତାଡ଼ କରିଥିଲେ। ଅଧିକାରୀମାନେ ବନ ବିଭାଗ ଏବଂ ସେସୁ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ କମ୍ ଉଚ୍ଚତାରେ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍‌ତାର ସମେତ ପାରିପାର୍ଶ୍ୱିକସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସାକ୍ଷ୍ୟପ୍ରମାଣ ଗ୍ରହଣ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟାହ୍ନରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏପରି ଅଭାବନୀୟ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପିସିସିଏଫ୍ ବନ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି।

ଅନ୍ୟପଟେ ହାତୀମୃତ୍ୟୁ ଘଟଣା ପରେ ସରକାରଙ୍କୁ ଅକଳରେ ପକାଇବାକୁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଦୁଇ ବିଭାଗୀୟ ସଚିବ ଏବଂ ପିସିସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିଷ୍ଣୁପ୍ରସାଦ ଲେଙ୍କା ପ୍ରମୁଖ ଏ ନେଇ କଣ୍ଟାବଣିଆ ଥାନାରେ ଅଭିଯୋଗ କରିଛନ୍ତି।

**ସଢ଼ିଲା ମୃତଦେହ ବ୍ୟବଚ୍ଛେଦ**

ଓଡ଼ାପଡ଼ା ବ୍ଲକ କମଳାଙ୍ଗ ନିକଟ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ନିକଟରେ ଶନିବାର ଏକ ଅଭାବନୀୟ ଘଟଣାକ୍ରମେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ମାଈ, ୨ ଅଣ୍ଡିରା ଏବଂ ଗୋଟିଏ ଶାବକ ପ୍ରାଣ ହରାଇଥିଲେ। ବିଦ୍ୟୁତ୍ ଝଟ୍‌କାରେ ୩ ହାତୀ କେନାଲ ଭିତରକୁ ଖସିପଡ଼ିଥିଲେ। ଶନିବାର ରାତି ସୁଦ୍ଧା ୪ ହାତୀଙ୍କ ବ୍ୟବଚ୍ଛେଦ ହୋଇଥିବାବେଳେ ରବିବାର ଅବଶିଷ୍ଟ ହାତୀଙ୍କ ବ୍ୟବଚ୍ଛେଦ ହୋଇଛି। ମୃତଦେହ ଘଟଣାସ୍ଥଳ ନିକଟରେ ପୋତି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କେତୁ ନକ୍ଷତ୍ରରେ ଥିବାରୁ କାର୍ଯ୍ୟହାନି, କଳହ, ଧନକ୍ଷୟାଦି ଘଟିପାରେ। ଏହା ସଙ୍ଗକୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା ଜାରିରଖିଲେ ଆଗାମୀ ଆଶା ପୂରଣ ହେବା ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଭାଗ୍ୟାଧିପ ଗୁରୁକ୍ଷେତ୍ରରେ ଥିବାରୁ ପ୍ରତ୍ୟେକ ସଂକଟକୁ କୌଣସି ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସାଧନ କରିପାରିବେ। ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପାଖ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢା ସମସ୍ୟା, ପରିବହନରେ ଝଗଡା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ ରହିଛି।

**ମିଥୁନ** ଗୁରୁନକ୍ଷତ୍ରସ୍ଥ ବୁଧ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଓ ଉତ୍ତମ ପରାମର୍ଶରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବେ। ଜମିଜମା କାରବାର,ବାଣିଜ୍ୟ ବ୍ୟବସାୟ, ପରିବହନ ଦିଗରୁ ସମସ୍ୟା ଓ ପ୍ରତିବନ୍ଧକ ହଟିଯିବାର ସୂଚନା ରହିଛି। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**କର୍କଟ** ଚତୁର୍ଥଭାବରେ ରବି ଓ ଶୁକ୍ରଙ୍କ ସ୍ଥିତି ଜନିତ ବନ୍ଧୁଙ୍କ ସାହାଯ୍ୟରୁ ନୂତନ କର୍ମାରମ୍ଭ, ଭ୍ରମଣ ସୁଯୋଗ ପାଇବେ। ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଉପୁଜିପାରେ।

**ସିଂହ** ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଯାହା ଚିନ୍ତା କରିବେ ବାସ୍ତବ କ୍ଷେତ୍ରରେ ତାହାର ଓଲଟା ପ୍ରତିଫଳନ ଘଟିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହି ନ ପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅପୂରଣୀୟ ଆଶା, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା** ଗ୍ରହଚକ୍ରରେ ଶୁଭଗ୍ରହମାନଙ୍କ ସୁପ୍ରଭାବକୁ ସତ୍କର୍ମରେ ବିନିଯୋଗ କରିପାରିଲେ ସମସ୍ତ ସିଦ୍ଧିଲାଭ କରିପାରିବେ। ସମସ୍ୟା ହଟିଯିବ, ଅର୍ଥପାଇବେ, ସମ୍ମାନ ମିଳିବ ଓ ବନ୍ଧୁମାନଙ୍କ ଆଦର ସୋହାଗ ପାଖକୁ ଛୁଟିଆସିବ। ତଥାପି ଉତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢିବ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ଅର୍ଥ, ସମ୍ମାନ ସହ ବନ୍ଧୁମିଳନ ଯୋଗ ରହିଛି। ନିକଟ ସମ୍ପର୍କୀୟ ମାନଙ୍କକଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତି ବଦଳାଇବାକୁ ପଡିପାରେ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବ ରହିଥିଲେ ମଧ ଉଦ୍ୟମ ବ୍ୟତିରେକ ଚେଇଁ ଶୋଇଲେ ହାତ ପାହାନ୍ତାରୁ ସୁଯୋଗ ଖସିଯାଇପାରେ। ଶନିଙ୍କ ପ୍ରଭାବରୁ ଠିକଣା ସମୟରେ ଉଚିତ ପଦକ୍ଷେପ ନନେଇ ଭାଗ୍ୟ ଓ କର୍ମକୁ ନିନ୍ଦା କରିବା ମୂଲ୍ୟହୀନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଆଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରନ୍ତି।

**ଧନୁ** ରାହୁ ଓ କେତୁଙ୍କ କୁପ୍ରଭାବରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନୀ ଘଟିବାର ଆଶଙ୍କା ରହିଛି। ଟିକିଏ ଟିକିଏ କଥାରେ ରାଗି,କଡାକଥା କହି ନିଆଁବାଣ ହେଲେ ନିଜର କ୍ଷତି ବ୍ୟତୀତ କିଛି ଲାଭ ହେବନି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ। ପ୍ରକାଶନ,ପ୍ରଶାସନ, ସାହିତ୍ୟ,ଏଜେନସିପ୍ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତିରେ ସମାପ୍ତକରି ଆତ୍ମତୃପ୍ତି ଲାଭ କରିବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ସ୍ଥଗିତ ରହିଯାଇଥିବା କାମର ପୁନଃଆରମ୍ଭ ପାଇଁ ଯୋଜନା କରିପାରନ୍ତି। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ବିବାଦୀୟ ମାମଲା, ଜମିଜମା ସମସ୍ୟା ସମ୍ପର୍କୀୟ ଚିନ୍ତାରେ ମନ ଉଦ୍ୱିଗ୍ନ ରହିବ। କୌଣସି ସରକାରୀ ସାହାଯ୍ୟର ସୂଚନା ପାଇବେ।

**ମୀନ** ପାଖପଡୋଶୀଙ୍କ ସାହାଯ୍ୟ, ସହଯୋଗରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ବନ୍ଧୁଙ୍କ ଆଦର ସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ଅକ୍ଟୋବର ୨୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦିବା ଘ୭।୧୨ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୬ମି. ଗତେ, ଘ୬।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୫ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।

## ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗ

# ଅନୁଗୋଳ ଜିଲା ଭାଜପା ସଭାପତି ଗିରଫ

ଅନୁଗୋଳ ଅଫିସ୨୮।୧୦

ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ଟାଇଁସି ଅଞ୍ଚଳର ତ୍ରିନାଥ ସାହୁଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୋଲିସ-ଜନତା ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଏହି ହିଂସାକାଣ୍ଡ ପାଇଁ ଆନ୍ଦୋଳନାରୀଙ୍କୁ ଉସ୍କାଇଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ଗିରଫ କରାଯାଇଛି। ଅନୁଗୋଳ ପୋଲିସ ଖୋର୍ଦ୍ଧା ଜିଲା ମେଣ୍ଢାଶାଳରୁ ପ୍ରଧାନ ଓ ତାଙ୍କ ଡ୍ରାଇଭର ବଇଣ୍ଡା ପାପସରା ଅଞ୍ଚଳର ବିପିନ ବିହାରୀ ସାହୁଙ୍କୁ ଗିରଫ କରିଛି। ପ୍ରଧାନଙ୍କ ବିରୋଧରେ ୧୯ଟି ଦଫାରେ ମାମଲା ହୋଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି। ପୋଲିସ କହିଛି, ବାଘୁଣୀ ଆକ୍ରମଣରେ ତ୍ରିନାଥଙ୍କ ମୃତ୍ୟୁ ହେବା ପରେ ମୃତଦେହ ରଖି ଲୋକେ ମୁଣ୍ଡାସାହି ଛକଠାରେ ଗତ ୨୧ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସମୟରେ ପୋଲିସ ଉପରକୁ ଢେଲା ମାଡ, ଗାଡି ଭଙ୍ଗାରୁଜା, ପୋଡାଜଳା କରିବା, ପୋଲିସ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଜନତାଙ୍କୁ ଉତ୍ତେଜିତ କରିବାରେ ଭାଜପାର ଜିଲା ସଭାପତିଙ୍କ

**■ମେଣ୍ଢାଶାଳରୁ ଉଠାଇନେଲା ଜିଲା ପୋଲିସ**

ସମ୍ପୃକ୍ତି ରହିଥିଲା। ଏ ନେଇ ତାଙ୍କ ନାମରେ ପୂର୍ବରୁ ପୁରୁଣାକୋଟ ଥାନାରେ ନଂ. ୨୩, ୨୪, ୨୫, ୨୬ ଓ ୨୮/୧୮ ଏବଂ ଜରପଡା ଥାନାରେ ନଂ. ୧୯୫, ୧୯୬, ୧୧୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଭାଗୀରଥି ଗତ ୨୨ ତାରିଖରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ତାଙ୍କୁ ଗାଡ଼ିକୁ ପିଛା କରି ମେଣ୍ଢାଶାଳରୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ମାଇନା ପରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଜିଲା ସଭାପତିଙ୍କୁ ଆକ୍ରୋଶମୂଳକ ଭାବେ ପୋଲିସ ଗିରଫ କରିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଦଳ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ଏହି ଗିରଫଦାରୀକୁ ନିନ୍ଦା କରାଯାଇଛି।




# ପଦଯାତ୍ରା, ସମାବେଶ ପାଇଁ ମିଳିଲାନି ଅନୁମତି

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ଆସିବାର କାର୍ଯ୍ୟକ୍ରମ ଥିଲା। ନଭେମ୍ବର ୫ରେ ଭୁବନେଶ୍ୱରଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ବିଶାଳ ସମାବେଶ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ରାଜ୍ୟ ସରକାର ନବ ନିର୍ମାଣ ସଙ୍ଗଠନର ଏହି ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ଦେଇ ନାହାନ୍ତି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଅକ୍ଷୟ କୁମାର କହିଛନ୍ତି ଯେ, ସରକାର ଗତଥର ରାଜଧାନୀକୁ ଆସିବା ପାଇଁ ଚାଷୀଙ୍କୁ ମନାକଲେ। ଏଥର ଚାଷୀଙ୍କୁ ରାଜରାସ୍ତାରେ ଚାଲିବାକୁ ମନା କରିଛନ୍ତି। ସରକାର ଗଣତନ୍ତ୍ରର ତଣ୍ଟି ଚିପିବାକୁ ଯାଉଛନ୍ତି। ରାଜ୍ୟ ସରକାର ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି। ସରକାର ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ପ୍ରଦାନ କରି ନାହାନ୍ତି। ଚାଷୀଙ୍କୁ ଗାଁ ଗାଁରେ ସରକାର ଧମକାଉଛନ୍ତି। ପୂର୍ବ ସୂଚନା ମୁତାବକ ଚାଷୀମାନେ ପଦଯାତ୍ରାରେ ଆସିବେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯେଉଁଠି ଅଟକାଇବାକୁ ଚେଷ୍ଟା କରାଯିବ ସେଠାରେ ପ୍ରତିବାଦ କରାଯିବ ବୋଲି ଅକ୍ଷୟ କହିଛନ୍ତି।

# ପୁରୀ ହିଂସା: ଆଉ ୫ ଗିରଫ

ପୁରୀ ଅଫିସ,୨୮।୧୦

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ହିଂସାରେ ଗିରଫଙ୍କ ସଂଖ୍ୟା ଶହେ ଅତିକ୍ରମ କରିଛି। ପୂର୍ବରୁ ପୋଲିସ ୧୦୦ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହି ହଜୁରି ଲେନ୍‌ର ବାସୁଦେବ ଓରଫ୍ ପଦ୍ମନାଭ ଖୁଣ୍ଟିଆ, ମାଟିମଣ୍ଡପ ସାହିର ସଞ୍ଜୟ କୁମାର ଗୌଡ଼, ଜଗା ଓରଫ୍ ଅଜୟ ସାହୁ, ବାସେଳି ସାହିର କାହ୍ନା ଓରଫ୍ ସନ୍ତୋଷ ପାତ୍ର ଓ ପିଡବ୍ଲୁଡି କଲୋନୀରେ ରହୁଥିବା ଚନ୍ଦନପୁର ଥାନା ବୀରନରସିଂହପୁରର କାଳୁ ଚରଣ ଦାଶ। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ବାସୁଦେବ ଏବଂ ଟାଉନ ଥାନା ପୋଲିସ କେସ୍ ନଂ. ୧୬୭/୧୮ରେ ସଞ୍ଜୟ, କାହ୍ନା, ଜଗା ଓ କାଳୁଚରଣଙ୍କୁ ଗିରଫ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ଏହି ହିଂସା ଘଟଣାରେ ପ୍ରମୁଖ ସେବାୟତ ତଥା ବିଭିନ୍ନ ରାଜନୈତିକ ଦଳର ଛାମୁଆ କର୍ମୀଙ୍କ ନାଁ ରହିଛି। କିନ୍ତୁ ପୋଲିସ ସେମାନଙ୍କୁ ଗିରଫ କରିପାରି ନାହିଁ। ଏହି ପ୍ରମୁଖ ସେବାୟତ ଏବେ ପୁରୀ ବାହାରେ ଆତ୍ମଗୋପନ କରିଛନ୍ତି। କୋର୍ଟ ଖୋଲିଲେ ସେମାନେ ଆଗୁଆ ଜାମିନ ପାଇବାରେ ସକ୍ଷମ ହେବେ। ପୋଲିସ ଏଥିପାଇଁ ସୁଯୋଗ ଦେଉଥିବା ଚର୍ଚ୍ଚା ହେଉଛି।






କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ– କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ – ଆଧାରକୁ ଗଠନ କରିପାରେ। ଏହି ତ ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ।

–ଶ୍ରୀଅରବିନ୍ଦ

# ଦାୟିତ୍ୱହୀନତାର ପରିଚୟ

ଭାରତ ସରକାର ୨୦୧୦ ଅକ୍ଟୋବରରେ ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି। ହାତୀବଂଶ ସୁରକ୍ଷିତ ରଖିବା ପାଇଁ ସରକାରୀ ଭାବେ ଏଭଳି ପଦକ୍ଷେପ ନିଆଯାଇଥିଲା। ୨୦୧୭ ହାତୀଗଣନା ଅନୁଯାୟୀ ଭାରତରେ ୨୭,୩୧୨ ହାତୀ ଅଛନ୍ତି। ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୧,୯୭୬ ଗଣନା କରାଯାଇଥିଲେ ମଧ୍ୟ କ୍ରମାଗତ ବିପଦ ଏହି ପ୍ରାଣୀର ବଂଶ କମାଇବାରେ ଲାଗିଛି। ୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ଆଘାତରେ ଏକାଥରକେ ୭ ହାତୀଙ୍କ ମୃତ୍ୟୁ ଘଟିବା ଏବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀଙ୍କ ମୃତ୍ୟୁ ଘଟିଛି। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ–୧୯୫୬ର ଧାରା ୭୭ ଏବଂ ୮୦ ଅନୁଯାୟୀ, ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ୍ ତାରର ଉଚ୍ଚତା ୧୭ ଫୁଟ୍ ହେବା କଥା। ଏବେ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛି। ଏହାର କର୍ତ୍ତୃପକ୍ଷ କହୁଛନ୍ତି ଯେ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ପଡ଼ିଥିଲା ସେ ବିଷୟରେ ବନ ବିଭାଗ ପୂର୍ବରୁ ଜଣାଇ ନ ଥିଲା। ଅନ୍ୟପକ୍ଷରେ ବନ ବିଭାଗ ଏ ବିଷୟ ସେସୁକୁ ପୂର୍ବରୁ ଜଣାଇଥିଲା ବୋଲି କହିଛି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଲାବୁଲା କରୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ତାରଗୁଡ଼ିକୁ କେବୁଲ କରାଯିବା ସହ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା କରିବାକୁ ୨୭ କୋଟି ଟଙ୍କା ଦିଆଯାଇଥିବା କଥା ବନ ବିଭାଗ କହିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଜଙ୍ଗଲ ବିଭାଗ ଏଭଳି ବିପଦର ସଂକେତ ପାଇଥିଲା, ତେବେ କେବଳ ଚିଠିଟିଏ ପଠାଇ ଚୁପ୍ ରହିଗଲା କାହିଁକି। ସରକାରଙ୍କ ଶକ୍ତି ଓ ଜଙ୍ଗଲ ବିଭାଗ ପରସ୍ପରର ଅପାରଗତା ଲୁଚାଇବାକୁ ଯାଇ ଯେଉଁଭଳି ଦୋଷ ଲଦାଲଦି ହେଉଛନ୍ତି, ତାହାକୁ ଦେଖି ବୁଝି ହେଉଛି ହାତୀଙ୍କ ସୁରକ୍ଷା ପାଇଁ କାହାରି ଦରଦ ନାହିଁ। ଅମଲାତନ୍ତ୍ରର ଘୋର ବିଫଳତା ଓ କାର୍ଯ୍ୟ ପ୍ରତି ଉଦାସୀନତାର ଏହା ଆହୁରି ଏକ ପ୍ରମାଣ।

ଭାରତୀୟ ରେଳପଥ ପକ୍ଷରୁ କମଳାଙ୍ଗ ଅଞ୍ଚଳରେ ଏକ ପୋଲ ନିର୍ମାଣ ଲାଗି ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ସେଥିପାଇଁ ସେସୁ ସମ୍ପୃକ୍ତ କମ୍ପାନୀକୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦେଇଥିଲା। କାମ ଶେଷ ହେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସେହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଆରମ୍ଭରେ ତାର ସଂଯୋଗ କରାଯାଇଥିବା ବେଳେ ଏହାର ଉଚ୍ଚତା ପ୍ରତି ନଜର ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଏହି ହାଇଟେନ୍‌ଶନ ତାରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିବା ବେଳେ ମଧ୍ୟ କେହି ତାହାର ତଦାରଖ କରି ନ ଥିଲେ। ଫଳରେ ତାର ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଦୀର୍ଘଦିନ ଧରି ଓହଳି ରହିଥିଲା। ସେସୁ ସବୁ ପ୍ରକାର ନିୟମକୁ ଜଳାଞ୍ଜଳି ଦେଇଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁଦିନ ଧରି ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ଓହଳି ରହୁଥିବା ଦେଖାଯାଉଛି। ଏହା ଯେକୌଣସି ସମୟରେ ବଡ଼ ଦୁର୍ଘଟଣାକୁ ଡାକି ଆଣିପାରେ। ବନ ବିଭାଗର ସୂଚନା ମିଳିଥିଲେ ହାତୀ ମୃତ୍ୟୁ ଘଟିଥିବା ଅଞ୍ଚଳକୁ ଯାଇ ପରିସ୍ଥିତି ନିରେଖି ଥାଆନ୍ତେ ବୋଲି ସେସୁ ପକ୍ଷରୁ କୁହାଯାଉଛି। ଏପଟେ ରେଳପଥ ପାଇଁ ପୋଲ ନିର୍ମାଣ କରୁଥିବା ଘରୋଇ ସଂସ୍ଥା ତା'ର କାର୍ଯ୍ୟ ଶେଷ ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଲାଗି ସେସୁକୁ ଖବର ଦେଇ ନ ଥିଲା। ଏପରିକି ଭାରତୀୟ ରେଳପଥ ମଧ୍ୟ ପୋଲ ନିର୍ମାଣ ଘରୋଇ ସଂସ୍ଥାକୁ ଦେଇ ନିଜ ଦାୟିତ୍ୱରୁ ଖସିଯାଇଥିଲା। ଏଭଳି ବ୍ୟବହାର ଭାରତୀୟ ବ୍ୟବସ୍ଥାର ଗତାନୁଗତିକ ଚରିତ୍ର।

ଜଙ୍ଗଲ ଓ ପରିବେଶ ବିଭାଗ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଉ ନ ଥିବାରୁ ଅନେକ ସମୟରେ ଶିକାରୀଙ୍କ ଉପଦ୍ରବ ବଢୁଛି। ଦେଖାଯାଉଛି ଜଙ୍ଗଲ ଜଗୁଥିବା କର୍ମଚାରୀଙ୍କୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ସ୍ଥାନରେ ଅନଭିଜ୍ଞ ଓ ବୟସ୍କ ବ୍ୟକ୍ତି ବନରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ବନ ବିଭାଗ କର୍ମଚାରୀ ଓ ଅସାଧୁ ବ୍ୟକ୍ତିଙ୍କ ମଧ୍ୟରେ ବୁଝାମଣା ସମସ୍ତଙ୍କୁ ଜଣା। ତେବେ ଯେଉଁଠି ଯେତେବେଳେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତି ଉପୁଜୁଛି ସେତେବେଳେ ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ମତାମତ ରଖି ନିଜ କାର୍ଯ୍ୟ ଶେଷ କରୁଛନ୍ତି। ବନ ବିଭାଗର ଅପାରଗତା ବାଘୁଣୀ 'ସୁନ୍ଦରୀ' ଘଟଣାରୁ ମଧ୍ୟ ସ୍ପଷ୍ଟ ବୁଝାପଡ଼ିଛି।

ଢେଙ୍କାନାଳରେ ୭ ହାତୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସେସୁର କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ସେସୁର ୩ ଜଣ ଅଧିକାରୀ ଓ କର୍ମଚାରୀ ଏବଂ ଜଙ୍ଗଲ ବିଭାଗର ୩ ଜଣଙ୍କୁ ନିଲମ୍ବିତ କରାଯାଇଛି। କୌତୂହଳର ବିଷୟ ହେଉଛି ସେସୁର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ଯାହାଙ୍କ କାର୍ଯ୍ୟ ଅଫିସ ଭିତରେ ସୀମିତ ରହେ, ତାଙ୍କୁ ନିଲମ୍ବିତ କରାଯିବା ସହିତ ନିମ୍ନ ସ୍ତରରେ ଥିବା ସହକାରୀ ଯନ୍ତ୍ରୀ ଓ ଲାଇନ୍‌ମ୍ୟାନ୍‌ଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେହିଭଳି ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ଗାର୍ଡଙ୍କ ଭଳି ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ବାସ୍ତବରେ ଯେଉଁମାନେ ଦାୟୀ ଓ ଜିଲା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୁହାଯାଉଛି ଯେ କେତେକ ଅଫିସରଙ୍କ ଉପରେ ହାତ ଥିବାରୁ ସେମାନଙ୍କୁ ଏହି ଦଣ୍ଡରୁ ବାଦ୍ ପକାଇ ଦିଆଯାଇଛି। ଏହାଫଳରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସନ୍ଦେହ କରାଯାଇପାରେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତୀ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ଗଲେ ଜନସାଧାରଣଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ସକାଶେ ସରକାରୀ ନିୟମ ଅନୁଯାୟୀ କେତେ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ପରିସ୍ଥିତିର ଗମ୍ଭୀରତା ଦେଖିଲେ ଏତେ ବଡ଼ ପ୍ରାଣୀଙ୍କ ଜୀବନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ହୋଇଥିବାରୁ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। ତାହା ହେଲେ ଅନ୍ୟ ସ୍ଥାନଗୁଡ଼ିକରେ ଉଚିତ ସୁରକ୍ଷା ପଦକ୍ଷେପ ନେବା ପାଇଁ ଏହିଭଳି ସରକାରୀ କର୍ମଚାରୀମାନେ ଦାୟିତ୍ୱବାନ୍ ହେବେ।



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

# ଅକ୍ଟୋବରରେ ବାତ୍ୟା ଭୟ

ଅକ୍ଟୋବର ମାସ ଆସିଲେ ଉପକୂଳବାସୀଙ୍କ ମନରେ ଯେଉଁ କୋକୁଆଭୟ ସଞ୍ଚରିତ ହୁଏ, ସେ ଭୟର କାରଣ ହେଲା ସାମୁଦ୍ରିକ ଝଡ ବା ବାତ୍ୟା। ଧାନଚାଷର ଆର୍ଥିକ ମେରୁଦଣ୍ଡ ଉପରେ ଦଣ୍ଡାୟମାନ ଚାଷୀର ଅଣ୍ଟା ଭାଙ୍ଗିଦିଏ ଏ ବାତ୍ୟା। ଖରିଫ ଚାଷର ଲଘୁଧାନ ପାଚି ଆସେ ଅକ୍ଟୋବରରେ ଓ ସେ ସମୟରେ ଅନ୍ୟ ଧାନରେ କେଣ୍ଡା ବାହାରି, ଧାନ ହାଟ କରୁଥାଏ ବୋଲି ଚାଷୀ କୁହନ୍ତି। ସେ ସମୟରେ ବାତ୍ୟା ଧାନ କେଣ୍ଡାକୁ ଝାଡିଦେଲେ ଚାଷୀ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତଦିଏ। ଉପକୂଳବାସୀଙ୍କ ବଡ ଭୟ ଥାଏ ଦୀପାବଳି ବା ପିମ୍ପେଇ ଅମାବାସ୍ୟାକୁ। ଯଦି କୌଣସି ଚାଷୀଙ୍କୁ ତାଙ୍କ ଫସଲ କିପରି ହୋଇଛି ବୋଲି ପଚରାଯାଏ, ସେ ସଙ୍ଗେ ସଙ୍ଗେ କହେ, ପିମ୍ପେଇ ଅମାବାସ୍ୟା ଘାଟି ପରା ପାର ହୋଇନି। ପୂର୍ବକାଳରେ ଧାନ ସେ ସନ(ବର୍ଷ) ଅମଳ କିପରି ହେବ ବୋଲି ଚାଷୀ ଜ୍ୟୋତିଷ ପଣ୍ଡିତ ଓ ପୁରୋହିତଙ୍କୁ ପଚାରନ୍ତି। ସେମାନେ ପାଞ୍ଜି ଦେଖି ଗଣନା କରି କହନ୍ତି ସେ ସନ 'କେଲୁଣି ହାତରେ ଅଡା' (ଭଲ ଉତ୍ପାଦନ) ନା 'ବ୍ରାହ୍ମଣୀ ହାତରେ ଅଡା' (କମ୍ ଉତ୍ପାଦନ) ହେବ। ଏବେ ଦେଶ ଓ ରାଜ୍ୟର ପାଣିପାଗ ବିଭାଗ ଓ କୃଷି ବିଭାଗ, ବର୍ଷା ଓ ବାତ୍ୟା ସମ୍ଭାବନାର ପୂର୍ବାନୁମାନ କରି ସୂଚାଇ ଦିଅନ୍ତି ସେ ବର୍ଷ ଭଲ ଫସଲ ଅମଳ ହେବ ନା ଅମଳ କମିଯିବ। ଆମ ରାଜ୍ୟ ଅଧିକ ବାତ୍ୟାପ୍ରବଣ। ଅତୀତରେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଧିକ ଥର ବାତ୍ୟା ହୋଇଛି। ୧୮୯୧ରୁ ୨୦୦୦–୧୦୯ ବର୍ଷରେ ରାଜ୍ୟରେ ୯୮ ଥର ବାତ୍ୟା ହୋଇଛି, ଅର୍ଥାତ୍ ବର୍ଷକୁ ହାରାହାରି ଗୋଟିଏ। ଏବେ ଆଲୋଚନା କରିବା ବାତ୍ୟା ଉତ୍ପନ୍ନ ହୁଏ କିପରି।

ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ସମୁଦ୍ର ଅଶାନ୍ତ ହୁଏ। ସମୁଦ୍ର ବକ୍ଷ ଆନ୍ଦୋଳିତ ହୋଇ ବାତ୍ୟା ସୃଷ୍ଟି ହୁଏ। ଜଳରେ ଅମ୍ଳଜାନ ଦ୍ରବୀଭୂତ ହୋଇ ଥିବାରୁ ସେଥିରେ ମାଛ, କଙ୍କଡା, ଅନ୍ୟ ଜୀବ ଓ ଜଳଜ ଉଦ୍ଭିଦ ବଞ୍ଚି ରହନ୍ତି। ସାଧାରଣତଃ ଏକ ଲିଟର ଜଳରେ ପାଖାପାଖି ୮ ମିଲିଗ୍ରାମ୍ ଅମ୍ଳଜାନ ଦ୍ରବୀଭୂତ ହୋଇଥାଏ। ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ଦ୍ରବୀଭୂତ ଅମ୍ଳଜାନର ଭାଗ କମିଯାଏ। ଏ ଭାଗ ୨ ପ୍ରତିଶତ କମିଲେ ବାତ୍ୟା ସୃଷ୍ଟି ହୁଏ। ସମୁଦ୍ର ଉପରିସ୍ଥ ବାୟୁ ସୂର୍ଯ୍ୟରଶ୍ମିରେ ଉତ୍ତପ୍ତ ହେଲେ ତାହା ଜଳକଣା ଧରି ଊର୍ଦ୍ଧ୍ୱକୁ ଉଠେ। ବାୟୁର ସେ ଜାଗା ପୂରଣ କରିବାକୁ ଆଖପାଖ ଶୀତଳ ବାୟୁ ସେଠାକୁ ପ୍ରବାହିତ ହୁଏ। ବାୟୁ ଯେତେ ଅଧିକ ଉତ୍ତପ୍ତ ହେବ, ଏ ପ୍ରକ୍ରିୟା ସେତେ ତ୍ୱରାନ୍ୱିତ ହେବ ଓ ଜଳୀୟ ବାଷ୍ପର ଘନତ୍ୱ ସେତେ ବୃଦ୍ଧି ପାଇବ। ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟା ଯୋଗୁ ଏ ଊର୍ଦ୍ଧ୍ୱଗାମୀ ଜଳୀୟ ବାଷ୍ପ ଗତିଶୀଳ ହୋଇ ଝଡ଼ ସୃଷ୍ଟି କରେ। ଏ ଝଡ଼ର ବେଗ ନିର୍ଭର କରେ ସମୁଦ୍ର ଜଳର ଉତ୍ତାପ ଓ ସ୍ଥଳଭାଗ ଉତ୍ତାପର ତାରତମ୍ୟ ଉପରେ। ଗ୍ରୀଷ୍ମମଣ୍ଡଳୀୟ ସମୁଦ୍ର ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରର ଜଳ ସୂର୍ଯ୍ୟଙ୍କ ରଶ୍ମିରେ ଅଧିକ ଉତ୍ତପ୍ତ ହୁଏ। ଆରବ ସାଗର ତୁଳନାରେ ବଙ୍ଗୋପସାଗର ଜଳ ଅଧିକ ଉତ୍ତପ୍ତ ହୁଏ। ଫଳରେ ଆମ ପୂର୍ବ ଉପକୂଳ ଅଧିକ ବାତ୍ୟାପ୍ରବଣ। ଯେତେବେଳେ ଜଳ ଉପରିସ୍ଥ ଉତ୍ତାପ ପାଖାପାଖି ୨୯ ଡିଗ୍ରୀ ଓ ୧୫୦ ଫୁଟ ତଳେ ଜଳର ଉତ୍ତାପ ୨୬ ଡିଗ୍ରୀ ସେଲ୍‌ସିୟସ ଛୁଏଁ ସେତେବେଳେ ସମୁଦ୍ରବକ୍ଷରେ ବଡ଼ ବାତ୍ୟା ଉତ୍ପନ୍ନ ହୁଏ ବୋଲି କୁହାଯାଉଛି।

ଏବେ ଆଲୋଚନା କରିବା ଅକ୍ଟୋବର ମାସରେ ବାତ୍ୟାକୁ ଏତେ ଭୟ କାହିଁକି। ପୂର୍ବରୁ କୁହାଯାଇଛି ଯେ କମ୍ ଉତ୍ତପ୍ତ ସ୍ଥଳଭାଗ ଓ ଅଧିକ ଉତ୍ତପ୍ତ ଜଳଭାଗ ବାତ୍ୟା ଉତ୍ପନ୍ନର କାରଣ। ଏପରି ପରିସ୍ଥିତି ସୃଷ୍ଟି ହୁଏ ମୌସୁମୀ ପ୍ରବାହ ପରେ ପରେ, ଅକ୍ଟୋବର ଓ ପର ମାସରେ ମଧ୍ୟ। ଏ ସମୟ ବାତ୍ୟା ପାଇଁ ଅନୁକୂଳ। ୧୯୯୯ରେ ଦୁଇଟି ବାତ୍ୟା ଅକ୍ଟୋବରରେ ଆସିଥିଲା। ୨୯ ତାରିଖରେ ଘଟିଥିବା ମହାବାତ୍ୟା ପୂର୍ବରୁ ୧୮ ତାରିଖରେ ଗଞ୍ଜାମ ଉପକୂଳରେ ବାତ୍ୟା ଦେଖା ଦେଇଥିଲା। ମହାବାତ୍ୟାରେ ୧୦ ହଜାର ପର୍ଯ୍ୟନ୍ତ ଲୋକ ଓ ଅଜସ୍ର ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା। ସମୁଦ୍ରରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତରଙ୍ଗ ଉପକୂଳ ଅଞ୍ଚଳକୁ ମାଡି ଆସିଥିଲା। ଜାତିସଂଘ ଇତିହାସ କହେ, ଏ ମହାବାତ୍ୟା ସେ ସମୟରେ ବିଶ୍ୱରଏକ ବଡ ବିପର୍ଯ୍ୟୟ ଥିଲା। ୨୦୧୩ ଅକ୍ଟୋବର ୧୨ରେ ଗଞ୍ଜାମ, ଗଜପତି ଜିଲାରେ ଆତଙ୍କ ଖେଳାଇ ଦେଇଥିଲା ବାତ୍ୟା ଫାଇଲିନ। ଫାଇଲିନ ବାତ୍ୟାର ବର୍ଷ ପୂର୍ତ୍ତି ପାଳନ ପାଇଁ ପରବର୍ଷ (୨୦୧୪) ଅକ୍ଟୋବରର ସେହି ୧୨ ତାରିଖରେ ମାଡିଆସିଥିଲା ବାତ୍ୟା ହୁଡ୍‌ହୁଡ୍। ତା'ର ଆଗମନ ପ୍ରଚାର ହେବା ସଙ୍ଗେ ସଙ୍ଗେ ଲୋକମାନେ ଭୟରେ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। ଏ ବଡ଼ ବାତ୍ୟା ସାଙ୍ଗକୁ ଅନେକ ଛୋଟ ବାତ୍ୟା ସେ ସମୟରେ ଉତ୍ପନ୍ନ ହୋଇଥିଲା ଅକ୍ଟୋବର ମାସରେ। ସେସବୁ ସ୍ଥଳଭାଗ ଛୁଇଁବା ଆଗରୁ ସମୁଦ୍ରରେ ଲୀନ ହୋଇଯାଇଥିଲା ଅଥବା ଅନ୍ୟ ଦେଶଆଡେ ମାଡିଯାଇଥିଲା। ଅକ୍ଟୋବର ପୂର୍ବରୁ ଓ ପରେ କେତେକ ବାତ୍ୟା ହୋଇଥିଲେ ମଧ୍ୟ ସେ ସବୁ ଧାନ ଉତ୍ପାଦନରେ ବିଶେଷ କ୍ଷତି ଘଟାଇ ନ ଥିଲେ। ଚଳିତବର୍ଷ ସେପ୍ଟେମ୍ବର ୨୧ରେ ସାମୁଦ୍ରିକ ଝଡ 'ଡାଏ' ଖୋର୍ଦ୍ଧା ଓ ଗଜପତି ଜିଲାରେ କିଛି ଘର ଓ ବୃକ୍ଷ ଭାଙ୍ଗିବା ବ୍ୟତୀତ ଧାନଚାଷର କ୍ଷତି କରି ନ ଥିଲା। ତା'ପରେ ଅକ୍ଟୋବର ୧୦ ଓ ୧୧ରେ ଆସିଲା ବାତ୍ୟା ତିତ୍‌ଲି। ଏଥିରେ ରାଜ୍ୟର ବହୁ ଲୋକଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଏଠି ମନରେ ପ୍ରଶ୍ନ ଆସେ ଏ ବାତ୍ୟା ଉପରେ ଲଗାମ ଦେଇ ହେବ ନା ନାହିଁ! କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ସାଙ୍ଗକୁ ମନୁଷ୍ୟ ଦ୍ୱାରା କରାଯାଉଥିବା ପରିବେଶ ଅବକ୍ଷୟ ବାତ୍ୟା ସୃଷ୍ଟି କରୁଛି। ପ୍ରାକୃତିକ ପ୍ରକ୍ରିୟାଗୁଡିକ ହେଲା ପୃଥିବୀର ଘୂର୍ଣ୍ଣନ, ସାମୁଦ୍ରିକ ସ୍ରୋତ ଏଲ୍‌ନିନୋ ଓ ସୂର୍ଯ୍ୟରଶ୍ମି ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳରେ ତାପମାନରେ ତାରତମ୍ୟ। ବିଷୁବମଣ୍ଡଳୀୟ ଅଞ୍ଚଳରେ ତାପମାନ ୫୦ ଡିଗ୍ରୀ ସେଲ୍‌ସିୟସ ବେଳେ ମେରୁ ଅଞ୍ଚଳରେ ତାପମାନ ଶୂନ୍ୟ ବା ବିଯୁକ୍ତ ଡିଗ୍ରୀ। ଘନଘନ ଝଡବାତ୍ୟା ସୃଷ୍ଟିର ପ୍ରମୁଖ କାରଣ ହେଲା, ମନୁଷ୍ୟକୃତ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି। ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସ ହେଲା ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି। ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ତଥ୍ୟରୁ ଜଣାଯାଇଛି ଯେ, ୧୯୭୦–୭୧ ମସିହା ବେଳକୁ ହିମାଚଳପ୍ରଦେଶର ସର୍ବୋଚ୍ଚ ତାପମାତ୍ରା ୨୮.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ୨୦୧୪–୧୫ ମସିହାରେ ଏହା ୩୩.୭ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇଥିଲା। ୨୦୦୧ରେ ସିମଲାର ସର୍ବୋଚ୍ଚ ତାପମାତ୍ରା ୨୨.୮ ଡିଗ୍ରୀ ଥିଲାବେଳେ ୨୦୧୨ ଜୁନ୍‌ରେ ଏହା ୩୦ ଡିଗ୍ରୀ ସେଲ୍‌ସିୟସ ହୋଇଥିଲା। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ବାୟୁରେ ଅଙ୍ଗାରକାମ୍ଳ ଭାଗ ବୃଦ୍ଧି। ଏକ ଅନ୍ତର୍ଦ୍ଦେଶୀୟ ସଂଗଠନ ରିପୋର୍ଟ ଅନୁସାରେ ପୃଥିବୀରୁ ବାର୍ଷିକ ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନକୁ ୨–୩ ଟନ୍‌ରେ ସୀମିତ ରଖିଲେ, ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧିରେ ଲଗାମ ଦେଇ ହୁଅନ୍ତା। କିନ୍ତୁ ନିର୍ଗମନ ହେଉଛି ମୁଣ୍ଡ ପିଛା ୪.୮ ଟନ୍ ବୋଲି ୨୦୧୫ରେ ଆକଳନ କରାଯାଇଥିଲା। ଭୁବନେଶ୍ୱରରୁ ମୁଣ୍ଡ ପିଛା ଦୈନିକ ୪ କିଲୋଗ୍ରାମ୍ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାର ଖବର ୨୦୦୮ରେ ପ୍ରକାଶ ପାଇଥିଲା। ଶିଳ୍ପ ବିପ୍ଳବ ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭାଗ ୨୦ ନିୟୁତାଂଶ ଥିବାବେଳେ ଏହା ଏବେ ୪୦୦ ନିୟୁତାଂଶ ହେବାକୁ ଯାଉଛି। ଯାନବାହନ, ବିଜୁଳିଶକ୍ତି ଓ ଇଣ୍ଟରନେଟ୍ ବ୍ୟବହାର ବଢିବାକୁ ତାଳଦେଇ ଅଙ୍ଗାରକାମ୍ଳ ନିର୍ଗମନ ବଢି ବଢି ଚାଲିଛି। ଏସବୁର ବହୁଳ ଅପବ୍ୟବହାରରେ ଲଗାମ ଦେଲେ ଅଙ୍ଗାରକାମ୍ଳ ନିର୍ଗମନ କମାଇପାରିବା। ବାୟୁରେ ଅଙ୍ଗାରକାମ୍ଳ ଭାଗ କମାଇବାର ସହଜ ଉପାୟ ହେଲା ବ୍ୟାପକ ବୃକ୍ଷରୋପଣ। ଏସବୁ ପ୍ରତି ଆମର ନିଘା ରହିଲେ ଘନ ଘନ ବାତ୍ୟା ଉତ୍ପନ୍ନରେ କିଛିଟା ଲଗାମ ଦେଇପାରିବା।

କୋଟିତୀର୍ଥ, ଭୁବନେଶ୍ୱର–୨,
ମୋ–୭୦୦୮୮୪୬୨୭୨



ଅଞ୍ଜନ ଚାନ୍ଦ

# ମର୍ତ୍ତ୍ୟ ସୁଖ

ଆଚ୍ଛା, ଏଇ ଯେଉଁ କହୁଛ ମରିଯିବା ପରେ ସ୍ୱର୍ଗକୁ ଯିବ, କାହିଁକି ଯିବ ? ସ୍ୱର୍ଗକୁ ଗଲେ କ'ଣ ମଣିଷରୁ ଦେବତା ହୋଇଯିବ ? ଆଗରୁ କେବେ ଏମିତି ହୋଇଛି ? ଯଦି ହୋଇଛି ମଣିଷରୁ ଦେବତା ହୋଇଥିବା ସେମାନଙ୍କର ନାମ କ'ଣ ? ହଉ, ମନେକର ତୁମେ ସ୍ୱର୍ଗକୁ ଯାଇ ଜଣେ ଦେବତା ହେଲ, ସେଥିରୁ ଲାଭ କ'ଣ ମିଳିବ ? ପୁରାଣରୁ ଜଣାଯାଏ ସ୍ୱର୍ଗରେ ବିବିଧତା ବୋଲି କିଛି ନାହିଁ। ଆମର ଏଠି ନୀତିରୁ ରାଜନୀତି କେତେ କେତେ ଭେରାଇଟି।

ଆମେ ସକାଳେ ଉଠିଲୁ, ଖାଇଲୁ ବ୍ରେକ୍‌ଫାଷ୍ଟ। ଦି'ପହରେ ଲଞ୍ଚ। ରାତିରେ ଡିନର, ଛକରେ ଚା ପାନ। ଫୁଟ୍‌ପାଥରେ ଫାଷ୍ଟଫୁଡ୍। ବଡ ହୋଟେଲରେ ହରେକ ରକମର ଡିସ୍। ଗାଁର ଚିଙ୍ଗୁଡି ସେଠି ହୋଇଯିବ ପ୍ରନ୍। ଛତୁ ମସ୍‌ରୁମ୍।

ସ୍ୱର୍ଗରେ ଖାଇବ କ'ଣ ? ସକାଳେ ଅମୃତ। ଖରାବେଳେ ଅମୃତ। ରାତିରେ ସେଇ ଅମୃତ।

ଗୋଟେ ଖାଦ୍ୟକୁ କେତେଥର ଖାଇବ।

ଖାଇ ଖାଇ ଚିଟା ଲାଗିବ। ଶେଷରେ ଫାଣ୍ଡିଚ୍ଛକ ଗୁପ୍‌ଚୁପ୍ ଦୋକାନର ଖଟାପାଣିକୁ ଝୁରିହେବ।

ଆଲଣାରେ ଆମର କେତେ ରକମର ପୋଷାକ। ସ୍ତ୍ରୀମାନେ ତ ଆଲମିରାରେ ଦୋକାନ ସାଇତିଛନ୍ତି। ରାତିରେ ଶୋଇବୁ ସ୍ଲିପିଂ ଗାଉନ। ବାଥ୍‌ରୁମରେ ତଉଲିଆ, ଗାମୁଛା। ଅଫିସ, ବଜାରକୁ ପ୍ୟାଣ୍ଟ ଶାର୍ଟ। ଫଙ୍କ୍‌ଶନ ଗଲେ ସୁଟ୍ କୋଟ୍। ଲେଡିସ ଭେରାଇଟି କେତେ, ଆଲାଦିନର କୁହୁକ ଦୀପରୁ ବାହାରିଥିବା ଜିନ୍ ବି ଗଣିପାରିବ ନାହିଁ।

ଦେବତା ହେଲେ କ'ଣ ହେବ ?

ଗୋଟେ କଷ୍ଟ୍ୟୁମ୍‌ରେ ଜୀବନ ବିତିବ।

ଆଜିକାଲି ଘରେ ଘରେ ଗାଡ଼ି।

ଘରର ମୁରବି ତେଲ ଦାମ୍ ବୃଦ୍ଧି ବିରୋଧରେ ହରତାଳ କରୁଛନ୍ତି। ସ୍ତ୍ରୀ, ପୁଅ, ଝିଅମାନେ ଗୋଟେ ଲେଖାଏ ଗାଡି ଚଢ଼ି ଲଙ୍ଗ୍ ଡ୍ରାଇଭ କରୁଛନ୍ତି। ସ୍କୁଟି, ବାଇକ, କାର, ଭ୍ୟାନ୍ କେତେ କିସମର ଗାଡି।

ଦେବତାମାନଙ୍କର କ'ଣ ଅଛି ?

ଗରୁଡ, ଷଣ୍ଢ, ହାତୀ, ସିଂହ, ମୟୂର, ମୂଷା।

ତୁମେ ଗଲେ ତୁମକୁ ଗଧ କି କୁକୁରଟିଏ ମିଳିବ।

ସ୍ୱର୍ଗର ସବୁଠୁ ବଡ଼ ଦେବତା ବିଷ୍ଣୁ। ଚାରିପଟେ କେହି ନାହିଁ। ବିଶାଳ ଦରିଆ ମଝିରେ ସାପ ଶେଯରେ ଶୋଇଛନ୍ତି। ଉପରେ ଛାତ ସାପର ଫଣା। ଗୋଡ ପାଖରେ ବସିଛନ୍ତି ଲକ୍ଷ୍ମୀ। ମର୍ତ୍ତ୍ୟରେ ଥିଲେ ସ୍ୱାମୀଙ୍କୁ ଆଙ୍ଗୁଠି ଅଗରେ ନଚାଇଥାନ୍ତେ। ସେଠାରେ ଦିନରାତି ପାଦସେବା କରୁଛନ୍ତି।

ଚାରୋଟି ମୁଣ୍ଡରେ ଚାରୋଟି ପାଚିଲା ଦାଢି ଝୁଲାଇ ଗୋଟେ ପଦ୍ମଫୁଲ ଉପରେ ଦିନରାତି ବସିଛନ୍ତି ବ୍ରହ୍ମା। ଚାରି ମୁହଁରେ ଚାରିବେଦ ଅନର୍ଗଳ ଗାଉଛନ୍ତି। ପାଖରେ ସରସ୍ୱତୀ। ଚବିଶଘଣ୍ଟିଆ ଚାନେଲ ପରି ସବୁବେଳେ ବୀଣା ବଜାଉଛନ୍ତି। ଜାଣିପାରୁନାହାନ୍ତି ଯାହାଙ୍କ ପାଖରେ ବସିଛନ୍ତି ସେ ତାଙ୍କର ପିତା ନା ପତି।

ସବୁଠାରୁ ଦରିଦ୍ର ଅବସ୍ଥା ଶିବଙ୍କର। ଘରଦ୍ୱାର ନାହିଁ। ଶ୍ୱଶୁରଘରୁ କାଣିଚାଏ ନେଇ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ତ୍ରୀ ଓ ପିଲାମାନେ କିଏ କେଉଁଠି ବୁଲୁଛନ୍ତି। ସେ ମଶାଣିକୁ ଯାଇ ଭୂତପ୍ରେତଙ୍କ ସାଙ୍ଗରେ ପାଉଁଶରେ ଗଡୁଛନ୍ତି। ପିନ୍ଧିଛନ୍ତି ବାଘଛାଲ। ବେକରେ ଗୁଡାଇଛନ୍ତି ନାଗସାପ। ମୁଣ୍ଡରେ ଜଟା। ଜହ୍ନ ଓ ଗଙ୍ଗା ସେଠି ଆଡ୍ଡା ମାରୁଛନ୍ତି। ବାହନ ବାସୁଆ ଷଣ୍ଢ। କେତେବେଳେ କେଉଁଠି ଘୂରୁଛି। ମର୍ତ୍ତ୍ୟକୁ ଆସି କାଞ୍ଜିଆହୁଦାରେ ପଶୁଛି। ତାକୁ ମୁକୁଳାଇବାକୁ ଶିବ ବିଚରା ହଟହଟା। ଗଣେଶଙ୍କ ବେକ ଉପରେ ହାତୀଛୁଆର ମୁଣ୍ଡ। ବାହନ ମୂଷା। କାର୍ତ୍ତିକ ସବୁଦିନ ସାନ ହୋଇ ରହିଛନ୍ତି। ତାଙ୍କ ପରେ ଆଉ କେହି ଦେବତା ଜନ୍ମ ହୋଇନାହାନ୍ତି।

ଦେବତାମାନେ ଅଜର ଓ ଅମର। ବୁଢ଼ା ହୁଅନ୍ତି ନାହିଁ କି ମରନ୍ତି ନାହିଁ। ଆମେ ଜନ୍ମ ହେଉ। ଶିଶୁ, କିଶୋର, ତରୁଣ, ଯୁବକ, ପ୍ରୌଢ଼, ବୃଦ୍ଧ ସବୁ ଅବସ୍ଥାକୁ ଭୋଗକରି ଶେଷରେ ମରିଯାଉ।

ମରଣ ଥିବାରୁ ତ ଜୀବନଟା ଏତେ ଆନନ୍ଦମୟ। ଅନ୍ଧାର ନ ଥିଲେ ଆଲୋକର ମହତ୍ତ୍ୱ କ'ଣ ? ଦୁଃଖ ନାହିଁ ତ ସୁଖର କିଛି ମାନେ ନାହିଁ। ନବରସ ଥିବାରୁ ଆମ ଜିହ୍ୱା ସ୍ୱାଦ ବାରୁଛି ଓ ଆମେ ଖୁସିରେ ଖାଉଛୁ। ରାତି ଅଛି। ରାତିରେ ନିଦ ଅଛି। ସେଥିପାଇଁ ସକାଳଟି ସତେଜ ଓ ସୁନ୍ଦର ଲାଗୁଛି। ମଧ୍ୟାହ୍ନର ଧୁ ଧୁ ଖରା ଅଛି ତ ଧୂମ୍ରାଭ ଗୋଧୂଳି କେତେ ଚମତ୍କାର ଲାଗୁଛି। ଗ୍ରୀଷ୍ମ ପରେ ବର୍ଷା, ଶୀତ ପରେ ବସନ୍ତ ଋତୁଚକ୍ରର ଘୂର୍ଣ୍ଣନ ପ୍ରକୃତିକୁ ରମଣୀୟ କରୁଛି।

ତେଣୁ ମୁଁ ମୋର କହିବି, ସ୍ୱର୍ଗଠାରୁ ମର୍ତ୍ତ୍ୟ ଢେର ଭଲ। ଯେତେଥର ମରିବି ଯଦି ପୁନର୍ଜନ୍ମ ଥାଏ ଏଇ ମର୍ତ୍ତ୍ୟରେ ହିଁ ଆଉଥରେ ଜନ୍ମ ନେବାକୁ ଚାହିଁବି।

କଳକୌଶଳ କରି ସରକାରୀ ଚାକିରି ଖଣ୍ଡେ ହାତେଇବି। ଦରମାଠାରୁ ବେଶି ଉପୁରି କମାଇବି। ଚାରି ଛଅଟା ପ୍ଲଟ୍ କିଣିବି। ଦୁଇ ଚାରିଟା କୋଠା ତୋଳିବି। ସ୍ତ୍ରୀକୁ ମାସକୁ ଥରେ ଶାଢ଼ି, ଗହଣା ଦୋକାନକୁ ବୁଲାଇନେବି। ପିଲାମାନଙ୍କୁ ଇଂରାଜୀ ସ୍କୁଲରେ ପଢ଼ାଇବି। ଟିଭି, ଫ୍ରିଜ, ଏସି, ଗାଡି, ଯେତେକ ବିଳାସ ସାମଗ୍ରୀ ଘରେ ଖଞ୍ଜିଦେବି।

ଯେଉଁମାନଙ୍କୁ ତୁମେ ସ୍ୱର୍ଗର ଦେବତା କହୁଛ ସେମାନଙ୍କୁ କେତେ ଟଙ୍କା ଦାନଦକ୍ଷିଣା ଦେଇ ମୋ ଘର ସଂସାରକୁ ଜଗିବା କାମରେ ଲଗାଇବି।

ଏବେ କୁହ, ଏତେ ସୁଖ ସୁବିଧା କେଉଁ ସ୍ୱର୍ଗରେ ଅବା ମିଳିବ ?

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ–୯୪୩୭୨୯୬୮୬୪

## ଏଇ ଭାରତରେ

ଭାରତର ବିଭିନ୍ନ ନଗରୀର ପ୍ରାଚୀରକୁ ଚିତ୍ରକଳାରେ ସଜାଇବାରେ 'ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। କୁମ୍ଭମେଳା ପୂର୍ବରୁ ଆଲ୍ଲାହାବାଦ୍ ନଗରୀକୁ ରଙ୍ଗିନ ଚିତ୍ରରେ ସଜେଇବା ଲାଗି ଉକ୍ତ କଳା ସଂଗଠନ ଦାୟିତ୍ୱ ବହନ କରିଛି। ଏଥିପାଇଁ ପୌରାଣିକ କଥାବସ୍ତୁ, ଆଲ୍ଲାହାବାଦ୍ ଇତିହାସ ଏବଂ କୁମ୍ଭମେଳାର ବିଭିନ୍ନ ଘଟଣାବଳୀକୁ ଚିତ୍ରରେ ପ୍ରଦର୍ଶନ କରିବା ପାଇଁ ଏହା ଉଦ୍ୟମ କରୁଛି। ଉକ୍ତ କଳାକାର ଗୋଷ୍ଠୀ ୧୯୯୦ରେ ଆଲ୍ଲାହାବାଦ୍ ନଗରୀରେ ଏକ ଆବାସିକ କମ୍ପ୍ଲେକ୍ସର ୪୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଉପରେ ବିଶିଷ୍ଟ ହିନ୍ଦୀ କବି ହରିବଂଶ ରାୟ ବଚ୍ଚନଙ୍କର ଛବି ଅଙ୍କନ କରିଥିଲେ। ଯାହାକୁ ତାଙ୍କ ପୁତ୍ର ଅମିତାଭ ବଚ୍ଚନ ଉଦ୍‌ଘାଟନ କରିଥିଲେ। ଏହି ନଗରୀରେ ମଦନ ମୋହନ ମାଲଭିଆ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ଏକ ବିଶାଳ ଛବି ଅଙ୍କନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟର ପ୍ରତିଷ୍ଠାତା ଯୋଗେଶ ସାଇନି କହନ୍ତି, ଦେଶ ଭିତରୁ, ବ୍ରିଟେନ୍ ଏବଂ ରୁଷିଆରୁ ୫୦ କଳାକାର ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଛନ୍ତି। ଚିତ୍ରକଳାର ଏହି ନିଆରା ଭାବଧାରା ଭାରତର ସବୁ ନଗରୀରେ ସ୍ଥାନ ପାଇଲେ ବିଦେଶୀ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରାଯାଇପାରନ୍ତା।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ଚାଲିଛି ଏକା ନ ମାନି ଖରା
ନାହିଁରେ ସାହା ସାଥୀ,
ବରଷା ଦିନ ରାତି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୩

- ଆଲଜେରିଆରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଚଳିତବର୍ଷ ୩୦୦ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଛି।
- ଚାଇନା ଦକ୍ଷିଣ ଆଫ୍ରିକା ଉପରୁ ନିଜର ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛି।

## ସାପ୍ତାହିକ ପଞ୍ଜିକା

୨୧– ତାଇୱାନର ଦକ୍ଷିଣ–ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାତ୍ରା କରୁଥିବାବେଳେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣା ଗ୍ରସ୍ତ ହୋଇ ୨୨ ଜଣଙ୍କ ମୃତ୍ୟୁ ଓ ୧୨୦ ଆହତ।

୨୨– ଭାରତ ଓ ଚାଇନା ମଧ୍ୟରେ ପ୍ରଥମ ସୁରକ୍ଷା ସମନ୍ୱୟ ଚୁକ୍ତି ସ୍ୱାକ୍ଷରିତ।

୨୩– ଚାଇନାର ସହର ଜୁହାଇକୁ ହଂକଂ ଓ ମାକାଉ ସହ ଯୋଡୁଥିବା ବିଶ୍ୱର ଦୀର୍ଘତମ ସମୁଦ୍ର ପୋଲ ଉଦ୍‌ଘାଟିତ। ୫୫ କିମି ଦୀର୍ଘ ଏହି ପୋଲ ନିର୍ମାଣ କରିବାକୁ ୯ ବର୍ଷ ଲାଗିଛି।

୨୪– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ର ସିଓଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ।

୨୫– ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଦୁର୍ନୀତିରେ ଜଡ଼ିତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହଂକଂରେ ଥିବା ୨୫୫ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି।

୨୬– ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହୀନ୍ଦ୍ରା ରାଜପାକ୍ସେ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

* ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ ଲୋକାର୍ପିତ, ଯେଉଁଥିରେ ଡିଜିଟାଲ ରୂପରେ ଓଡ଼ିଆ ଭାଷା–ସାହିତ୍ୟର ବିଭବ ପ୍ରକାଶ ପାଇବ।

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଯାନବାହନ, ସାଧାରଣ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବା ସଙ୍ଗେସଙ୍ଗେ କାଦୁଅ ପାଣି ଲୋକଙ୍କ ଉପରେ ଛିଟିକି ପଡୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଏହା ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଡାକ ବିଭାଗରେ ଅବ୍ୟବସ୍ଥା

ଯାଜପୁର ଜିଲା ମୁଖ୍ୟ କାର୍ଯ୍ୟାଳୟ ଅନ୍ତର୍ଗତ ଚଣ୍ଡିଖୋଲ ଡାକଘରେ ଦୀର୍ଘମାସ ହେବ ଲଫାପା, ପୋଷ୍ଟକାର୍ଡ, ଷ୍ଟାମ୍ପ ଆଦି କିଛି ମିଳୁନାହିଁ। ଛତିଆ ପୋଷ୍ଟ ଅଫିସରେ ଷ୍ଟାମ୍ପ ମିଳୁନାହିଁ। ଉଭୟ ସବ୍‌ପୋଷ୍ଟ ଅଫିସ ହୋଇଥିବା ବେଳେ ଉଭୟ ସ୍ଥାନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର। ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁ ଲଫାପା ଆଦି ଆଉ ଆସୁ ନ ଥିବାର ଚଣ୍ଡିଖୋଲ ପୋଷ୍ଟମାଷ୍ଟର କହୁଛନ୍ତି। ଡାକ ବ୍ୟବସ୍ଥାରେ ଯୋଗାଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ଯଦି ଡାକଘରୁ ନ ମିଳିବ, ତେବେ ଡାକ ବିଭାଗ କି ପ୍ରକାର ସେବା ପ୍ରଦାନ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗ୍ରାମାଞ୍ଚଳରେ ବିଭିନ୍ନ ପୋଷ୍ଟ ଅଫିସରେ ମଧ୍ୟ ସମାନ ସମସ୍ୟା। ଲୋକେ ଡାକଘରକୁ ଆସି ନିରାଶ ହୋଇ ଫେରୁଛନ୍ତି।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ରାସ୍ତା ମରାମତି ନୋହିଲା

ପୁରୀ ଜିଲା ସତ୍ୟବାଦୀ ଅନ୍ତର୍ଗତ ଭାର୍ଗବୀ ନଦୀର ବାମପାର୍ଶ୍ୱରେ ଗବକୁଣ୍ଡ–ବଳଙ୍ଗା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତାରୁ ଚିଲପାଟଣାଠାରୁ ଗୁଆଳିଗୋରଡା ପର୍ଯ୍ୟନ୍ତ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହେବା ଖବର ଅନେକଥର ପ୍ରକାଶିତ ହୋଇ ମଧ୍ୟ ରାସ୍ତା ମରାମତି ହେଲାନାହିଁ। ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା କ'ଣ ଜନପ୍ରତିନିଧି, ପ୍ରଶାସକଙ୍କୁ ମାଲୁମ ହେଉନାହିଁ ?

ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 3 | | 0 | 6 | 8 | | | | | | | | |
| | 1 | | E | | 5 | 6 | | | | 9 | | | | |
| | | 6 | | | 8 | 7 | B | E | | | | A | 3 | |
| | 7 | 8 | | 2 | 3 | | | 4 | | | B | C | | |
| | | | | | | | | | | | 8 | | 4 | 2 |
| | D | | | | | 5 | | C | | | | | 9 | |
| 5 | | | | | | | | 0 | 4 | | | | | |
| | 3 | | | | | | | | | | C | | 0 | E |
| | 2 | 9 | | 4 | 1 | | | D | | | | | 7 | 3 |
| | B | | 0 | | | E | 7 | | 8 | | | | D | 1 |
| | | | | 6 | | 4 | 9 | 1 | | | | | | 7 |
| | | | | 1 | | 2 | 8 | | | | | D | A | |
| | 6 | 4 | 3 | | 7 | | C | | | | 2 | | | |
| | E | 2 | | 9 | | | 3 | | D | | | | | C |
| 9 | | | 8 | C | D | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | 5 | 8 | C | 6 | 4 | B | D | 1 | 3 | 0 | A | 9 | 7 |
| D | B | 9 | 3 | 2 | E | C | 8 | 7 | 6 | A | 5 | 1 | 0 | 4 |
| 8 | 0 | 1 | 4 | 7 | 9 | 3 | A | 6 | B | 2 | E | C | D | 5 |
| A | 3 | C | 0 | 1 | 5 | E | 9 | 2 | 4 | D | 7 | 8 | B | 6 |
| 6 | 7 | 4 | D | B | A | 5 | 0 | 1 | 8 | 9 | C | E | 2 | 3 |
| 1 | E | 8 | 5 | 6 | 4 | 9 | 7 | A | D | B | 2 | 3 | C | 0 |
| C | 9 | 6 | B | A | 3 | 0 | 2 | 4 | 7 | 5 | 8 | D | 1 | E |
| 7 | D | 0 | C | 9 | 2 | 8 | 3 | 5 | A | E | 1 | 6 | 4 | B |
| 3 | A | B | 7 | E | 0 | 1 | D | C | 9 | 6 | 4 | 2 | 5 | 8 |
| 5 | 4 | 2 | 1 | D | 8 | B | 6 | E | C | 0 | 3 | 7 | A | 9 |
| 2 | 6 | A | 9 | 4 | B | 7 | E | 3 | 0 | C | D | 5 | 8 | 1 |
| 0 | 1 | D | 2 | 3 | 7 | 6 | C | 8 | 5 | 4 | B | 9 | E | A |
| B | C | E | 6 | 0 | 1 | D | 5 | 9 | 3 | 8 | A | 4 | 7 | 2 |
| 9 | 5 | 7 | E | 8 | D | A | 4 | B | 2 | 1 | 6 | 0 | 3 | C |
| 4 | 8 | 3 | A | 5 | C | 2 | 1 | 0 | E | 7 | 9 | B | 6 | D |

ଗତକାଲିର ଉତ୍ତର



ମଧ୍ୟପ୍ରଦେଶର ସୁଦାମା ନଗରରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ସଫେଇ କର୍ମଚାରୀଙ୍କ ୪ ବର୍ଷର ଝିଅକୁ ତାଙ୍କ ସମ୍ପର୍କୀୟ ମାମୁ ବଳାତ୍କାର କରିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଏହାପରେ ମୃତଦେହକୁ ଏକ ନଦୀକୂଳରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୋଲିସକୁ ଖବର ଦେବା ପରେ ନାବାଳିକାଙ୍କୁ ଚିହ୍ନଟ କରାଯାଇଛି। ପୂର୍ବରୁ ମଧ୍ୟ ଉକ୍ତ ବଳାତ୍କାରୀ ମାମୁ ଜଣେ ନାବାଳିକାଙ୍କୁ ବଳାତ୍କାର କରି ହତ୍ୟା କରିଥିଲେ। ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମଧ୍ୟ ଭୋଗିବାକୁ ପଡିଥିଲା।






## ସଂକ୍ଷେପରେ

### ହାତୀ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ
### ବିଜେଡି କହିଲା ପ୍ରଥମେ ସିବିଆଇ କନ୍ଦଳ କଥା କୁହ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ଢେଙ୍କାନାଳ ଜିଲାରେ ବିଦ୍ୟୁତ ଆଘାତରେ ୭ ହାତୀ ମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ସରକାରର ଗୋଟିଏ ହାତ କ'ଣ କରୁଛି ତାହା ଅନ୍ୟ ହାତ ଜାଣୁ ନାହିଁ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଏକ ଟୁଇଟ୍ କରି କହିଛନ୍ତି ଯେ, ବିଦ୍ୟୁତ ଆଘାତରେ ପଶୁ ମୃତ୍ୟୁ ଓଡିଶାରେ ବହୁ ପୂର୍ବରୁ ବହୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲେ ସୁଦ୍ଧା ପୁନର୍ବାର ହାତୀ ମୃତ୍ୟୁ ଦୁଃଖ ଓ ପରିତାପର ବିଷୟ ପାଲଟିଛି। ବ୍ୟବସ୍ଥା ଚଳାଉଥିବା ଲୋକମାନେ ଏହାକୁ ଗୁରୁତର ସହ ନେଇଛି। ଯେପରି ଓଡିଶାର ସମ୍ପଦକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବେ ବୋଲି ମୋର ଆଶା। ଦୁଃଖର ବିଷୟ ରାଜ୍ୟ ସରକାରର ଗୋଟିଏ ହାତ କ'ଣ କରୁଛି ଆଉ ଗୋଟେ ହାତ ଜାଣୁନି। ଜଙ୍ଗଲ ବିଭାଗ ଆଉ ବିଜୁଳି ବିଭାଗ ଅଧୀନରେ ସେସୁ ଉଭୟଙ୍କ ମଧ୍ୟରେ ସାମାନ୍ୟତମ ଯୋଗ ସୂତ୍ର ନ ରହିବା ଓଡିଶାର ଅମୂଲ୍ୟ ସମ୍ପଦକୁ ନଷ୍ଟ କରୁଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ସାତ ହାତୀ ମରିବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହା ଧର୍ମକୁ ଆଖିଠାର। ହାତୀ ପଲ ଖାଦ୍ୟ ଅନୁସନ୍ଧାନରେ ଏକ ନିର୍ଦ୍ଦିଷ୍ଟ ପଥ ଦେଇ ଯାତାୟତ କରି ଥାଆନ୍ତି। ସେମାନଙ୍କ ଚଲା ପଥରେ ବିଦ୍ୟୁତ ତାର ନିରାପଦରେ ବିଛା ଯାଇ ନ ଥିଲା। ତେଣୁ ଏଭଳି ପ୍ରଶାସନିକ ହତ୍ୟାକୁ କେଉଁ ସ୍ୱାର୍ଥରେ ତଦନ୍ତ କରାଯିବ। ବିଦ୍ୟୁତ ବିଭାଗର ସମ୍ପୃକ୍ତି ଆସୁଥିବାରୁ ସେସୁର ସିଏମ୍‌ଡି ସର୍ବପ୍ରଥମେ ଇସ୍ତଫା ଦେବା ଦରକାର। କେତେଜଣ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ରାଜନୀତି ଚାଲିଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଧର୍ମେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ। ସେ ପ୍ରଥମେ ନିଜ କଥା ଚିନ୍ତା କରନ୍ତୁ। ଦିଲ୍ଲୀରେ ସିବିଆଇ କନ୍ଦଳ କଥା ଧର୍ମେନ୍ଦ୍ର କୁହନ୍ତୁ। ହାତୀ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

# ଆଇନଜୀବୀ ସଂଘରେ ବିବାଦ ତେଜିଲା

**ଭିନ୍ନମୋଡ ନେଲା ଆନ୍ଦୋଳନ**
- ମୁଖ୍ୟମନ୍ତ୍ରୀ, ଆଇନଜୀବୀଙ୍କ ଫଟୋ ପୋଡ଼ାଗଲା
- ସୋମବାର କାର୍ଯ୍ୟରେ ଯୋଗଦେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ

**କଟକ ଅଫିସ,୨୮।୧୦**

ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ପ୍ରାୟ ୨ ମାସ ଧରି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଭିନ୍ନ ମୋଡ଼ ନେଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସଦସ୍ୟ ଓ କର୍ମକର୍ତ୍ତା ଥିବା ହାଇକୋର୍ଟର ବହୁ ଆଇନଜୀବୀ ଶନିବାର ଆନ୍ଦୋଳନରୁ ଓହରିଯିବା ପରେ ବାର ଆସୋସିଏଶନରେ ଫାଟ ସୃଷ୍ଟି ହୋଇ ବିବାଦ ତେଜିଛି। ଆଡଭୋକେଟ ବଂଶୀଧର ଶତପଥୀ ହାଇକୋର୍ଟ ବାର ଆସୋସିଏଶନ ଉପସଭାପତି ପଦରୁ ଇସ୍ତଫା ଦେଇଥିବାବେଳେ ସାମ୍ମୁଖ୍ୟ ପକ୍ଷରୁ ଉପଦେଷ୍ଟା ଅସୀମ ଅମିତାଭ ଦାସ ସୋମବାରଠାରୁ ଆମେ କାର୍ଯ୍ୟରେ ଯୋଗଦେବୁ ବୋଲି କହିଛନ୍ତି। ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ଏଭଳି ଆଭିମୁଖ୍ୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ବାର ଆସୋସିଏଶନର କେତେଜଣ କର୍ମକର୍ତ୍ତା ଓ ଆଇନୀଜୀବୀ। ସେମାନେ ରବିବାର ହାଇକୋର୍ଟ ପରିସରରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଚହଲି ଚରଣ ମହାନ୍ତି ଏବଂ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସଙ୍କ ଫଟୋଚିତ୍ରରେ ଚପଲମାଳ ପିନ୍ଧାଇ ପୋଡ଼ିଥିଲେ। ଅନ୍ୟପକ୍ଷରେ ଆଇନଜୀବୀଙ୍କ ଦୀର୍ଘଦିନର ଆନ୍ଦୋଳନ ଯୋଗୁ ରାଜ୍ୟ ସାରା ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋର୍ଟ କାର୍ଯ୍ୟ ନ ହେବାରୁ ଅନେକେ ଜେଲରେ ଅଟକ ରହିଛନ୍ତି। ଫଳରେ ସେମାନଙ୍କ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିବେଦନକୁ ମଧ୍ୟ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ସରକାର ଏନେଇ କୌଣସି ପ୍ରତିକାର କରିପାରି ନ ଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଖୁବ୍‌ଶୀଘ୍ର କୋର୍ଟ ଅଚଳାବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ସରକାର ଦାବି ନ ମାନିଲେ ଆସନ୍ତା ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ହିଁ ସଂଘରେ ଫାଟ ସୃଷ୍ଟି ହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସ ଆନ୍ଦୋଳନକୁ ରାଜନୀତୀକରଣ କରାଯାଉଥିବା ଶନିବାର ଅଭିଯୋଗ କରିଥିଲେ। ସେ ରବିବାର ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଘରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ସୋମବାର କାର୍ଯ୍ୟରେ ଯୋଗଦେବାକୁ ଆମେ ସବୁ ଆଇନଜୀବୀଙ୍କୁ ନିବେଦନ କରୁଛୁ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଏବଂ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ନ୍ୟାୟ ଦେବା ପାଇଁ ଆମେ ଏହି ଆନ୍ଦୋଳନକୁ ଜାରି ରଖିଛୁ। ହେଲେ ଆନ୍ଦୋଳନକୁ ନେଇ ଏବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କେତେଜଣ ସଦସ୍ୟ ରାଜନୈତିକ ରଙ୍ଗ ଦେବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆଇନଜୀବୀ ଏକତାକୁ ଆମେ ସମ୍ମାନ ଜଣାଉଛୁ। ହେଲେ ଆଇନଜୀବୀ ଦେବୀପ୍ରସାଦଙ୍କ ଘଟଣାରେ କୋର୍ଟରେ ମାମଲା ଚାଲୁଥିବାରୁ ଏହାର ବୃତ୍ତାନ୍ତ ଶୁଣାଣି ଆସିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା କେତେଦୂର ଠିକ୍ ତାହା ଆମେ ସମସ୍ତେ ଜାଣିରଖିବା ଉଚିତ। ତେଣୁ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସବୁ ଆଇନଜୀବୀ କାର୍ଯ୍ୟରେ ଯୋଗଦେବା ଉଚିତ। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ମହାନ୍ତି କହିଛନ୍ତି, କାର୍ଯ୍ୟରେ ଯୋଗଦେବାକୁ କହି ଯେଉଁମାନେ ବିଜେଡିର ଏଜେଣ୍ଟ ସାଜୁଛନ୍ତି, ସେମାନଙ୍କୁ ନିବେଦନ ଯେ, ରାଜନୀତି କରି ଆଇନଜୀବୀ ସଂଘରେ ଫାଟ ସୃଷ୍ଟି ନ କରନ୍ତୁ।

ଅନ୍ୟପକ୍ଷରେ ଆନ୍ଦୋଳନ ଦୀର୍ଘ ଦିନ ଚାଲିବା ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରୋକ୍ଷ ଇଙ୍ଗିତ ଥିବା ଅଭିଯୋଗ ଆଣିଛି ରାଜ୍ୟ ଛାତ୍ର ସ୍ୱାଭିମାନ ମଞ୍ଚ। ରବିବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ଚାନ୍ଦିନୀଚୌକ ଛକ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି।

ଆଇନଜୀବୀଙ୍କ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନେଇ ବିବାଦ ଚାଲିଥିବାବେଳେ ସୋମବାର ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି। ଏ ନେଇ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ହାଇକୋର୍ଟ ପାଖ ଲାଲବାଗ ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଅଛନ୍ତି। ପରିସ୍ଥିତି ଉପରେ ନଜର ରଖିଛୁ।

ସୂଚନାଥାଉ କି, ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପିସିଆର ଭ୍ୟାନରେ ଥିବା ପୋଲିସ କର୍ମଚାରୀମାନେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଉକ୍ତ କର୍ମଚାରୀମାନଙ୍କୁ ଗିରଫ କରିବା ଦାବିରେ ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷରେ ଦେବୀପ୍ରସାଦ ପିସିଆର ଭ୍ୟାନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଦେବୀପ୍ରସାଦଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଅକ୍ଟୋବର ୨୯ ତାରିଖ ଯାଏ ପ୍ରଦାନ କରିଥିଲେ। ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଭାଜପାର ଟାର୍ଗେଟ

- ସ୍ୱାସ୍ଥ୍ୟ ଓ ସୂଚନା, ଲୋକସମ୍ପର୍କ ବିଭାଗ ସଚିବଙ୍କ ନାଁରେ ଭାଜପାର ଏତଲା
- ବିଜେଡି କହିଲା ବିରୋଧ କରିବା ଭାଜପାର ପୁରୁଣା ରୋଗ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**



କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଭାଜପା ନେତୃମଣ୍ଡଳୀ ଲିଖିତ ଅଭିଯୋଗ ଦେଉଛନ୍ତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ୧ କୋଟି ଲୋକ ଉପକୃତ ହେବେ ବୋଲି ରାଜ୍ୟ ସରକାର କହି ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। ପୂର୍ବରୁ ଅନେକ ଯୋଜନାରେ ରାଜ୍ୟ ସରକାର ମିଥ୍ୟା ତଥ୍ୟ ରଖିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି ପ୍ରତିକ୍ରିୟା ରଖିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି ବୋଲି କହିଥିଲେ। ଏହି ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା, ଅବିଶ୍ୱସନୀୟ ଏବଂ ପ୍ରମାଣ ଆଧାରିତ ନୁହେଁ। ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେବେ ବୋଲି ଗଣମାଧ୍ୟମକୁ ମିଥ୍ୟା ବିବୃତି ଏବଂ ବିଜ୍ଞାପନ ଦେବା ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ମିଛ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ଲୋକମାନଙ୍କୁ ବିଭ୍ରାନ୍ତ କରି ଏପରି ତଥ୍ୟ ଦେବା ବେଆଇନ ଏବଂ ଅପରାଧ ସହ ସମାନ ବୋଲି ଭାଜପା ପକ୍ଷରୁ କୁହାଯାଇଛି । ରବିବାର ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଲୋକ ସମ୍ପର୍କ ବିଭାଗର ସଚିବଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ମିଥ୍ୟା ବିଜ୍ଞାପନ ଦେଇ ଜନମତକୁ ବିଭ୍ରାନ୍ତ କରିବା ଅପରାଧରେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ମହାନ୍ତି କହିଛନ୍ତି ଯେ, ୨୦୧୬-୧୭ରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ ଓଡିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡ ଏହି ତିନୋଟି ଯୋଜନାରେ ସମୁଦାୟ ୧୨ଲକ୍ଷ ୬୦ ହଜାର ଲୋକ ଉପକୃତ ହୋଇଥିଲେ । ହେଲେ ମାତ୍ର ୨ମାସ ଭିତରେ କିପରି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେଲେ। ଏହା ସନ୍ଦେହଜନକ। ସେହିପରି ଗତ ଜୁନ ମାସରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟ କାର୍ଡ ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ଏବେ ସୁଦ୍ଧା ଲୋକମାନଙ୍କୁ କାର୍ଡ ମିଳିନାହିଁ। ଏହା କେଉଁ ଏଜେନ୍ସି କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏପରି ସ୍ଥିତିରେ ୧ କୋଟିର ହିସାବ ରାଜ୍ୟ ସରକାର କେଉଁଠୁ ଆଣିଲେ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପୁରୁଣା ମଦ ନୂଆ ବୋତଲ ସଦୃଶ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପାର ଏହି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯାଇଛି। ସବୁ କଥାରେ ବିରୋଧ କରିବା ଭାଜପାର ଅଭ୍ୟାସଗତ ରୋଗରେ ପରିଣତ ହୋଇଛି। ଆମର ନୂଆ ମଦ ପୁରୁଣା ମଦ ନୁହେଁ ଏହା ସେମାନଙ୍କର କାମ। ସେତେବେଳର ଇନ୍ଦିରା ଆବାସ ଯୋଜନା ଏବେ ତାହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଯାଇଛି। ତେଣୁ ଏଥିରୁ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା କରନ୍ତୁ ନୂଆ ମଦ ପୁରୁଣା ବୋତଲ ଫର୍ମୁଲା କାହାର ବୋଲି ସମୀର କହିଛନ୍ତି।

# ଟ୍ରକ୍ ଧକ୍କାରେ ଝିଅ ମୃତ, ବାପା ଗୁରୁତର

- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ୫ ଘଣ୍ଟା ରାସ୍ତା ଅବରୋଧ

**ବେଦବ୍ୟାସ, ୨୮।୧୦ (ଡି.ଏନ.ଏ)**

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର କଲୁଙ୍ଗା ରେଲ ଫାଟକ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କା ଦେବା ଫଳରେ ବାପା ଗୁରୁତର ଥିବାବେଳେ ଝିଅ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ପୋଲିସ ସୂଚନାନୁଯାୟୀ କଲୁଙ୍ଗା ନିବାସୀ ବଳରାମ ସାୟଲ (୩୮), ତାଙ୍କ ଝିଅ ଖୁସି ପ୍ରିୟଦର୍ଶନୀ ସାୟଲ (୧୪) ନିଜ ହିରୋହୋଣ୍ଡା ବାଇକ ନଂ. ଓଡି ୧୪ ପି- ୪୮୧୩ ରେ ଘରୁ ବାହାରି କଲୁଙ୍ଗା ବଜାର ସ୍ଥିତ ଲକ୍ଷ୍ମୀପୂଜା ଦେଖିବାକୁ ଯାଉଥିଲେ। ବଲଣ୍ଡା ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବାବେଳେ ଏକ ଟ୍ରକ ନଂ. ଓଡି ୧୪ ଡି- ୮୩୭୦ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ବାପା ଓ ଝିଅ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଝିଅ ଖୁସି ପ୍ରିୟଦର୍ଶନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ବାସିନ୍ଦା ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ପ୍ରାୟ ୪ରୁ ୫ ଘଣ୍ଟା ରାସ୍ତା ଅବରୋଧ କରି ଉତ୍ତେଜନା ସୃଷ୍ଟି କରିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ମାନସରଞ୍ଜନ ସ୍ୱାଇଁ, ଫାଣ୍ଡି ଅଧିକାରୀ ଦୁର୍ଗାଚରଣ ଜେନା, ଏସଡିପିଓ ପଦ୍ମିନୀ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଲା ପରେ ଶାନ୍ତି ବାତାବରଣ ଫେରିଥିଲା। ରବିବାର ମର୍ଗ ହାଉସରେ ଥିବା ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପରବର୍ତ୍ତୀ ଉନ୍ନୟନ କମିଶନରଙ୍କୁ ନେଇ ଚର୍ଚ୍ଚା

- ନଭେମ୍ବରରେ ଅବସର ନେବେ ଆର. ବାଲ୍‌କ୍ରିଷ୍ଣନ
- ଚର୍ଚ୍ଚାରେ ଅସିତ୍ ତ୍ରିପାଠୀ, ଗଗନ ଧଳଙ୍କ ନାମ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ବର୍ତ୍ତମାନର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲ୍‌କ୍ରିଷ୍ଣନ ଆସନ୍ତା ନଭେମ୍ବର ଶେଷରେ ସରକାରୀ ଚାକିରିରୁ ଅବସର ନେବେ। ତେଣୁ ପରବର୍ତ୍ତୀ ଉନ୍ନୟନ କମିଶନର କିଏ ହେବେ, ତାହାକୁ ନେଇ ପାୱାର କରିଡରରେ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାରତୀୟ ପ୍ରଶାସନିକ ସେବାର କ୍ୟାଡର ଅନୁଯାୟୀ ଓଡ଼ିଶାରେ ଜଣେ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବାର ବିଧିବ୍ୟବସ୍ଥା ରହିଛି।


ଓଡ଼ିଶାରେ ଦୀର୍ଘବର୍ଷ ଧରି ରାଜ୍ୟରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଉଛି। ତେଣୁ ପ୍ରଚଳିତ ପ୍ରଥା ଅନୁଯାୟୀ, ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପାହ୍ୟାରେ ଥିବା ଅଫିସର ମଧ୍ୟରୁ ଜଣଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯିବ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ବାଦ୍ ଦେଇ ସଂଖ୍ୟାଧିକ ଅଫିସର ଏହି ପାହ୍ୟାରେ ଅଛନ୍ତି। ସେମାନେ ହେଉଛନ୍ତି– ୧୯୮୩ ବ୍ୟାଚ୍‌ର ଆଇ. ଶ୍ରୀନିବାସ, ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ୧୯୮୫ ବ୍ୟାଚ୍‌ର ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ, ସୁରେନ୍ଦ୍ର ନାଥ ତ୍ରିପାଠୀ ଏବଂ ଡକ୍ଟର ଗଗନ କୁମାର ଧଳ। ସେହିପରି ୧୯୮୬ ବ୍ୟାଚ୍‌ର ଅସିତ୍ କୁମାର ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ଗୁପ୍ତା, ସୁରେଶ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପାଲ ଠାକୁର ଏବଂ ଜି.ଭି.ଭି. ଶର୍ମା। ୧୯୮୭ ବ୍ୟାଚ୍‌ର ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜକୁମାର ଶର୍ମା।

ଏମାନଙ୍କ ମଧ୍ୟରୁ ଆଇ. ଶ୍ରୀନିବାସ, ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀ ଦିଲ୍ଲୀରେ ଅବସ୍ଥାପିତ ଅଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଏବଂ ଦିଲ୍ଲୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏମାନଙ୍କ ମଧ୍ୟରୁ କେହି ନିକଟ ଭବିଷ୍ୟତରେ ରାଜ୍ୟକୁ ଫେରିବାର ସମ୍ଭାବନା ନାହିଁ। ତେଣୁ ସରକାର ରାଜ୍ୟରେ କାର୍ଯ୍ୟରତ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବେ ବୋଲି ଆଲୋଚନା ହେଉଛି।

ବରିଷ୍ଠତା ଦୃଷ୍ଟିରୁ ୧୯୮୫ ବ୍ୟାଚ୍‌ର ଅଧିକାରୀ ଡକ୍ଟର ଗଗନ କୁମାର ଧଳଙ୍କ ନାମ ପ୍ରଥମେ ଆସୁଛି। ହେଲେ ସେ କୃଷି ଉନ୍ନୟନ କମିଶନର ଭାବେ ବର୍ତ୍ତମାନ ଅବସ୍ଥାପିତ। ଏହା ବାଦ୍ ତାଙ୍କୁ ଅନ୍ୟ ୫ଟି ବିଭାଗର ଦାୟିତ୍ୱ ଦିଆଯାଇଛି। ତେଣୁ ତାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ସମ୍ଭାବନା ଅପେକ୍ଷାକୃତ କମ୍। ତାଙ୍କୁ ବାଦ୍ ଦେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀଙ୍କ ମଧ୍ୟରୁ ଜଣେ ଉନ୍ନୟନ କମିଶନର ହେବା ସମ୍ଭାବନା ଅଧିକ। ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନର ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣ ନିର୍ବାଚନ ନିକଟତର ହେଲାଣି। ନିର୍ବାଚନ ପାଖାପାଖିରେ ରାଜ୍ୟ ସରକାର ପ୍ରଶାସନିକ ଅଦଳବଦଳ କରିବାକୁ ମନ ବଳାଇବେ ନାହିଁ। ତେଣୁ ନଭେମ୍ବର ମାସରେ ରାଜ୍ୟରେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନକୁ ଅଦଳବଦଳ ସମ୍ଭାବନା ଯଥେଷ୍ଟ ରହିଥିବା ଆଲୋଚନା ହେଉଛି।










# ତିତ୍‌ଲିରେ ୪୧୧୯ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

ଗୋପାଳପୁର,୨୮।୧୦

ତିତ୍‌ଲିରେ ରଙ୍ଗେଇଲୁଣ୍ଡା ବ୍ଲକର ୪ ପଞ୍ଚାୟତର କ୍ଷତିଗ୍ରସ୍ତ ପରିବାରକୁ ବ୍ଲକ ପକ୍ଷରୁ ରବିବାର ସହାୟତା ରାଶି ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ବିଡିଓ କୁମାର ନାଗଭୂଷଣ ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ, ୧୨ ବର୍ଷରୁ କମ ବୟସର ଦିନକୁ ୪୫ ଟଙ୍କା ଓ ୧୨ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୬୦ ଟଙ୍କା ହିସାବରେ ୧୫ ଦିନ ପାଇଁ ଆର୍ଥିକ ରାଶି ପ୍ରଦାନ କରାଯାଇଛି । ଗୃହପାଳିତ ପ୍ରାଣୀ, ପକ୍ଷୀ ଓ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଗାମୀ ୨ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ବିଧାୟକ ପାଣିଗ୍ରାହୀ ସୂଚନା ଦେଇଥିଲେ । ଅପରାହ୍ଣରେ ଏହି ବ୍ଲକ ନାରାୟଣପୁର ପଞ୍ଚାୟତର ୯୩୧ ପରିବାର, ଇନ୍ଦ୍ରାକ୍ଷୀର ୮୬୪, ମାର୍କଣ୍ଡିର ୮୭୩ ଓ ରଙ୍ଗେଇଲୁଣ୍ଡା ପଞ୍ଚାୟତର ୧୪୪୧ ମୋଟ ୪୧୧୯ ପରିବାରର ୧୬,୪୪୨ ଲୋକଙ୍କୁ ୧ କୋଟି ୪୧ ଲକ୍ଷ ୬୮ ହଜାର ୫୦୩ ଟଙ୍କା ପ୍ରଦାନ କରାଯାଇଥିଲା । ପର୍ଯ୍ୟାୟକ୍ରମେ ଆଗାମୀ ଦିନରେ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସି.ଏଚ୍. ଉଷାରାଣୀ, ଉପାଧ୍ୟକ୍ଷ ଅଜିତ ଦାଶ, ସରପଞ୍ଚ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ସି.ଏଚ. ଭରତ ପାତ୍ର, ଶଶିଭୂଷଣ ମହାନ୍ତି, ସି.ଏଚ. ଡିଲେଶ୍ୱ ରେଡ୍ଡୀ, ପ୍ରକାଶ ଚନ୍ଦ୍ର ସାମନ୍ତ, ଡି. ଭରତ, ଡି. ଚିନ୍ତାମଣି ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



ଜଣେ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ୩୦ରେ ବ୍ଲକ ଘେରିବ ଭାଜପା

ଛତ୍ରପୁର,୨୮।୧୦(ଡି.ଏନ.ଏ.)

ଛତ୍ରପୁର ଭାଜପାର ଏକ ବୈଠକ ରବିବାର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ନଗର ସଭାପତି ପ୍ରଦୀପ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଧରଣୀଧର ବେହେରା ଓ ପ୍ରଭାରୀ ଗୋପୀନାଥ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ଦାବି ନେଇ ୩୦ ତାରିଖରେ ଛତ୍ରପୁର ବ୍ଲକ ଘେରାଉ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ରାଶନ କାର୍ଡ ଅନିୟମିତତା, ଚାଷୀଙ୍କୁ କୃଷି ଋଣ ଛାଡ ସହ କ୍ଷତିପୂରଣ ପ୍ରଦାନ ଆଦି ଦାବି ରହିଛି । ବୈଠକରେ କଣମଣା ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ, ଭିକାରିପଲ୍ଲୀ ସଭାପତି ଗାଣ୍ଡୁଧର ଗୌଡ, ନରେନ୍ଦ୍ରପୁର ମଣ୍ଡଳ ସଭାପତି ନୀର ମହାରଣା, ଜିଲା ହରିଜନ ମୋର୍ଚ୍ଚା ସଭାପତି ଚୈତନ୍ୟ ପ୍ରଧାନ, କୃଷକ ମୋର୍ଚ୍ଚା ଉପସଭାପତି ଗଣପତି ବାରିକ, ଲକ୍ଷ୍ମୀ ପଣ୍ଡା, ବସ୍ତ ବେହେରା, ପି. ତ୍ରିପତି ରାଓ, ମନୋଜ ବେହେରା ଓ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ ହୋଇ ଯେବେ ଖାଏ ବେଉସା,**
**ବିରାଡ଼ି ହୋଇ ଯଦି ନ ମାରେ ମୂଷା,**
**ରଜା ହୋଇ ଯଦି ଦଣ୍ଡଇ ଚଷା,**
**କୁହ, କିସ ହୁଏ ସେ ଦେଶର ଦଶା ।**

ବାଡ଼ ଫସଲକୁ ସୁରକ୍ଷା ଦେଇଥାଏ, ପରନ୍ତୁ ବାଡ଼ ଯଦି ଫସଲ ଖାଏ ତେବେ ଏହାଠୁ ବଳି ବିଡମ୍ବନା ଓ ଦୁର୍ଭାଗ୍ୟର ବିଷୟ ଆଉ କିଛି ହୋଇ ନ ପାରେ । ବିରାଡ଼ି ଯଦି ମୂଷା ନ ମାରେ ତାହେଲେ ମୂଷାଙ୍କ ବଂଶ ବଢ଼ିଯିବା ସହ ତାଙ୍କ ପ୍ରାଦୁର୍ଭାବ ବଢ଼ିଯାଏ । ପରୋକ୍ଷରେ ଦୁଷ୍ଟ ଲୋକଙ୍କୁ ଦମନ କରା ନ ଗଲେ ତାଙ୍କ ଦୌରାତ୍ମ୍ୟ ବଢ଼ିଯାଏ । ସେହିପରି ରାଜା ବା ପ୍ରଶାସକ ଅନ୍ୟାୟରେ ଚାଷୀଙ୍କଠାରୁ କର ଆଦାୟରେ ଲିପ୍ତ ରହିଲେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଥାଏ । ଏପରି ଅବସ୍ଥା ଦେଶର ପ୍ରଗତି ପ୍ରତି ବାଧା ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ବଜର ବାଣ,**
**ଘଇତା ଉପରେ ମାଇପ ଟାଣ ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ । ଏପରିସ୍ଥଳେ ସ୍ତ୍ରୀ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

| ଫର୍ମ ଜି<br>ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ<br>(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରେଜୁଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)<br>ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୧୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଟିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା - ୭୫୩୦୧୦<br>**କାରଖାନା ଅବସ୍ଥିତି:** ବଉଳୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ଜୁନ୍ ୮, ୨୦୧୮ |
| ୭. | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ | ଅକ୍ଟୋବର ୨୯, ୨୦୧୮ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍‌ରେ ସବିସ୍ତୃତ ଆମନ୍ତ୍ରଣ ସହିତ: http://www.mtpcl.in/ ଠାରେ |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଏହି ଆମନ୍ତ୍ରଣ ଏବଂ/କିମ୍ବା ଏହା ପଶ୍ଚାତ୍‌ବର୍ତ୍ତୀ ନିର୍ଦ୍ଦେଶ ଅଧୀନରେ/ସଂକ୍ରାନ୍ତରେ ମୀମାଂସା ଯୋଜନା ଦାଖଲ କରିବା ଏବଂ ଅନ୍ୟ ସମସ୍ତ ମାମଲାରେ ମୀମାଂସା ଆବେଦନକାରୀଙ୍କୁ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତାର ଅନୁପାଳନ କରିବାକୁ ହେବ ଯାହା ମଧ୍ୟରେ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ର ଧାରା ୨୯ଏ ଏବଂ ଏ ସଂକ୍ରାନ୍ତରେ ପ୍ରଯୁଜ୍ୟ ଏହାର ସମ୍ପର୍କିତ ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ । |
| ୧୦. | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ନଭେମ୍ବର ୨୦, ୨୦୦୮ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ନଭେମ୍ବର ୩୦, ୨୦୧୮ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ଡିସେମ୍ବର ୫, ୨୦୧୮ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ଡିସେମ୍ବର ୧୫, ୨୦୧୮ |
| ୧୪. | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ଡିସେମ୍ବର ୫, ୨୦୧୮ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନଙ୍କୁ ସୂଚନା ସ୍ମାରକ (ଆଇଏମ୍) ନିମନ୍ତେ ଅନୁରୋଧ କରିବା ପାଇଁ inmtpclip@deloitte.comରେ ଇମେଲ୍ ପଠାଇବା ଲାଗି ଅନୁରୋଧ କରାଯାଉଛି । ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ପ୍ରଦତ୍ତ ଫର୍ମାଟ୍‌ରେ ଗୋପନୀୟତା ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଇମେଲ୍ ଯୋଗେ ଆଇଏମ୍ ଯୋଗାଇଦିଆଯିବ । ଗୋପନୀୟତା ଘୋଷଣାନାମାର ଫର୍ମାଟ୍ http://www.mtpcl.in/ରେ ମଧ୍ୟ ଉପଲବ୍ଧ । |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜର ଅଂଶବିଶେଷ ଭାବେ ଯୋଗାଇଦିଆଯିବ ଯାହା ଯେକୌଣସି ଉପାୟରେ ହେଉ ନା କାହିଁକି 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଜାରି ତାରିଖରୁ ଅନ୍ୟୁନ ୩୦ ଦିନ ହେବା ଆବଶ୍ୟକ, ଅର୍ଥାତ୍ ଜାନୁୟାରୀ ୫, ୨୦୧୯ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ୧. ଭଉମୁଦବିଆ ଉପାପାରେ ପଙ୍କଜ ଧାନୁକା, ମାଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍, ଡେଲୋଇଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପିର ମୀମାଂସା ବୃତ୍ତିଧାରୀ, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ସ୍ପିଡ୍ ପୋଷ୍ଟ/ପଞ୍ଜୀକୃତ ଡାକ ଯୋଗେ କିମ୍ବା ହାତରେ ।<br>୨. ଏକ ସଫ୍ଟ କପି ପାସ୍‌ୱାର୍ଡ ସୁରକ୍ଷିତ ସ୍ୱରୂପରେ inmtpclip@deloitte.comରେ ମେଲ୍ କରାଯିବା ଆବଶ୍ୟକ । |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ଜାନୁୟାରୀ ୨୪, ୨୦୧୯<br>ଏହା 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ମୀମାଂସା ଯୋଜନା ପ୍ରକ୍ରିୟା ଏବଂ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ ଅନୁଯାୟୀ କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ନିମନ୍ତେ ବାଞ୍ଛିତ କୌଣସି ବିସ୍ତାରଣ ପ୍ରକ୍ରିୟା ସମାପ୍ତି ଉପରେ ନିର୍ଭର କରିବ । |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ନାମ: ପଙ୍କଜ ଧନୁକା<br>**ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ନାମ: ପଙ୍କଜ ଧାନୁକା<br>**ଆଇବିବିଆଇ ସହ ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ଇମେଲ୍: pankajdhanuka@gmail.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>**ଇମେଲ୍ ଆଇଡି:** inmtpclip@deloitte.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | http://www.mtpcl.in/ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ଅକ୍ଟୋବର ୨୯, ୨୦୧୮ |

ସ୍ୱା./-
ପଙ୍କଜ ଧାନୁକା
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା,
ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି,
ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ,
ଅକ୍ଟୋବର ୨୯, ୨୦୧୮
କୋଲକାତା

# ମହାକାଳେଶ୍ୱର ବଣିକ ସଂଘର ଲକ୍ଷ୍ମୀପୂଜା



ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।

ଫୁଲବାଣୀ ଅଫିସ, ୨୮।୧୦

ଫୁଲବାଣୀ ଏଫସିଆଇ ଛକ ପାଖରେ ମହାକାଳେଶ୍ୱର ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ଚଳିତ ବର୍ଷ କମିଟି ପୂଜାର ୨୫ ବର୍ଷ ପୂର୍ତ୍ତି ପାଳନ କରିଛି । କୁମାର ପୂର୍ଣ୍ଣମୀରୁ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ରବିବାର ଶେଷ ହୋଇଛି । ପୂଜା ଉପଲକ୍ଷେ ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶନିବାର ବ୍ରହ୍ମପୁରର ସୁର ଝଙ୍କାର ପକ୍ଷରୁ ପରିବେଷିତ ରଙ୍ଗାରଗ ମେଲୋଡିକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଉପଭୋଗ କରିଥିଲେ । ପୂଜା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶେଷ ଦିନ କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଫୁଲବାଣୀ ବିଧାୟକ ଦୁଗୁନୀ କହଁରଙ୍କ ସମେତ ଅନ୍ୟମାନେ ଅତିଥି ଭାବେ ଯୋଗଦେଇଥିଲେ ।

# ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫିରିଙ୍ଗିଆ,୨୮।୧୦:** କନ୍ଧମାଳ ଜିଲା ଗୋଛାପଡା ଥାନା ଅଞ୍ଚଳରେ ଶନିବାର ଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତା ଯୁବତୀଙ୍କ ନାମ ଶ୍ରାବଣୀ ଭୋଇ(୧୯) । ତାଙ୍କ ଘର ଗୋଛାପଡା ଥାନା ଅଞ୍ଚଳରେ ବୋଲି ଜଣାଯାଇଛି । ସେ ଗତ ୧୬ ତାରିଖଠାରୁ ନିଖୋଜ ଥିଲେ । ଶନିବାର ସକାଳେ ତାଙ୍କ ଗଳିତ ମୃତଦେହ ନେଡିପଡା ଜଙ୍ଗଲର ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି । ଏ ନେଇ ନଂ. ୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କୁହନ୍ତି, ଯୁବତୀ ଜଣକ ଗତ ୧୬ ତାରିଖରେ ନିଜ ମା'ଙ୍କ ସହ ଜଙ୍ଗଲକୁ ଯାଇ ଅପରାହ୍ଣରେ ଘରକୁ ଫେରି ଥିଲେ । ସେହିଦିନ ସନ୍ଧ୍ୟାରେ ୪ ଶହ ଟଙ୍କା ନେଇ ଘରୁ ବାହାରକୁ ଯାଇଥିଲେ । ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଅନେକ ଖୋଜାଖୋଜି ପରେ ବି ତାଙ୍କୁ ନ ପାଇବାରୁ ଥାନାକୁ ଖବର ଦେଇଥିଲେ । ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ଗ୍ରାମର ଜଣେ ବ୍ୟକ୍ତି ଯୁବତୀଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ପକ୍ଷରୁ ଥାନାକୁ ସୂଚନା ଦିଆଯାଇଥିଲା । ପରିସ୍ଥିତିରୁ ଯାହା ଜଣାପଡୁଛି, ଏହା ଏକ ପ୍ରେମଜନିତ ଘଟଣା । ଆମେ ଅଧିକ ତଦନ୍ତ ଜାରି ରଖିଛୁ ବୋଲି ପୋଲିସ କହିଛି ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଫିରିଙ୍ଗିଆ,୨୮।୧୦

କନ୍ଧମାଳ ବିଜେଡି ପକ୍ଷରୁ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଲୁଇସିଂ, ବାଲନ୍ଦାପଡ଼ା, ପକାରି ଓ କ୍ରାନ୍ତିବାଲି ଆଦି ପଞ୍ଚାୟତରେ ଏହି ପଦଯାତ୍ରା ହୋଇଥିଲା । ବିଜେଡ଼ି ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଉନ୍ନତୀମୂଳକ କାର୍ଯ୍ୟକ୍ରମ ସହିତ ଗ୍ରାମ ବିକାଶ ଉପରେ ଉଦ୍‌ବୋଧନ ଦେଇଥିଲେ । ସେହିଭଳି ନିକଟରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଉପରେ ମଧ୍ୟ ସଚେତନ କରାଯାଇଥିଲା । ରାଜ୍ୟ ସରକାର ସାଧାରଣ ଜନତାଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସବୁ ଯୋଜନା କରିଛନ୍ତି, ସେ ଉପରେ ମଧ୍ୟ ନେତାମାନେ ଆଲୋକପାତ କରିଥିଲେ । ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଫୁଲବାଣୀ ବିଧାୟକ ଦୁଗୁନି କହଁର, ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ପକାରି ସରପଞ୍ଚ ଅଙ୍ଗଦ କହଁର, ମହିଳା ସଭାନେତ୍ରୀ ଅନିମା କହଁର, କେଲାପଡ଼ା ସରପଞ୍ଚ ପ୍ରେମଶିଳା ଖାଙ୍ଗର, ବ୍ଲକ ଉପାଧ୍ୟକ୍ଷା ସସ୍ମିତା ଦିଗାଲ, ଗୋଛାପଡ଼ା ସମିତିସଭ୍ୟ କାମନା କହଁର ଓ ଜିଲା ପରିଷଦ ଉପାଧ୍ୟକ୍ଷା ସାରତୀ ମଲିକ ଓ ଅନ୍ୟମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Dhanlaxmi Financial Services,
Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା ।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଲୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ । ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି ।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ ।

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ । 2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ । 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

SMS JOB
Send SMS, Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି । 2% ସୁଧ ।
M : 7684946678
8337956019

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୯ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ବୁଗୁଡ଼ା,୨୮।୧୦(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ମାଣିତରା, ସଙ୍କୁରୁ, ଗୋଳାବନ୍ଧ ଓ ଡାକରଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଶ୍ରମିକ ସାଙ୍ଗୁଖ୍ୟ ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ସାହୁ ମାଣିତରାରେ ୪୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଆରଡ଼ି ରୋଡ୍‌ର ଶିଳାନ୍ୟାସ କରିଥିବା ବେଳେ ମତାଝରି ଓ ଆଡିପୁର ଠାରେ ନିର୍ମିତ ହୋଇଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, ବ୍ଲକ ବିଜେଡି ସମ୍ପାଦକ ବିକ୍ରମାଦିତ୍ୟ ଆରୁଖ, ବ୍ଲକ ଅଧକ୍ଷା ମାମି ସେନାପତି, ଉପାଧକ୍ଷ ଟୁକୁନା ସ୍ୱାଇଁ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ ଓ ସଭ୍ୟା ଭୁବନେଶ୍ୱରୀ ଖଟାଇ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ମୁକୁନ୍ଦ ନାୟକ, କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନଦୀବନ୍ଧ ନିର୍ମାଣ ଦାବି

ଚିକିଟି,୨୮।୧୦(ଡି.ଏନ.ଏ.): ଚିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡଭାର ଗ୍ରାମ ବାହୁଦା ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ଦେଇଛି। ନଦୀ ତଟରେ ବନ୍ଧ ନିର୍ମାଣ କରିବା ପାଇଁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ଧ ନିର୍ମାଣ ନ ହେବା ଫଳରେ ନଦୀତଟର ଅତଡା ଖାଇ ଚାଲିଯାଉଥିବା ଯୋଗୁଁ ବର୍ଷା ଦିନେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସେହିପରି ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର, ଲାଲମେଣ୍ଟା, ନୂଆପଡା ପଞ୍ଚାୟତର ବିଭିନ୍ନ ନଦୀବନ୍ଧର ନିର୍ମାଣ ନ ହେବା ଫଳରେ ସମାନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# କୃଷ୍ଣସାର ବସତି ଅଞ୍ଚଳରେ ରାସ୍ତା ନିର୍ମାଣ, ବୃକ୍ଷରୋପଣ ନେଇ ଉଦ୍‌ବେଗ

ଆସିକା,୨୮।୧୦(ଡି.ଏନ୍.ଏ.)

ଆସିକା ବନାଞ୍ଚଳ ଭେଟନଇ ପଞ୍ଚାୟତର ବହୁଳ କୃଷ୍ଣସାର ବସତି ଅଞ୍ଚଳରେ ବୃକ୍ଷରୋପଣ ଓ ରାସ୍ତା ନିର୍ମାଣ ନେଇ ପ୍ରାଣୀ ସୁରକ୍ଷାରେ ନିୟୋଜିତ ପଶୁ କଲ୍ୟାଣ ସଂସ୍ଥା ମୈତ୍ରୀ କ୍ଲବ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହା ଦ୍ୱାରା କୃଷ୍ଣସାର ମୃଗଙ୍କ ବସତି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି ବୋଲି ଅଭିଯୋଗ କରାଯାଇଛି। କ୍ଲବର ସଭାପତି କୈଳାସ ଚନ୍ଦ୍ର ମହାରଣା ଏ ବିଷୟକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ ଓ ମେନେକା ଗାନ୍ଧୀଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି। ସେ ପଠାଇଥିବା ଅଭିଯୋଗରେ ଗଞ୍ଜାମ ଜିଲାର ଆସିକା ବନାଞ୍ଚଳରେ ଥିବା ଭେଟନଇ କୃଷ୍ଣସାର ମୃଗଙ୍କ ବସତି ଲାଗି ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ବିରଳ ପ୍ରାଣୀଙ୍କୁ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବନ୍ୟପ୍ରାଣୀ ପ୍ରେମୀମାନେ ଏଠାକୁ ଆସିଥାନ୍ତି। କୃଷ୍ଣସାର ବସତି ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଓ ରାସ୍ତା ନିର୍ମାଣ ଦ୍ୱାରା ଏହି ଆବାସସ୍ଥଳି ନଷ୍ଟ ହେବା ଆଶଙ୍କା ଦୃଢ଼ିଭୂତ ହୋଇଛି। ରୋପଣ କରାଯାଇଥିବା ବୃକ୍ଷ ସବୁ ଆଗାମୀ ଦିନରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହେବ ଏହା ଖୋଲା ପଡିଆରେ ସୁରକ୍ଷିତ ମଣୁଥିବା କୃଷ୍ଣସାରଙ୍କ ଲାଗି ସଙ୍କଟ ସୃଷ୍ଟି କରିବ। ଫଳରେ କୃଷ୍ଣସାର ମୃଗଙ୍କ ଉପସ୍ଥିତି ଲାଗି ଓଡିଶାର ରହିଥିବା ସ୍ୱତନ୍ତ୍ର ପରିଚୟ ଆଗାମୀ ଦିନରେ ନଷ୍ଟ ହେବ। ପ୍ରଶାସନର ଗୋଚରରେ କିଭଳି ବନ୍ୟାପ୍ରାଣୀଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଉଛି ତାହା ଆଶ୍ଚର୍ଯ୍ୟ ଜନକ। ସରକାର ତୁରନ୍ତ ଆବାସସ୍ଥଳି ନିକଟରୁ ବୃକ୍ଷରୋପଣ ହଟାଇବା ଓ ରାସ୍ତା ନିର୍ମାଣ ବନ୍ଦ କରିବା ଲାଗି ସେ ଅଭିଯୋଗରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ କୃଷ୍ଣସାର ସୁରକ୍ଷା ସମିତିର ସଭାପତି ତଥା ଭେଟନଇ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟଙ୍କୁ ପଚାରିବାରେ ବୃକ୍ଷରୋପଣ ହେଉଥିବା ଜମି ସମ୍ପୂର୍ଣ୍ଣ ଘରୋଇ ଏବଂ ଏହାଦ୍ୱାରା କୃଷ୍ଣସାରଙ୍କ ବସତିରେ କୌଣସି ପ୍ରଭାବ ପଡିବ ନାହିଁ। ସେହିଭଳି ନିର୍ମାଣ କରାଯାଉଥିବା ରାସ୍ତା ସମ୍ପର୍କରେ ସେ କହିଲେ ଯେ ଏହି ରାସ୍ତା କେଉଁ ଆବାହମାନ କାଳରୁ ରହିଛି ଏବଂ ଏହି ରାସ୍ତା ଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ହଳଶଗଡ ନେଇ ଯାତାୟାତ କରିଥାନ୍ତି। ରାସ୍ତାଟି ଧୋଇ ହୋଇଯିବା ପରେ କିଛି ମାଟି ପକାଯାଇ ତାକୁ ଉଚ୍ଚା କରାଯାଇଛି। ଏଣୁ କୃଷ୍ଣସାର ବସତିରେ ବାଧା ସୃଷ୍ଟି କରିବ ବୋଲି ହେଉଥିବା ଅଭିଯୋଗରେ କୌଣସି ଭିତ୍ତିଭୂମି ନାହିଁ ବୋଲି ସୁରକ୍ଷା ସମିତିର ଅଧକ୍ଷ ଉପାଧ୍ୟାୟ ପ୍ରକାଶ କରିଛନ୍ତି।



ଶେରଗଡ଼ ତହସିଲରେ ରବିବାର ରାତିରେ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ାଙ୍କ ତତ୍ତ୍ୱାବଧାନରେ ତିତ୍‌ଲି ଓ ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ଚାଲିଛି।

## ବ୍ଲକ ଘେରାଉ ପାଇଁ ଭାଜପାର ପ୍ରସ୍ତୁତି ବୈଠକ

କନିଷି,୨୮।୧୦(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମହାଦୁର୍ନୀତି, ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ଥଇଥାନ କରିବାରେ ବିଫଳ, ସରକାରୀ କଳର ଅପବ୍ୟବହାର ଅଭିଯୋଗରେ ଅଗାମୀ ୧ରେ ରଙ୍ଗେଇଲୁଣ୍ଡା ବ୍ଲକ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ କନିଷି ହାଟ ତୁଲୁରୋଡସ୍ଥିତ ପରବାଶୀ କଲ୍ୟାଣ ମଣ୍ଡପରେ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଜିଲା ସାଧାରଣ ସମ୍ପାଦକ ରାଜେଶ ସାହୁ, ୫୫ନଂ. ମଣ୍ଡଳ ସଭାପତି ଆର.ରଘୁନାଥ ପାତ୍ରଙ୍କ ସମେତ ଶତାଧିକ ନେତା, କର୍ମୀ ଯୋଗଦେଇଥିଲେ।

# କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ଖଜୁରିପଡା ବ୍ଲକ ପରିଦର୍ଶନ



କେନ୍ଦ୍ରୀୟ ପ୍ରତିନିଧି ଦଳ ଖଜୁରିପଡା ବ୍ଲକର ବିଭିନ୍ନ କାର୍ଯ୍ୟ ବୁଲି ଦେଖୁଛନ୍ତି।

ଖଜୁରିପଡା,୨୮।୧୦

ଖଜୁରିପଡା ବ୍ଲକକୁ ଶନିବାର କେନ୍ଦ୍ରୀୟ ପ୍ରତିନିଧି ଦଳ ଗସ୍ତ କରି ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ନ୍ୟାସନାଲ ଲେବଲ ମନିଟରିଂର ଡ. ଆଶିଷ କୁମାର ଭଞ୍ଜ ଓ ପ୍ରୀତି କାଠୁରିଆ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ରାସ୍ତା, ଶୌଚାଳୟ, ହିତାଧିକାରୀଙ୍କ ଆବାସ ଗୃହ, ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ଉପରେ ଲୋକଙ୍କୁ ପଚାରି ବୁଝିବା ସହ ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଡିଓ ରବିନାରାୟଣ ଜେଠୀଙ୍କୁ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ପରାମର୍ଶ ଦେଇଥିଲେ। ପିରୁକୁଡି ପଞ୍ଚାୟତର ବିଲାବାଡି ଗ୍ରାମ ସହ ସୁଡ୍ରୁକୁମ୍ପା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇଥିଲେ। ପ୍ରତି ଗ୍ରାମରେ ପ୍ରାୟ ୫ରୁ ୬ ଜଣ ହିତାଧିକାରୀଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନ ସମ୍ପର୍କରେ ବୁଝିଥିଲେ। ଏହି ଗସ୍ତରେ ବ୍ଲକ ଅତିରିକ୍ତ ପ୍ରୋଗ୍ରାମ କୋର୍ଡିନେଟର ନବନୀତ ତ୍ରିପାଠୀ, ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡସେଠ, ସୋନମ ବେହେରା, କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ପାତ୍ର, ସନ୍ତୋଷୀ ସାହୁ,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁର୍ଗାପ୍ରସାଦ ପଣ୍ଡା, ସୁଶାନ୍ତ ପ୍ରଧାନ, ପିଡିଡିଆର୍‌ଡିଏ ଏପିଡି (କ୍ରେଡିଟ୍) ରଞ୍ଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କାର-ବାଇକ ଧକ୍କା, ଯୁବକ ଗୁରୁତର

ଦିଗପହଣ୍ଡି, ୨୮।୧୦ (ଡି.ଏନ.ଏ.)- ଦିଗପହଣ୍ଡି-ତପ୍ତପାଣି ମୁଖ୍ୟରାସ୍ତାର ଡେଙ୍ଗାଓସ୍ତା ଗ୍ରାମ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ କାର ଧକ୍କାରେ ବାଇକ ଚାଳକ ଗୁରୁତର ହୋଇଛନ୍ତି । ସେ ହେଲେ ଡେଙ୍ଗାଓସ୍ତା ଗ୍ରାମର ଲକ୍ଷ୍ମୀ ନାରାୟଣ ପ୍ରଧାନ । ରବିବାର ଅପରାହ୍ନରେ ଲକ୍ଷ୍ମୀ ବାଇକ (ନଂ. ଓଆର୦୨ଏକ୍ସ୪୫୯୩) ଯୋଗେ ଦିଗପହଣ୍ଡି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ମାରୁତି କାର (ନଂ. ଓଡି୦୭ୟୁ୫୭୨)ଟି ବାଇକକୁ ଧକ୍କା ଦେଇଥିଲା । ଲକ୍ଷ୍ମୀ ତଳେ ପଡ଼ିଯିବାରୁ କାରଟି ତାଙ୍କ ଦୁଇ ଗୋଡ଼ ଉପରେ ମାଡ଼ି ଯାଇଥିଲା। ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ଛାତ୍ରୀମାନଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ।

ବେଗୁନିଆପଡ଼ା,୨୮।୧୦(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର ଜନତା ନୋଡାଲ ହାଇସ୍କୁଲ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ଏହାକୁ ଉଦଘାଟନ କରିଥିବା ବେଳେ ବ୍ଲକ ଅଧକ୍ଷା କେ. ରାଜଲକ୍ଷ୍ମୀ ଦୋରା ପୁରସ୍କାର ବିତରଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ସାହୁ, ଏବିଇଓ ବିଜୟ କୁମାର ରାଉତ, ରବି ନାରାୟଣ ମିଶ୍ର, ସୁଷମା ଶବର, ପ୍ରଧାନ ଶିକ୍ଷକ କେ. ଭିମରାଜୁ ପାତ୍ର ଉପସ୍ଥିତ ଥିଲେ। କ୍ଲଷ୍ଟର ସ୍ତରରୁ ଆସିଥିବା କୃତି ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

DSPL-227

OSDMA

ଓଡ଼ିଶା ସରକାର

ଓଡ଼ିଶାର ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିପର୍ଯ୍ୟୟ ପ୍ରାକ୍ ସୂଚନା ପ୍ରଦାନ ବ୍ୟବସ୍ଥାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ

ତାରିଖ: ୨୯ ଅକ୍ଟୋବର, ୨୦୧୮ | ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ସଚେତନତା ଓ ସତର୍କତା ହିଁ ସୁରକ୍ଷା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

**ସଂକ୍ଷେପରେ**

## ସୁରକ୍ଷିତ ଯାତ୍ରା ପାଇଁ ସଚେତନତା



ବ୍ରହ୍ମପୁର ଅଫିସ,୨୮।୧୦: ବ୍ରହ୍ମପୁର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ତରଫରୁ ରବିବାର ଷ୍ଟେଶନ୍‌ରେ ଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଯାତ୍ରା ସମୟରେ ଅଚିହ୍ନା ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ ନ କରିବା, ଆବଶ୍ୟକ ସ୍ଥଳେ ରେଳ ସୁରକ୍ଷା ବଳକୁ ଯୋଗାଯୋଗ କରିବା, ସନ୍ଦିଗ୍ଧ ଅବସ୍ଥାରେ ବ୍ୟାଗ୍ ଦେଖିଲେ ପୋଲିସକୁ ସୂଚନା ଦେବା, ମହିଳାମାନେ ପ୍ରତୀକ୍ଷାଳୟରେ ବିଶ୍ରାମ ନେବା ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆର୍‌ପିଏଫ୍‌ର ଆଇଆଇସି କେ.କେ. ସାହୁ, ସବ୍-ଇନ୍‌ସପେକ୍ଟର ସି.କେ. ତିୱାରୀ ଏବଂ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ ।

■ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସ୍କୁଲ ସଂଘ କର୍ମଶାଳା

# ବୈଷୟିକ ଶିକ୍ଷା ନୀତିର ଆବଶ୍ୟକତା ରହିଛି

ବ୍ରହ୍ମପୁର ଅଫିସ,୨୮।୧୦




କର୍ମଶାଳାରେ ମୁଖ୍ୟଅତିଥି ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି । ନିକଟରେ ଅତିଥି ଏବଂ ସଂଘର କର୍ମକର୍ତ୍ତା ।

ଓଡ଼ିଶାରେ ବୈଷୟିକ ଶିକ୍ଷାକୁ ସରକାର ବର୍ତ୍ତମାନ ସୁଦ୍ଧା ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବାରେ ଲାଗିଛି। ୧୯୯୫-୯୬ ବେଳକୁ ରାଜ୍ୟରେ କେବଳ ୧୦ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ରହିଥିଲା। ୨୦୧୭-୧୮ରେ ଏହା ବଢ଼ି ୧୧୭ରେ ପହଞ୍ଚିଛି। ଶିକ୍ଷାନୁଷ୍ଠାନ ସଂଖ୍ୟା ସିନା ବଢ଼ୁଛି, ହେଲେ ଶିକ୍ଷାରମାନ ବୃଦ୍ଧି ହୋଇ ପାରୁନାହିଁ। ଆଜି ଯାଏ ଆମ ରାଜ୍ୟର ପିଲାମାନେ ଗୁଣାତ୍ମକ ବୈଷୟିକ ଶିକ୍ଷା ପାଇପାରୁ ନାହାନ୍ତି। ଏଣୁ ସେମାନେ ଚାକିରି କ୍ଷେତ୍ରରେ ସଫଳ ହେଉନାହାନ୍ତି। ପରିଣାମ ସ୍ୱରୂପ ଗତ ୫ରୁ ୬ବର୍ଷ ହେଲା ବୈଷୟିକ ଶିକ୍ଷା ପ୍ରତି ପିଲାମାନଙ୍କ ଆଗ୍ରହ କମିବାରେ ଲାଗିଛି। ବହୁ ସଂଖ୍ୟାରେ ସିଟ୍ ଖାଲି ପଡୁଛି। ଏଭଳି ଏକ ଅଚଳାବସ୍ଥା ଦୂର କରିବା ପାଇଁ ରାଜ୍ୟ ସରକାର ଆଗକୁ ଆସିବା ଆବଶ୍ୟକ। ଓଡ଼ିଶାରେ ବୈଷୟିକ ଶିକ୍ଷା ନୀତିର ଆବଶ୍ୟକତା ରହିଛି ବୋଲି କହିଛନ୍ତି ମନ୍ତ୍ରୀ ତଥା ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସ୍କୁଲ ସଂଘ(ଓପିଇଏସ୍‌ଏ)ର ସଭାପତି ପ୍ରଫୁଲ୍ଲ ସାମଲ ।

ସ୍ଥାନୀୟ ଏକ ହୋଟେଲ୍‌ରେ ରବିବାର ଓପିଇଏସ୍‌ଏର ଏକ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାର ବିଷୟ 'ଅନୁଷ୍ଠାନ ନିର୍ମାଣ:ସମସ୍ୟା ଓ ନିରାକରଣ' ଉପରେ ନିଜର ମତ ରଖି ମୁଖ୍ୟଅତିଥି ତଥା ମନ୍ତ୍ରୀ ସାମଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ । ବୈଷୟିକ ଶିକ୍ଷା ନୀତି ଲାଗୁ ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି, ଶିକ୍ଷକଙ୍କ ଯୋଗ୍ୟତା ଓ ଦରମା, କର୍ମନିଯୁକ୍ତି ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ନିର୍ଦ୍ଦିଷ୍ଟ ମାପକାଠି ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସଦାନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଭରିବା ସହ ସେମାନଙ୍କ ଆଗ୍ରହ ଅନୁଯାୟୀ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତୀକରଣ ପରେ ବୈଷୟିକ ଶିକ୍ଷାର ଚାହିଦା ବଢ଼ୁଥିବା ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଭିତ୍ତିଭୂମି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥା(ଆଇଆଇଏସ୍‌ଇଆର୍) ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର୍ ଚାରି ସମୟ ଏବଂ ଜ୍ଞାନ କୌଶଳ ବଦଳୁଥିବା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ତଦନୁଯାୟୀ ଭିତ୍ତିଭୂମି ବିକଶିତ କରନ୍ତୁ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ବୈଷୟିକ ଶିକ୍ଷା ସମୟର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ। ଓସକମ୍‌ର ଅଧ୍ୟକ୍ଷ ଇଂ. ଜେ.ଏ. ଜନାର୍ଦ୍ଦନ ଶିକ୍ଷାନୁଷ୍ଠାନଗୁଡ଼ିକ ଭିତରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ଓପିଇଏସ୍‌ଏର ଉପଦେଷ୍ଟା ଭଗବାନ ଗନ୍ତାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଇଂ. ସରୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଇଂ. ବିଭୂତି ଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଘରେ କେହି ନ ଥିବା ବେଳେ ଚୋରି

ବ୍ରହ୍ମପୁର ଅଫିସ,୨୮।୧୦

ବ୍ରହ୍ମପୁର ଟାଉନଥାନା ଅଧୀନ ଧର୍ମନଗର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ନଂ. ୨୨୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ରାଜେନ୍ଦ୍ର ପାଢୀ ସପରିବାର ଶନିବାର ପୂର୍ବାହ୍ନରୁ ପୁରୀ ଯାଇଥିଲେ। ରବିବାର ଅପରାହ୍ନରେ ଘରକୁ ଆସି କବାଟ ଖୋଲିବା ପରେ ଘରେ ଥିବା ଆଲମିରା ମେଲା ପଡିଥିବା ବେଳେ ଆସବାବ ପତ୍ର ସବୁ ଏଣେ ତେଣେ ପଡିଥିଲା। କେହି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ଘରକୁ ପଶି ଆଲମିରା ତାଡି ଦେଢ ଲକ୍ଷ ଟଙ୍କା, ୧୫ ତୋଳା ସୁନା ଅଳଙ୍କାର ଏବଂ ରୁପା ଅଳଙ୍କାର ଚୋରି କରି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ।

## ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ୍,୨୮।୧୦: ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ଦୂରୀକରଣ - ନବ ଭାରତ ନିର୍ମାଣ ପ୍ରସଙ୍ଗ ଉପରେ କାର୍ଟୁନ୍, ଚିତ୍ରାଙ୍କନ, ଇଂଲିଶ ଏବଂ ଓଡିଆ ଭାଷାରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିବା ବେଳେ ଗୋପାଳପୁର କଲେଜ ଅଧାପକ ଚିତ୍ତରଞ୍ଜନ ପଟ୍ଟନାୟକ, ଛତ୍ରପୁର ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁମିତା ମିଶ୍ର, ଡୁରା କଲେଜ ଅଧକ୍ଷ ପିନାକୀ ମହାନ୍ତି, ଅଧ୍ୟାପକ ବି.ବି.ନାୟକ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ବାଲିପଦରର ଅଧ୍ୟାପକ ଡ.ବିବେକାନନ୍ଦ କର ଓ ଅଧାପିକା ମିନତି ଆଚାର୍ଯ୍ୟ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଡିଏସ୍‌ପି ବି.ଡି.ନାୟକ, ରାଜୀବ ମିଶ୍ର, କୁମୁଦିନୀ ସାହୁ, ବୁଲୁ ବେହେରା, ନାରାୟଣ ସେଠୀ ଓ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦୁର୍ନୀତି ନିବାରଣ ପକ୍ଷ ପାଳନ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଆଜିଠୁ କ୍ରୀଡ଼ା ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ



ଷ୍ଟାଡିୟମ୍ ଏବଂ କ୍ରୀଡ଼ା ଛାତ୍ରାବାସର କର୍ମଚାରୀମାନେ ।

ବ୍ରହ୍ମପୁର ଅଫିସ,୨୮।୧୦

କ୍ରୀଡ଼ା ଓ ଯୁବ ସେବା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ଦାବିନେଇ ସୋମବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ଘୋଷଣା କରିଛନ୍ତି । ଫଳରେ ବ୍ରହ୍ମପୁର ଷ୍ଟାଡିୟମ୍ ଏବଂ କ୍ରୀଡ଼ା ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। କର୍ମଚାରୀଙ୍କ ଅଭିଯୋଗ ହେଲା, ବିଭାଗରେ ବହୁ ପଦବୀ ଖାଲି ପଡ଼ିଛି। ଫଳରେ ଉଦ୍ଦିଷ୍ଟ କର୍ମଚାରୀମାନେ ଅଧିକ କାମ କରୁଛନ୍ତି। କିନ୍ତୁ ପଦବୀ ପୂରଣ ହେଉନାହିଁ। ୧୯୯୩ ଏପ୍ରିଲ୍ ପୂର୍ବରୁ ନିଯୁକ୍ତ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କୁ ଟେମ୍ପରାରୀ ଷ୍ଟାଟସନ୍ ଦେଇ ପେ' ଗ୍ରେଡ୍ ଦିଆଯାଉଛି । ସ୍ଥାୟୀ ପାଇଁ ବହୁଥର ଦାବି ହୋଇଥିଲେ ମଧ ସରକାର ପୂରଣ କରିନାହାନ୍ତି। ଅନେକ ୨୫ରୁ ୩୦ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ। ଅପରପକ୍ଷେ କର୍ମଚାରୀମାନେ ଦିନକୁ ୧୬ଘଣ୍ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ଏଣୁ ସ୍ଥାୟୀ ନିଯୁକ୍ତି ସହ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରରୁ ଜଣକୁ ଥଇଥାନ ସହ ୫ଲକ୍ଷ ଟଙ୍କାର ସହାୟତା, ସରକାରୀ ଓ ୱାର୍କଚାର୍ଜ କର୍ମଚାରୀଙ୍କୁ ମିଳୁଥିବା ଛୁଟି ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ, କର୍ମଚାରୀଙ୍କୁ ଇପିଏଫ୍ ଏବଂ ଇଏସ୍‌ଆଇ ପ୍ରଦାନ ଏବଂ ପ୍ରତ୍ୟେକ ଷ୍ଟାଡିୟମ୍ ଓ କ୍ରୀଡ଼ା ଛାତ୍ରବାସରେ କର୍ମଚାରୀଙ୍କ ରହିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି । ପୂର୍ବରୁ ଏନେଇ ବହୁଥର ରାଜ୍ୟ କ୍ରୀଡ଼ା ଓ ଯୁବସେବା କର୍ମଚାରୀ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି । ହେଲେ ସରକାର ଦାବି ପୂରଣ କରିନାହାନ୍ତି। ଏହାର ପ୍ରତିବାଦରେ ୨୯ତାରିଖରୁ ରାଜ୍ୟବ୍ୟାପୀ କ୍ରୀଡ଼ା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ରହ୍ମପୁରରେ ଏହି ଆନ୍ଦୋଳନରେ ଟି.ମୋହନ ରାଓ, ସୁଦର୍ଶନ ବେହେରା, ମହେନ୍ଦ୍ର ମୃଦଙ୍ଗିଆ, ନରସିଂହ ପାଢୀ, ମୁନା କୁମାର ଥାପ୍ପା, ବନମାଳୀ ବାହାଦୁର, ପ୍ରଦୀପ୍ତ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ ଓ ପଦ୍ମଚରଣ ମିଶ୍ର ପ୍ରମୁଖ ସାମିଲ୍ ହୋଇଛନ୍ତି ।

## ଗଞ୍ଜାମ ଅବସର କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୮।୧୦

ଗଞ୍ଜାମ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଇଥିବାରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ମାସିକ ୧ ହଜାର ଟଙ୍କା ଚିକିତ୍ସା ଭତ୍ତା ଦେବା ପାଇଁ ସଂଘ ଦାବି କରିଛି। କାର୍ଯ୍ୟକାରୀ ସଭାପତି ଇଂ. କିଶୋର ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବିବରଣୀ ପାଠ କରିଥିଲେ। ବିଭିନ୍ନ ଆଲୋଚନାରେ ପ୍ରଭାସ କୁମାର ଚୌଧୁରୀ, ସତ୍ୟବାଦୀ ପାତ୍ର, ଶ୍ରୀରାମ ପଟ୍ଟନାୟକ, ଜୟନ୍ତୀ ଲାଲ ଚୌହାନ, ନରସିଂହ ପଟ୍ଟନାୟକ, ଡି. ଆପ୍ପାରାଓ, ଚନ୍ଦ୍ର ବେହେରା, ଅନନ୍ତରାମ ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, ବିନୋଦ ଚନ୍ଦ୍ର ପାଣିଗ୍ରାହୀ, ବିପ୍ର ଚରଣ ପାତ୍ର, ପର୍ଶୁରାମ ଦଳାଇ, ସୁରେନ୍ଦ୍ର ପାତ୍ର ଓ ନବୀନ ପଟ୍ଟନାୟକ ଭାଗ ନେଇଥିଲେ ।

## ଆଇସିଏଆଇର ବାର୍ଷିକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୮।୧୦

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଦକ୍ଷିଣ ଓଡ଼ିଶା ଚାପ୍ଟର ତରଫରୁ ୧୨ତମ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଚାପ୍ଟର ଅଧ୍ୟକ୍ଷ ନରସିଂହ ଚନ୍ଦ୍ର କର ଉଦ୍‌ଘାଟନ କରିଥିଲେ। ପୂର୍ବତନ ସର୍ବଭାରତୀୟ ସଭାପତି ପ୍ରଭାକର ମହାନ୍ତି ପେସା ପ୍ରତି ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ସଦସ୍ୟ ନିରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଇନ୍‌ଷ୍ଟିଚ୍ୟୁଟ୍‌ର ଚିନ୍ତାଧାରା, କାର୍ଯ୍ୟଶୈଳୀ, ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ଉପସଭାପତି ସି.ଭେଙ୍କେଟରମଣ, ପୂର୍ବତନ ପୂର୍ବାଞ୍ଚଳ ଅଧ୍ୟକ୍ଷ ଶିବ ପ୍ରସାଦ ପାଢୀ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶେଷରେ ସମ୍ପାଦକ ବିନୋଦ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ ।



ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ।

## ସିନିୟର ସିଟିଜେନ ଫୋରମ ବୈଠକ

ବ୍ରହ୍ମପୁର ଅଫିସ,୨୮।୧୦

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ବୈଠକ ବ୍ରହ୍ମପୁର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୫ ଜଣ ବରିଷ୍ଠ ନାଗରିକଙ୍କ ଜନ୍ମଦିନ ପାଳନ ହୋଇଥିଲା ଓ ସେମାନଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଫୋରମ ସଭାପତି ରାସ ବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ, ପ୍ରଭାକର ସାହୁ, ସଙ୍ଗୀତା ପଣ୍ଡା, ସୂର୍ଯ୍ୟକାନ୍ତ ପାତ୍ର, ରବୀନ୍ଦ୍ର କୁମାର ମହାରଣା, ପ୍ରଶାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ସୌମିକ ସାହୁ, ବଂଶୀଧର ପାଳ, ପଦ୍ମଲୋଚନ ମହାପାତ୍ର, ହୃଷୀକେଶ ନାହାକ, ବାସୁଦେବ ମହାରଣା, ଥୋମାସ ଡେଭିଡ ଓ କାଶିନାଥ ଚୌଧୁରୀ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲାସ୍ତରୀୟ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୮।୧୦

ଭିକାରୀବଳ ସ୍ମୃତି ସଂସଦ ପକ୍ଷରୁ ଜିଲାସ୍ତରୀୟ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ପ୍ରଭାତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ । ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ବିଭାଗରେ ଶତାଧିକ ପ୍ରତିଯୋଗୀ ଯୋଗଦେଇ ଭଜନ ସମ୍ରାଟ ଭିକାରୀ ବଳଙ୍କ ଦ୍ୱାରା ରଚିତ ତଥା କଣ୍ଠଦାନ କରିଥିବା ସଙ୍ଗୀତ ପରିବେଷଣ କରିଥିଲେ । ତନୁଶ୍ରୀ ମିଶ୍ର, କାଳୀପ୍ରସାଦ ପଣ୍ଡା, ଯତୀନ ଦାଶ ଓ ଭକ୍ତିପ୍ରସାଦ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ସର୍ବକନିଷ୍ଠ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କେ. ଅଞ୍ଜଳୀ ପାତ୍ର ପ୍ରଥମ ହୋଇଥିବା ବେଳେ ସ୍ୱୟଂଶ୍ରୀୟା ପଟ୍ଟନାୟକ ଦ୍ୱିତୀୟ, ପ୍ରତ୍ୟୁଷା ମୁଦ୍ରା ତୃତୀୟ ହୋଇଥିଲେ । କନିଷ୍ଠ ବର୍ଗରେ ଶୀତଳ କବି ପ୍ରଥମ, ଦିବ୍ୟାଶା ପଣ୍ଡା ଦ୍ୱିତୀୟ, ଆରବ କୌଶିକ ଦାଶ ତୃତୀୟ ହୋଇଥିବା ବେଳେ ଅଙ୍କିତା ରାଣୀ ପାତ୍ର, ଅର୍ପିତା ପଣ୍ଡାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଚୟନ କରାଯାଇଥିଲା । ସଂଘ ଉପସଭାପତି ସନ୍ତୋଷ କୁମାର ବେହେରାଙ୍କ ସମେତ କମିଟି ସଦସ୍ୟ ପି. ସୁବାସ ପାତ୍ର, ନିରଞ୍ଜନ ମାଲଣା, ମନୋଜ ପାଣିଗ୍ରାହୀ, ରଶ୍ମିରଞ୍ଜନ ସାହୁ, ଚିନ୍ତାମଣି ବେହେରା, ଅଭେନ୍ଦୁ ପଟ୍ଟନାୟକ, ନାରାୟଣ ନାହାକ, କେ. ରବୀନ୍ଦ୍ର ଦାଶ, ଭବାନୀ ମିଶ୍ର, ସରୋଜ ମିଶ୍ର, ବିଶ୍ୱମ୍ଭର ବେହେରା ଓ ପ୍ରଭାତ ନରସିଂହ ପ୍ରମୁଖ ସହଯୋଗ କରିଥିଲେ । ସଂଘ ସମ୍ପାଦକ ମିହିର କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ନଭେମ୍ବର ୨ରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏମ୍‌କେସିଜି ମେଡିକାଲ ଛକ ମର୍ଦ୍ଦରାଜ ଭେଣ୍ଡିଂଜୋନ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ନେଇ ସଂଘ ପକ୍ଷରୁ କୁହାଯାଇଛି ।



ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ଅବସରପ୍ରାପ୍ତ ସେନା କର୍ମଚାରୀ ସମାବେଶ

# ଯୋଗଦେଲେ ୩୦୦ରୁ ଊର୍ଦ୍ଧ୍ୱ ସେନା କର୍ମଚାରୀ

■ ୩୬ ସେନା କର୍ମଚାରୀ ସମ୍ମାନିତ

■ ଆସନ୍ତା ବର୍ଷରୁ ଏକ୍ସ-ସର୍ଭିସମ୍ୟାନଙ୍କୁ ସିଭିଲ ସର୍ଭିସ କୋଚିଂ

ବ୍ରହ୍ମପୁର ଅଫିସ,୨୮।୧୦



ଅବସରପ୍ରାପ୍ତ ସେନାକର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଖୋଲାଯାଇଥିବା ସହାୟତା କେନ୍ଦ୍ର ।

ଗୋପାଳପୁର ବାୟୁସେନା ରକ୍ଷା କେନ୍ଦ୍ରରେ ଗୋପାଳପୁର ମିଲିଟାରୀ ଷ୍ଟେଶନ ପକ୍ଷରୁ ଅବସରପ୍ରାପ୍ତ ସେନା କର୍ମଚାରୀ ସମାବେଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଜିଲା ତଥା ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ କର୍ଣ୍ଣେଲ ଆର.କେ. ମିଶ୍ର, ଗୋପଳପୁର ମିଲିଟାରୀ ଷ୍ଟେଶନ କମାଣ୍ଡାଣ୍ଟ ରାଜୀବ ଶ୍ରୀବାସ୍ତବ, ଅବସରପ୍ରାପ୍ତ କର୍ଣ୍ଣେଲ ଏଲ.କେ. ଆଚାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ରହିଥିବା ବିଭିନ୍ନ ଯୋଜନା ଉପରେ ସୈନିକ ବୋର୍ଡ ସମ୍ପାଦକ କର୍ଣ୍ଣେଲ ମିଶ୍ର ଆଲୋକପାତ କରିଥିଲେ। ଭୂମିହୀନ ଅବସରପ୍ରାପ୍ତ ସେନାକର୍ମଚାରୀଙ୍କୁ ଗୃହନିର୍ମାଣ ନିମିତ୍ତ ଜମି କିଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସକୁ ୬୦୦୦ ଟଙ୍କା ପେନସନ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଗ୍ରୁପ-ବି, ଗ୍ରୁପ-ସି, ଗ୍ରୁପ-ଡି ଶ୍ରେଣୀର ଚାକିରି କ୍ଷେତ୍ରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ୩ ପ୍ରତିଶତ ସିଟ ସଂରକ୍ଷିତ ରହିଛି । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସନ୍ତାନଙ୍କ ପ୍ରଫେଶନାଲ କୋର୍ସ ପାଇଁ ୩ ପ୍ରତିଶତ ସିଟ, ପିଜି କୋର୍ସରେ ୧୦ ପ୍ରତିଶତ ସିଟ ସଂରକ୍ଷିତ ରହିଥିବା ସେ ସୂଚନା ଦେଇଥିଲେ । ସେହିପରି କେନ୍ଦ୍ର ସୈନିକ ବୋର୍ଡ ପକ୍ଷରୁ ନନ୍ ପେନ୍‌ସନ ଧାରୀଙ୍କ ପାଇଁ ମାସକୁ ୪୦୦୦ ଟଙ୍କା ପେନସନ, ମାସକୁ ଏକହଜାର ଟଙ୍କା ପର୍ଯ୍ୟନ୍ତ ଏଜୁକେଶନ ଗ୍ରାଣ୍ଡ, କନ୍ୟାସନ୍ତାନଙ୍କ ବିବାହ ପାଇଁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ମଧ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମେଧାବୃତ୍ତିରେ ପ୍ରଫେଶନାଲ କୋର୍ସ କରୁଥିବା ଅବସରପ୍ରାପ୍ତ ସେନାଧିକାରୀଙ୍କ କନ୍ୟା ସନ୍ତାନଙ୍କ ପାଇଁ ୨୦ ହଜାର ଟଙ୍କା, ପୁରୁଷ ସନ୍ତାନଙ୍କୁ ୧୨୦୦୦ ଟଙ୍କା ପର୍ଯ୍ୟନ୍ତ ମେଧାବୃତ୍ତି ପ୍ରଦାନ କରାଯାଉଥିବା ମିଶ୍ର ସୂଚାଇଥିଲେ । ଅବସରପ୍ରାପ୍ତ ସେନାଧିକାରୀଙ୍କ ପାଇଁ ସିଭିଲ ସର୍ଭିସରେ ନିଯୁକ୍ତି ପାଇଁ ବହୁ ସୁବିଧା ସୁଯୋଗ ରହିଛି। ଏହାକୁ ଦୃଷ୍ଟିରେ ରଖି ଅବସରପ୍ରାପ୍ତ ସେନାଧିକାରୀଙ୍କୁ ସିଭିଲ ସର୍ଭିସରେ ନିଯୁକ୍ତି ପ୍ରଦାନ ପାଇଁ ଗୋପାଳପୁର ଆର୍ମି ଏଡି କଲେଜରେ ଆସନ୍ତା ବର୍ଷ ସୁଦ୍ଧା କୋଚିଂ ଆରମ୍ଭ କରାଯିବାର ଯୋଜନା ରହିଥିବା ଗୋପଳପୁର ମିଲିଟାରୀ ଷ୍ଟେଶନ କମାଣ୍ଡାଣ୍ଟ ଶ୍ରୀବାସ୍ତବ ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୩୬ ଅବସରପ୍ରାପ୍ତ ସେନାଧିକାରୀ, ବୀରନାରୀ, ଶହୀଦଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରେନ ଦୁର୍ଘଟଣାରେ ଗୋଡ ହରାଇଥିବା ପୂର୍ବତନ ସେନାକର୍ମଚାରୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କୁ ୩ ଚକିଆ ଟିଭିଏସ ଜୁପିଟର ପ୍ରଦାନ କରାଯାଇଥିଲା । ଦକ୍ଷିଣ ଓଡିଶାର ୧୧ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନାଧିକାରୀ, ବୀରନାରୀ ଓ ଶହୀଦଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାୟତା କେନ୍ଦ୍ର ଖୋଲା ଯାଇଥିଲା ।

## ସଂକ୍ଷେପରେ

### ପାଟପୁରରେ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଦିଗପହଣ୍ଡି ବିଜୟୀ



ଦିଗପହଣ୍ଡି/ପାଟପୁର, ୨୮।୧୦(ଡି.ଏନ.ଏ.): ପାଟପୁର କଲେଜ ଖେଳ ପଡ଼ିଆରେ ରବିବାର ଫ୍ରେଣ୍ଡସ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ଲକ୍ଷ୍ମୀ ଚରଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୂର୍ବତନ ସରପଞ୍ଚ ନୀଳାଞ୍ଚଳ ପଣ୍ଡା, ମୁକୁନ୍ଦ ବରାଡ଼, ଦୁର୍ଗା ମାଧବ ପାଢ଼ୀ, ଶଙ୍କର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ମ୍ୟାଚରେ ଦିଗପହଣ୍ଡି ଭଲିବଲ ଟିମ୍ ପ୍ରତିପକ୍ଷ ଗୌତମୀ ଗ୍ରାମ ଭଲିବଲ ଟିମ୍‌କୁ ୨-୧ରେ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି । ମାଧବ ଖୁଣ୍ଟିଆ ମ୍ୟାଚ ରେଫରୀ ଥିବା ବେଳେ ଟୁର୍ନାମେଣ୍ଟ ଆୟୋଜକ କର୍ମକର୍ତ୍ତା ଜିତେନ୍ଦ୍ର ସ୍ୱାଇଁ, ଅମିତ ଲେଙ୍କା, ଶିବାଜୀ ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ ।

### ହିଞ୍ଜିଳିକାଟୁରେ ବିଜେଡିର ପଦଯାତ୍ରା

ହିଞ୍ଜିଳିକାଟୁ, ୨୮।୧୦(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ୬୮ ନଂ. ଜୋନରେ ବିଜେଡିର ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେଡିର ବହୁ ଜନ ପ୍ରତିନିଧି, ନେତା ଓ କର୍ମୀ ଭାଗ ନେଇଥିଲେ। ପୂର୍ବାହ୍ନରେ ୬୮ ନଂ. ଜୋନ ରାଳବ ଗ୍ରାମରୁ ଏହି ପଦଯାତ୍ରା ଆରମ୍ଭ ହୋଇ ପରେ ଆଲପୁର ଓ ଗିରିଆ ନାରାୟଣପୁରଠାରେ ଜନ ସମ୍ପର୍କ ପଦଯାତ୍ରା ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱରେ ରାଜ୍ୟରେ ବିଜେଡି ସରକାର ଗରିବଙ୍କ ଉନ୍ନତି ଓ



ପ୍ରତିଶ୍ରୁତି ମୁତାବକ କାମ କରୁଛି ବୋଲି ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଆୟୋଜିତ ପଥପ୍ରାନ୍ତ ସଭାରେ କହିଥିଲେ। ବ୍ଲକ ଅଧ୍ୟକ୍ଷ ଏନ୍ ରଘୁନାଥ, ପୌର ସଭାପତି ଭୀମସେନ ବେହେରା, ଡି ବିଶ୍ୱନାଥ, ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ସାବତ, ଜିଲା ପରିଷଦ ସଭ୍ୟା ଆରତି ମହାନ୍ତି କାଳିଆ ସାହୁ ପ୍ରମୁଖ ବହୁ ଜନ ପ୍ରତିନିଧି, ନେତା ଓ କର୍ମୀ ସାମିଲ ଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବ୍ରହ୍ମପୁର ୩୧ନଂ. ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# ମୋଦି ସରକାର ବିରୋଧରେ ବର୍ଷିଲେ ନେତା

ବ୍ରହ୍ମପୁର ଅଫିସ,୨୮।୧୦

ମହାନଗର ୩୧ନଂ. ୱାର୍ଡ କମାପଲୀ ଓ ଅଶୋକ ନଗର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ବିଜେଡିର ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ବୈଦ୍ୟନାଥେଶ୍ୱର ମନ୍ଦିର ଛକରୁ କର୍ମୀଙ୍କ ପଦଯାତ୍ରା ଆରମ୍ଭ ହୋଇ ସମସ୍ତ ସାହି ପରିକ୍ରମା ବେଳେ ବିରୋଧୀ ଦଳ କଂଗ୍ରେସ ଓ ଭାଜପାକୁ ଟାର୍ଗେଟ କରି ନାରାବାଜି ଦେଇ ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ଦଳକୁ ଲୋକେ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ପଦଯାତ୍ରାକୁ ପୂର୍ବତନ କର୍ପୋରେଟର ଯୁବନେତା ସୁରେନ୍ଦ୍ର କୁମାର ମହାରଣା ସଂଯୋଜନା କରିଥିଲେ । ଯୁବ ସଂଗଠକ ସନ୍ତୋଷ ପାତ୍ର ଓ ଅନ୍ୟମାନେ ସହଯୋଗ



ଜନ ସମ୍ପର୍କ ପଦଯାତ୍ରାରେ ବିଜେଡି ନେତାମାନେ ।

କରିଥିଲେ । ବିଜେଡିର ଯୁବ, ଛାତ୍ର, ମହିଳା, ବିଜୁ ଶ୍ରମିକ ସାମ୍ମୁଖ୍ୟ ଆଦିର ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ ।

କମାପଲୀ ବଡ଼ସାହିରେ ଆୟୋଜିତ ସମାବେଶରେ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ ଯୋଗ ଦେଇଥିଲେ। ଭାଷଣ ପ୍ରସଙ୍ଗରେ ନେତା ଓ ନେତ୍ରୀମାନେ ନବୀନ ସରକାରଙ୍କ ଲୋକାଭିମୁଖୀ ଶାସନ ସମ୍ପର୍କରେ ବଖାଣି ଥିଲେ । ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାରଙ୍କ ସାମଗ୍ରିକ ବିଫଳତାକୁ ସମାଲୋଚନା କରିଥିଲେ । ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ନିନ୍ଦା କରାଯାଇ ଏଣିକି ବରଦାସ୍ତ କରା ନ ଯିବାର ଚେତାବନୀ ଦିଆଯାଇଥିଲା ।

ପଦଯାତ୍ରା ଓ ସମାବେଶରେ ସମବାୟ ପାଇକାରୀ ଭଣ୍ଡାର ସଭାପତି ସୁଧୀର କୁମାର ରାଉତ, ଭଗବାନ ଗନ୍ତାୟତ, ବନମାଳୀ ସେଠୀ, ମହାନଗର ବିଜେଡି ସଭାପତି ବିଜୟ ସାମଲ, ଯୁବ ବିଜେଡି ମହାନଗର ସଭାପତି ମୁକୁନ୍ଦ ଗୌଡ଼, ପୂର୍ବତନ କର୍ପୋରେଟର ତ୍ରିପତି ପାତ୍ର, ଗଙ୍ଗାଧର ପାତ୍ର, ପୂର୍ବତନ ଉପନଗରପାଳ ନିରଞ୍ଜନ ଜେନା, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଷୋୟୀ, ବିଜେଡି ରାଜ୍ୟ ସମ୍ପାଦକ ଟି. ଗୋପୀ ଓ ଦଳର ଅନ୍ୟମାନେ ଯୋଗ ଦେଇଥିଲେ।

# ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧିଷ୍ଠାନ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ, ୨୮।୧୦

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ର ଅଧିଷ୍ଠାନ ଉତ୍ସବ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣେଶ ହଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ସହ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୨୦୧୮ -୧୯ ଶିକ୍ଷାବର୍ଷରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନୁଷ୍ଠାନ ସଂଯୋଜକ ଡ. ସତ୍ୟନାରାୟଣ କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ସଂଯୋଜକ ଡ. ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# 'ଶାବରିମାଳା ବିବାଦ, ମହିଳା ଅଧିକାର' ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଭାଗ ନେଇଥିବା ଆଲୋଚକମାନେ ।

ବ୍ରହ୍ମପୁର ଅଫିସ,୨୮।୧୦

ସଂକଳ୍ପ ବିଦ୍ୟାଳୟରେ ମାନବବାଦୀ ହେତୁବାଦୀ ସଂଗଠନ ଆନୁକୂଲ୍ୟରେ 'ଶାବରିମାଳା ମନ୍ଦିର ପ୍ରବେଶ ବିବାଦ ଓ ମହିଳାଙ୍କ ଅଧିକାର' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବରିଷ୍ଠ ହେତୁବାଦୀ ରାଜା ସୁରେଶ ଅଧ୍ୟକ୍ଷତା କରିଥିଲେ। ଅଧାପିକା ରାଜବାଳା ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ କେ.ନାନ୍ଦେଶ୍ୱ ସେନାପତି ଆଲୋଚନାଚକ୍ର ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଡା. ମଞ୍ଜୁପ୍ରଭା ଦାସ ଯୋଗ ଦେଇଥିଲେ । ଶାବରିମାଳା ମନ୍ଦିରରେ ୮ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ମହିଳାଙ୍କ ପ୍ରବେଶ ଉପରେ କଟକଣା ରହିଛି । ୧୦ରୁ ୫୦ବର୍ଷ ବୟସ୍କ ମହିଳାଙ୍କ ଋତୁସ୍ରାବ ହେଉଥିବା ଯୋଗୁ ଏହି କଟକଣା ରହିଛି । ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟରେ ମହିଳାଙ୍କ ପ୍ରବେଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କେତେକ ରଢ଼ିବାଦୀ ବିରୋଧ କରୁଛନ୍ତି। ଏପରିକି ଶାବରିମାଳାରେ ଆନ୍ଦୋଳନ ମଧ କରୁଛନ୍ତି। ସର୍ବସାଧାରଣଙ୍କ ମନ୍ଦିରରେ ଲିଙ୍ଗ ଭେଦକୁ ସୁପ୍ରିମ୍‌କୋର୍ଟ ହଟାଇ ଦେଇଥିବା ବେଳେ ଅନ୍ୟପଟେ ଏହାକୁ ବିରୋଧୀ ନିନ୍ଦନୀୟ କହୁଛନ୍ତି। ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା। ଏହା ସହ ଅଶୁଦ୍ଧତାର କୌଣସି ସମ୍ପର୍କ ନାହିଁ ବୋଲି ଆଲୋଚକମାନେ ମତ ରଖିଥିଲେ। ଆଲୋଚନାଚକ୍ରରେ ପ୍ରତାପ ଚୌଧୁରୀ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ବାସୱା ରାଜୁ, ପ୍ରତାପ ପ୍ରଧାନ, ରବିନାରାୟଣ ଆଚାର୍ଯ୍ୟ, ସୁଶାନ୍ତ କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ସାହୁ, କେଦାର ଶବର, ଅର୍ଚ୍ଚନା ପ୍ରଧାନ, ରୁବିରାଣୀ ସେଠୀ, ଦୁର୍ଗାବାଳା ଟୁଡୁ, ଦେବରାଜ ଷଡ଼ଙ୍ଗୀ, ବି.ବାଳା କ୍ରିଷ୍ଣା, ପ୍ରଶାନ୍ତ ମହାରଣାଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଭାଗ ନେଇଥିଲେ ।

# ଯୁବ ରେଡକ୍ରସର ୨ ଦିନିଆ ତାଲିମ ଶିବିର

ବୁଗୁଡ଼ା,୨୮।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ମାଣିତରା ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ଭାରତୀୟ ଯୁବ ରେଡକ୍ରସ ପକ୍ଷରୁ ସମ୍ପୃକ୍ତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଓ ଶନିବାର ୨ ଦିନ ଧରି ପ୍ରାଥମିକ ଚିକିତ୍ସା ଏବଂ ହାତଧୁଆ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର ସୋସାଇଟି ପରାମର୍ଶଦାତା ଅଧାପକ ଦିଲ୍ଲୀପ କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଏହି ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ସମ୍ପୃକ୍ତ ମହାବିଦ୍ୟାଳୟର ଅଧକ୍ଷ ଅନୁପ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଅଧାପକ ସନ୍ତୋଷ କୁମାର ସ୍ୱାଇଁ, ଡ. ପ୍ରିୟବ୍ରତ ପ୍ରଧାନ, କାହ୍ନୁ ଚରଣ ଦାଶ ଓ ସନ୍ତୋଷ କୁମାର ଗୌଡ଼ ପ୍ରମୁଖ ଯୋଗଦେଇ ଯେକୌଣସି ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ସ୍ୱରୂପ କ'ଣ କରାଯିବା ଉଚିତ ଏବଂ ହାତଧୁଆର ବିଶେଷ ଉପକାରିତା ଉପରେ ତାଲିମ ଦେଇଥିଲେ। ଉକ୍ତ ଦୁଇଦିନିଆ ଶିବିରରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଚକ୍ଷୁ ଚିକିତ୍ସା ଶିବିର




ଜିଲାପାଳଙ୍କ ସହ ବରିଷ୍ଠ ନାଗରିକ ।

ଫୁଲବାଣୀ ଅଫିସ, ୨୮।୧୦

ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ରବିବାର ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡା.ବୃନ୍ଦା ଡି. ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଫୁଲବାଣୀ ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୧୫୦ରୁ ଅଧିକ ବରିଷ୍ଠ ନାଗରିକ ସେମାନଙ୍କର ନାମ ପଞ୍ଜୀକରଣ କରାଇ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬୦ ଜଣଙ୍କ ଚକ୍ଷୁ ଜନୀତ ରୋଗ ଥିବା ଚିହ୍ନଟ କରା ଯାଇଥିଲା । ୧୯ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ବୀରମହାରାଜପୁରସ୍ଥିତ ମହାନଦୀ ନେତ୍ରାଳୟକୁ ପଠାଯାଇଛି । ନେତ୍ରାଳୟର ସୁଜିତ ଥାପା, ପ୍ରଶାନ୍ତ କୁମାର ଦାସ, ଧର୍ମରାଜ ନାୟକ, ନିମାଇଁ ଚରଣ ଦଳବେହେରା, ବିକାଶ ବେହେରା, ନିବେଦିତା କର୍ଣ୍ଣ, ରଶ୍ମି ନାୟକ, ରବିନାରାୟଣ ହୋତା, ଜଗମୋହନ ସେଠୀ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ । ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ନବୀନ କିଶୋର ପଣ୍ଡା, ସମ୍ପାଦକ ପ୍ରଣବ ମଣ୍ଡଳ, ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ସାହାଣୀ, କୋଷାଧ୍ୟକ୍ଷ ରାଜକିଶୋର ପାଢ଼ୀ, ସଭ୍ୟ ବନବିହାରୀ ନନ୍ଦ, ବ୍ରହ୍ମାନନ୍ଦ ପାଢ଼ୀ, ଚିଦାନନ୍ଦ ପଟ୍ଟନାୟକ, ଶରତଚନ୍ଦ୍ର ସାହୁ, ଏଲ.ତ୍ରିନାଥ ପାତ୍ର ଓ ମୋଚିରାମ ମିଶ୍ରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

ବ୍ରହ୍ମପୁର ଅଫିସ,୨୮।୧୦

ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସୋରଡ଼ା ବ୍ଲକର ୧୦ ପଞ୍ଚାୟତ ଏବଂ ଗଜପତି ଜିଲା ମୋହନା ବ୍ଲକର ୨୫୦ ଗ୍ରାମର ଜନସାଧାରଣ ନିର୍ଭର କରୁଛନ୍ତି । ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶିବସେନା ତରଫରୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ତ୍ରୀ ରୋଗ, ଚକ୍ଷୁରୋଗ ବିଶେଷଜ୍ଞ ନିଯୁକ୍ତି ଦେବା ସହ ରକ୍ତ, ମଳ ଓ ମୂତ୍ର ପରୀକ୍ଷା ପାଇଁ ଥିବା ପରୀକ୍ଷାଗାରର ଆଧୁନିକୀକରଣ, ଡାକ୍ତରଖାନାରେ ପାନୀୟ ଜଳ ବ୍ୟବସ୍ଥା, କର୍ମଚାରୀ ଏବଂ ଡାକ୍ତରଙ୍କ ତାଲିକା ଲଗାଇବା, ମହିଳା ପୋଲିସ ଏବଂ ସୁରକ୍ଷାକର୍ମୀ ନିଯୁକ୍ତି, ଶୌଚାଳୟଗୁଡ଼ିକର ମରାମତି, ରୋଗୀ ଶଯ୍ୟା ବୃଦ୍ଧି ସହ ପୁରୁଣା ଶଯ୍ୟାଗୁଡ଼ିକର ମରାମତି, ନିରାମୟ ଯୋଜନାରେ ସମସ୍ତ ଔଷଧ ବିତରଣ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ତୁରନ୍ତ ଏଗୁଡ଼ିକର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲା ପ୍ରମୁଖ ସନାତନ ଚୌଧୁରୀ, ଯୁବସେନା ପ୍ରମୁଖ ତୁଳସାୟା ରେଡ୍ଡୀ, ମହାନଗର ଯୁବ ପ୍ରମୁଖ ଅନିଲ ସାହୁ, ସନ୍ତୋଷ ପାଢ଼ୀ, ଡମ୍ବରୁ ବେହେରା, ବାବୁଲା ନାୟକ ଏବଂ ରବୀନ୍ଦ୍ର କୁମାର ବିଶ୍ୱଳ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ବ୍ରହ୍ମପୁର ପୂର୍ତ୍ତ ବିଭାଗର ନୂଆ ତରିକା । ନୋ-ଏଣ୍ଟ୍ରି ସୂଚନା ଫଳକ ପରିବର୍ତ୍ତେ ମାଟିଗଦା । ଗୋପାଳପୁର ରେଲୱେ ଫ୍ଲାଏ ଓଭର ବ୍ରିଜ୍ ଉପରେ ଥିବା ସୂଚନା ଫଳକ ତିତ୍‌ଲିରେ ଉଡିଯିବା ପରେ ସେଠାରେ ଏବେ ମାଟିଗଦା କରି ରାସ୍ତା ଅବରୋଧ କରାଯାଇଛି । (ଫୋଟ- ସମୀର ରଥ)

# ଗଛରୁ କଣ୍ଟା ବାହାରିଲା, ବସା ଲାଗିଲା

ବ୍ରହ୍ମପୁର ଅଫିସ,୨୮।୧୦

ଆଞ୍ଚଳିକ ବିକାଶ ପରିଷଦ, ବ୍ରହ୍ମପୁର ସବୁଜ ବାହିନୀ ତରଫରୁ ରବିବାର ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଆଡ଼ପଡ଼ା ଗ୍ରାମରେ ଘର ଚଟିଆ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମରେ ପ୍ରାୟ ୮ କୃତ୍ରିମ ବସା ଓ ୨ ଖାଦ୍ୟସ୍ଥଳୀ ଲଗାଯାଇଥିଲା । ସେହିଭଳି ଗ୍ରାମର ପ୍ରାୟ ୧୪ ଗଛରୁ ଲୁହା କଣ୍ଟା ଏବଂ ତାର ଓ ବିଜ୍ଞାପନ ଫଳକ ବାହାର କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମାଧବ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ସଭାପତି ସାଗର କୁମାର ପାତ୍ର, ସବୁଜ ବାହିନୀ ସମ୍ପାଦକ ଏମ୍.ଦିଲ୍ଲୀପ କୁମାର, ବିଜେନ୍ଦ୍ର ମାଝି, ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, ସଞ୍ଜୟ ପାତ୍ର, ଶିବରାମ ବେହେରା, ସୋନୁ ମାନ୍ନା, ଚନ୍ଦନ, ଧନୁର୍ଦ୍ଧର, ଡାକ, ଗଦାଧରଙ୍କ ସମେତ ଈଶାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ଏବଂ ଈଶାଣେଶ୍ୱର ପାଠାଗାରର ସଦସ୍ୟମାନେ ଯୋଗ ଦେଇଥିଲେ ।



ଗ୍ରାମବାସୀଙ୍କୁ କୃତ୍ରିମ ବସା ବଣ୍ଟନ କରାଯାଇଛି ।

# ବ୍ରହ୍ମପୁରରେ ଗ୍ରୀନ୍ ଆକ୍ସନ ୱିକ୍ ପାଳନ

ବ୍ରହ୍ମପୁର ଅଫିସ,୨୮।୧୦

ପରିବେଶ ସନ୍ତୁଳନ ରଖିବା ପାଇଁ ସାରା ବିଶ୍ୱରେ ଅକ୍ଟୋବରରେ ଗ୍ରୀନ୍ ଆକ୍ସନ ୱିକ୍ ପାଳନ କରାଯାଏ । ଏହି କ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ(ୱାଇଏସ୍‌ଡି) ତରଫରୁ ସ୍ଥାନୀୟ ଏକ ହୋଟେଲ୍‌ରେ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଥିଲା। ପରିବେଶ ଉପରେ କୁପ୍ରଭାବ ପକାଉଥିବା ଦ୍ରବ୍ୟ ଉତ୍ପାଦନ ହ୍ରାସ କରିବା ସହ ଦାୟିତ୍ୱହୀନ ବ୍ୟବହାରରେ ରୋକ ଲଗାଇବା, ଦାୟିତ୍ୱବାନ୍ କ୍ରୟ ଓ ଉତ୍ପାଦନ, ବର୍ଜ୍ୟବସ୍ତୁ କମାଇବା ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଶେୟାରିଂ କମ୍ୟୁନିଟି(ଗୋଷ୍ଠୀ ସହଭାଜନ)କୁ ପ୍ରୋତ୍ସାହିତ କରିବା, ପ୍ରାକୃତିକ ସମ୍ପଦର ଉପଯୋଗକୁ ଯଥା ସମ୍ଭବ କମ୍ କରିବା,




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ବକ୍ତାମାନେ ।

ଆଗାମୀ ପିଢ଼ି ପାଇଁ ସଞ୍ଚୟ, ଜୈବିକ ଖାଦ୍ୟ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଡ଼ିଏ ଅଧକ୍ଷ ସୁବାସ ମହାରଣା ଯୋଗ ଦେଇଥିଲେ। ୱାଇଏସ୍‌ଡିର ମୁଖ୍ୟ ବିଭୁ ପ୍ରସାଦ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ପରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା 'ଅର୍ଗାନିକ ସୋଚ୍'ର ଅଭିନାଶ କୋଟନି, ବ୍ରହ୍ମପୁର ସବୁଜ ବାହିନୀ ଏବଂ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ସେମାନଙ୍କ ସଂଗଠନର କାର୍ଯ୍ୟଶୈଳୀ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନା ରଖିଥିଲେ। ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ସଚ୍ଚିଦାନନ୍ଦ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ପ୍ରଦୂଷଣର କାରଣ ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ । ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ନିଜ ବକ୍ତବ୍ୟରେ ବିଶ୍ୱରେ ବୃଦ୍ଧି ପାଉଥିବା ପ୍ରଦୂଷଣ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର ଉପରେ ଚିନ୍ତା ପ୍ରକାଶ କରିଥିଲେ। ଶେଷରେ ଆଲୋଚ୍ୟ ବିଷୟ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ଦସ୍ତଖତ ସଂଗ୍ରହ କରାଯାଇଥିଲା । ୱାଇଏସ୍‌ଡିର ଚନ୍ଦନ କୁମାର ସାହୁ, ଅଭିରାମ କହଁର ଓ ପ୍ରକାଶ ଚନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ସାହୁ, ସ୍ମୃତି କୁମାରୀ ସାହୁ, ବନିତା ନାୟକ, ଶିବାନୀ ଦାସ ଏବଂ ପିଙ୍କି ଦାସ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ମଦ ବ୍ୟବସାୟକୁ ନେଇ ଗଣ୍ଡଗୋଳ, ୫ ଆହତ

ବୁଗୁଡ଼ା,୨୮।୧୦(ଡି.ଏନ.ଏ.):ବୁଗୁଡ଼ା ଥାନା ଗୋଲିଆ ଗ୍ରାମରେ ମଦ ବ୍ୟବସାୟକୁ କେନ୍ଦ୍ରକରି ରବିବାର ଏକ ଗଣ୍ଡଗୋଳରେ ୫ ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୨ ଗୁରୁତର ଟୁଟୁ ନାୟକ, ଦୁଆରଶୁଣିର ମ୍ୟାନେଜର ରମେଶ ଚନ୍ଦ୍ର ସାହୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ୩ ଆହତ ହେଲେ ଲିଟୁ ବେହେରା, ଗୌରାଙ୍ଗ ନାୟକ, ଦୁଃଶା ନାୟକ। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୋଲିଆ ଗ୍ରାମରେ ପ୍ରାୟ ୧୫ ଦିନ ହେଲା ମଦ ଦୋକାନ ବନ୍ଦ ଥିଲା। ତେବେ ମ୍ୟାନେଜରଙ୍କ ସହ ଆହତ ୫ ଜଣ ରବିବାର ଗୋଲିଆ ଯାଇ ମଦ ବିକ୍ରୟ କରିବାକୁ ଯୋଜନା ଆରମ୍ଭ କରିଥିଲେ। ଏ ନେଇ ଗ୍ରାମବାସୀ ଓ ମଦ ବିକ୍ରେତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଗ୍ରାମବାସୀଙ୍କ ଆକ୍ରମଣରେ ୫ ଜଣ ଆହତ ହୋଇଥିଲେ।

### ବାଇକ୍ ଦୁର୍ଘଟଣା, ୨ ଯୁବକ ଗୁରୁତର


ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.): ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ଦୁଆରଗାଁ ନିକଟରେ ରବିବାର ମଧ୍ୟାହ୍ନରେ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ବାସୁଦେବପୁର ଗ୍ରାମର ରଞ୍ଜନ ସାହୁ ସାଇକେଲରେ ଆଇସକ୍ରିମ ବିକ୍ରି କରିବାକୁ ଯାଉଥିବା ବେଳେ ଅନଙ୍ଗପୁର ଗ୍ରାମର ଲିଟୁ ରେଡ୍ଡୀଙ୍କ ପଲସର୍ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଉଭୟେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ଦ୍ୱୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଗୁଳିମାଡ଼ ଘଟଣା, ଅଭିଯୁକ୍ତ ଅଜା ଗଲେ ଜେଲ



ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମରେ ଘଟିଥିବା ଗୁଳିମାଡ଼ ଘଟଣାରେ ଅଭିଯୁକ୍ତ ଅଜା ଅର୍ଜୁନ ନାଇକ (୮୦)ଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା କେ.ନୂଆଗାଁ ଥାନା ଆଇଆଇସି ସୁଜିତ କୁମାର ନାୟକ କହିଛନ୍ତି। ଥାନା ନଂ. ୧୪୨/୧୮ରେ ଜାମିନ ନାମଞ୍ଜୁର ହେବାରୁ ଅର୍ଜୁନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁଳିଚାଳନା ପରେ ଘର ବାରିପଟେ ଲୁଚାଇ ରଖିଥିବା ଦେଶୀ ବନ୍ଧୁକକୁ ପୋଲିସ ଜବତ କରିଛି। ଗୁଳିମାଡ଼ରେ ଗୁରୁତର ସନାତନ ମଳିକଙ୍କ ଅବସ୍ଥା ବିପଦମୁକ୍ତ ଥିବା ପୋଲିସ କହିଛି। ଦାମୋଦରପୁର ଗ୍ରାମର ସମ୍ପାରୁ ମଳିକଙ୍କ ପୁଅ ସନାତନ ତାଙ୍କ ମାମୁଙ୍କ ଝିଅକୁ ଭଲ ପାଉଥିଲେ। ଏହି ସମ୍ପର୍କକୁ ଉଭୟ ପରିବାର ବିରୋଧ କରୁଥିଲେ। ଅଜା ଅର୍ଜୁନଙ୍କ ବାରଣ ସତ୍ତ୍ୱେ ସନାତନ ତାଙ୍କ ଘରକୁ ପୂର୍ବପରି ଯା'ଆସ କରୁଥିଲେ। ଶୁକ୍ରବାର ରାତିରେ ନିଶାସକ୍ତ ଅବସ୍ଥାରେ ଅର୍ଜୁନ ସନାତନଙ୍କ ମାଆଙ୍କୁ ଗାଳିଗୁଲଜ କରିଥିଲେ। ମାଆ ପ୍ରତିବାଦ କରିବାରୁ ଅର୍ଜୁନ ଉତ୍ତେଜିତ ହୋଇ ଘର ଭିତରୁ ବନ୍ଧୁକ ଆଣି ଗୁଳି ଫୁଟାଇଥିଲେ। ପାଖରେ ଥିବା ସନାତନ ନିଜ ମାଆଙ୍କୁ ବଞ୍ଚାଇବାକୁ ଯାଇ ଗୁଳିମାଡ଼ର ଶିକାର ହୋଇଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

### ରାଶନକାର୍ଡରେ ଚାଉଳ ବଣ୍ଟନର ଶୁଭାରମ୍ଭ



ଗଞ୍ଜାମ,୨୮।୧୦(ଡି.ଏନ.ଏ.): ଗଞ୍ଜାମ ଏନଏସିର ୱାର୍ଡ ନଂ.୧୧ ଓ ୧୨ ଦାମୋଦରପୁର ଗ୍ରାମରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଥମ ପର୍ଯ୍ୟାୟ ରାଶନକାର୍ଡ ଚାଉଳ ବଣ୍ଟନ ରବିବାର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୭ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇଥିଲା। ବ୍ଲକ ଯୋଗାଣ ବିଭାଗ ନିରୀକ୍ଷକ ରୀନାରାଣୀ ମହାପାତ୍ରଙ୍କ ପରାମର୍ଶକ୍ରମେ ଚାଉଳ ବଣ୍ଟନ ହୋଇଥିବା ଡିଲର ଏସ୍ ଭୂଦେବୀ ରେଡ୍ଡୀ କହିଛନ୍ତି। ବ୍ଲକରେ ୬ହଜାର ୩୪୬ ପରିବାର ଆବେଦନ କରିଥିଲେ। ସେଥିରୁ ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସି ପାଇଁ ୧୧୭୬ କାର୍ଡ ବ୍ଲକକୁ ଆସିଥିବା ବ୍ଲକ ଏମ୍‌ଆଇ ମହାପାତ୍ର କହିଛନ୍ତି।

# ସତ୍ତା ହରାଇବାକୁ ବସିଛି ହୁମ୍ମା ଲୁଣ ଉତ୍ପାଦନ କେନ୍ଦ୍ର

ବିଦ୍ୟାଧର ସାହୁ
ଗଞ୍ଜାମ,୨୮।୧୦(ଡି.ଏନ.ଏ.)

- ଲୁଣ ଜମି ପାଲଟିଛି ଗୋରୁଙ୍କ ଚରାଭୂଇଁ
- ଦିଆଯାଉନି ଗୁରୁତ୍ୱ, ଆଶଙ୍କାରେ ଲୁଣ ଚାଷୀ

ଗଞ୍ଜାମ ଓ ହୁମ୍ମା ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଶହ ଶହ ଏକର ଲୁଣ ଚାଷ ଜମି ରହିଛି। ଲୁଣ ଉତ୍ପାଦନକୁ ଗୁରୁତ୍ୱ ଦିଆଯାଉ ନ ଥିବା ଯୋଗୁ ତାହା ଏବେ ବୁଲା ଗୋରୁ ଓ ମଇଁଷିଙ୍କ ଚରାଭୁଇଁ ପାଲଟିଛି। କେନ୍ଦ୍ରୀୟ ଲବଣ ଓ ସାମୁଦ୍ରିକ ରସାୟନିକ ଅନୁସନ୍ଧାନ ସଂସ୍ଥା (ଗୁଜରାଟ) ଓଡ଼ିଶା ଲବଣ ଉତ୍ପାଦନକାରୀଙ୍କ ଉଦ୍ଦେଶ୍ୟରେ ଆଦର୍ଶ ଲବଣ ଓ ଉତ୍ପାଦନ କ୍ଷେତ୍ର ଭାବେ ଉକ୍ତ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଏଥିସହିତ ଭାରତ ସରକାରଙ୍କ ଲବଣ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପରିକଳ୍ପିତ ଓ ବିକଶିତ ପାଇଁ ହୁମ୍ମା ଓ ସୂର୍ଯ୍ୟନାରାୟଣପୁର ଗ୍ରାମ ମଧ୍ୟ ଭାଗରେ ଏକ ଲୁଣ ଗାଲି ନିର୍ମାଣ କରାଯାଇଥିଲା। ଏଥିସହ ସେହି ଲୁଣ ଗାଲି ଥିବା ସ୍ଥାନରେ ଶ୍ରମିକମାନେ ବିଶ୍ରାମ ନେବା ପାଇଁ ୨୦୦୭ ମସିହାରେ ଏକ ଶ୍ରମିକ ବିଶ୍ରାମାଗାର ମଧ୍ୟ ୬୩,୫୦୦ ଟଙ୍କା ବ୍ୟୟରେ ନିର୍ମାଣ



ଲୁଣ ଜମିରେ ଗୋରୁ, ମଇଁଷି ଚରୁଛନ୍ତି।

କରାଯାଇଥିଲା। ତାହାକୁ ତତ୍‌କାଳୀନ ସଲ୍ଟ କମିଶନର ଏସ. ସୁନ୍ଦରସେନ (ଆଇଏସଏସ) ଉଦଘାଟନ କରିଥିଲେ। କିନ୍ତୁ ତାହା ଏବେ କାର୍ଯ୍ୟକାରୀ ନ ହୋଇ ଭାଙ୍ଗିରୁଜି ଗଲାଣି। ବିଶ୍ରାମାଗାରଟି ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଗଞ୍ଜାମ ବ୍ଲକର ହୁମ୍ମା ସମେତ ଲକ୍ଷ୍ମୀପୁର, ଝାଡ଼ୁକୁଦା, ମୟୁରପଦା, ନିଳାଦ୍ରିପୁର, ଖଟୁଆକୁଦା, କଣ୍ଟିଆଗଡ଼, ପୁଇଁତୋଳା, ବିଞ୍ଝଣାପଲି ଏବଂ ସୂର୍ଯ୍ୟନାରାୟଣପୁର ଆଦି ଗ୍ରାମର ଲୋକମାନେ ଅନ୍ୟାନ୍ୟ ଚାଷ ସହ ଲୁଣଚାଷ କରିଥାନ୍ତି। କିନ୍ତୁ ସରକାର କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁ ଅଧିକାଂଶ ଚାଷୀ ଏଥିରୁ ମୁହଁ ଫେରାଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅଦିନିଆ ବର୍ଷା ଯୋଗୁ ଗତ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଚାଷରୁ କ୍ଷତି ସହୁଛନ୍ତି ଚାଷୀ। ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ଅଧିକ ଲୁଣ ଉତ୍ପାଦନ ହୋଇପାରିବ ବୋଲି ତତ୍‌କାଳିନ ସମବାୟ ସମିତି ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ ସୂଚନା ଦେଇଛନ୍ତି।

ଲୁଣ ଉତ୍ପାଦନ ପ୍ରଣାଳି କହିଲେ ଏହି ଚାଷ ପ୍ରାୟତଃ ଖରାଦିନେ ହୋଇଥାଏ। ସମୁଦ୍ର ପାଣିକୁ ଚାଷ ଜମିରେ ମଡ଼ାଇ ୪ କିମ୍ବା ୫ ଦିନ ଖରାରେ ଶୁଖିବା ପରେ ସେହି ମାଟିକୁ ଚକଟି ସେଥିରୁ ପାଲକା ସାହାଯ୍ୟରେ ଲୁଣ ଉତ୍ପାଦନ କରାଯାଇଥାଏ। ପୂର୍ବରୁ କରେଣ୍ଟ ଦ୍ୱାରା ମଟର ସାହାଯ୍ୟରେ ସମୁଦ୍ର ପାଣିକୁ ଚାଷ ଜମିରେ ଭର୍ତ୍ତି କରାଯାଇ କମ ଦିନରେ ଅଧିକ ଲୁଣ ଉତ୍ପାଦନ ହୋଇପାରୁଥିଲା। କିନ୍ତୁ ବିଦ୍ୟୁତ ଶୁଳ୍କ ପୈଠ କରା ନ ଯିବାରୁ ତାହା ବିଚ୍ଛିନ୍ନ ହୋଇଯାଇଛି। ପ୍ରାୟ ୩ ଲକ୍ଷରୁ ଅଧିକ ବିଦ୍ୟୁତ ଦେୟ ବକେୟା ଥିବା ଗଞ୍ଜାମ ବିଦ୍ୟୁତ ବିଭାଗ ସେକ୍ସନ ସୁପରଭାଇଜର ସୂର୍ଯ୍ୟନାରାୟଣ ବିଶୋଇ ଯୋଗାଯୋଗ ବେଳେ କହିଛନ୍ତି।

ଲୁଣର ଚାହିଦା କହିଲେ ବର୍ତ୍ତମାନ ହ୍ରାସ ଥିବା ପରିଲକ୍ଷିତ ହେଉଛି। କାରଣ ଏଠାରୁ ଉତ୍ପାଦିତ ଲୁଣକୁ ହୁମ୍ମା ଓ ବିଞ୍ଝଣାପଲି ଲବଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ଦ୍ୱାରା ସ୍ଥାନୀୟ ଇଣ୍ଡଷ୍ଟ୍ରିଜ କ୍ରୟ କରି ସେଥିରୁ ବିଭିନ୍ନ ପ୍ରକାର କଷ୍ଟିକ ସୋଡା ତିଆରି କରୁଥିଲା। କିନ୍ତୁ ତାହା ମଧ୍ୟ କୌଣସି କାରଣରୁ ବନ୍ଦ ହୋଇଯାଇଛି। ଏଥିସହିତ ଅନ୍ୟାନ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ହେଉଥିଲେ ମଧ୍ୟ ଲୁଣ ଦର ବୃଦ୍ଧି ଘଟୁନାହିଁ।

ପ୍ରକାଶ ଯେ, ଏହି ଅଞ୍ଚଳରେ ଭାରତ ସରକାରଙ୍କ ୧୪୭୨ ଏକର ଜମି ରହିଛି। ସେଗୁଡ଼ିକ ଲୁଣ ଉତ୍ପାଦନ ପାଇଁ ସମବାୟ ସମିତିକୁ ଲିଜ୍ ଆକାରରେ ଦିଆଯାଇ ପ୍ରତି ୨୦ ବର୍ଷରେ ଥରେ ଲିଜ୍‌ର ନବୀକରଣ କରାଯାଇଥାଏ। ଏହା ଗତ ୨୦୧୧ରେ ନବୀକରଣ କରାଯାଇଥିବା ସମିତି ପକ୍ଷରୁ କୁହାଯାଇଛି। ସେଥିରୁ ହୁମ୍ମା ଓ ବିଞ୍ଝଣାପଲ୍ଲି ଲବଣ ସମବାୟ ସମିତି ଅଧିନରେ ୭୨୯ ଏକର ଜମି ରହିଛି। ଚଳିତ ବର୍ଷ ୧୫୦ରୁ ୧୬୦ ଏକର ଜମିରେ ଲୁଣଚାଷ ହେଉଥିବା ଜଣାପଡ଼ିଛି।




ପରିତ୍ୟକ୍ତ ଅବସ୍ଥାରେ ଥିବା ଶ୍ରମିକ ବିଶ୍ରାମାଗାର।

## ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ମିଳିବ:ବିକ୍ରମ

ଭଞ୍ଜନଗର,୨୮।୧୦(ଡି.ଏନ.ଏ.)

ପ୍ରାକୃତିକ ଦୁର୍ବିପାକ ଯୋଗୁ ଗଞ୍ଜାମ ଜିଲାରେ ବିଗତ କିଛିବର୍ଷ ହେଲା ବାତ୍ୟା ବନ୍ୟା ବାରମ୍ବାର ହେଉଛି। ଏହାଦ୍ୱାରା ଜିଲାରେ ବ୍ୟାପକ କ୍ଷୟକ୍ଷତି ହେଉଛି। ବିଶେଷକରି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଚାଷୀମାନଙ୍କର ବିଶେଷ କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏନେଇ ସର୍ଭେ କାର୍ଯ୍ୟ ଚାଲିଛି। ସର୍ଭେ ସରିବା ପରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ। ଏଥିସହ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ପରିବାର ଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଇ ସହାୟତା ରାଶି ପ୍ରଦାନ ଚାଲିଛି। ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ରବିବାର ତିତ୍‌ଲି କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ବଣ୍ଟନ ଉତ୍ସବରେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଆୟୋଜିତ ଉତ୍ସବରେ ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଦିନମଣି ନାୟକ, ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ଭଜରାମ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ରମେଶ ଚନ୍ଦ୍ର ଜାନି, ଅନିଲ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

## ମଦ ଜବତ, ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଦିଗପହଣ୍ଡି/ପାଟପୁର, ୨୮।୧୦(ଡି.ଏନ.ଏ.): ପାଟପୁର ପୋଲିସ ଶନିବାର ଜଗନ୍ନାଥପୁର ଗ୍ରାମର ଅନୁ ସ୍ୱାଇଁଙ୍କଠାରୁ ୯୦ଟି ଦେଶୀମଦ ପାଉଚ ଜବତ କରିବା ସହ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ନଂ. ୨୧୧/୧୮ରେ ମାମଲା ରୁଜୁ ହୋଇଛି। ସେହିପରି ପଳାସପୁର ଗ୍ରାମର ଅଶୋକ କୁମାର ସାହୁଙ୍କ ଠାରୁ ୯୨ଟି ଦେଶୀ ମଦ ପାଉଚ ଜବତ କରାଯାଇ ନଂ.୨୦୯/୧୮ ଏବଂ ସାହାସପୁର ଗ୍ରାମର ରଙ୍କ ସାହୁଙ୍କ ନିକଟରୁ ୮୫ଟି ଦେଶୀ ମଦ ପାଉଚ ଜବତ କରି ନଂ.୨୧୦/୧୮ରେ ମାମଲା ରୁଜୁ କରାଯାଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ଜଣାଇଛନ୍ତି। ଦିଗପହଣ୍ଡି ପୋଲିସ ମଳାଭଞ୍ଜା ଗ୍ରାମର ମଦ ବିକ୍ରେତା କବିରାଜ ବିଶୋୟୀଙ୍କୁ ଶନିବାର କୋର୍ଟଚାଲାଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କବିରାଜ ମଦ ବିକ୍ରି କରୁଥିବା ବେଳେ ପୋଲିସ ଚଢାଉ କରି ୪୨ଟି ଦେଶୀ ମଦ ପାଉଚ ଜବତ କରିଥିଲା। ଏନେଇ ନଂ. ୧୯୬/୧୮ ଅନୁଯାୟୀ ମକଦ୍ଦମା ରୁଜୁକରିଛି।

## ମୁକୁଳା ପଡ଼ିଛି ଆଗୁଳ ନାଳ, ଚାଷୀ ଆତଙ୍କିତ

ଧରାକୋଟ,୨୮।୧୦(ଡି.ଏନ୍.ଏ.)

ତିତ୍‌ଲି ପ୍ରଭାବରେ ଧରାକୋଟ ବ୍ଲକ ରୁଗୁମୁ, ବାହାରପୁର ପଞ୍ଚାୟତ ଦେଇ ପ୍ରବାହିତ ଆଗୁଳ ନାଳର ୧୦ଟି ଯାଗା ଧୋଇ ହୋଇ ଏହାର ଗତିପଥ ବଦଳାଇଛି। ଫଳରେ ବାଖରକଟା, କାନଗରିଡ଼ି, ବେଠୁଆର, ଡାକିବଜା ଆଦି ଗ୍ରାମ ନିକଟ ଶହ ଶହ ଏକର ଜମି ବାଲିଚର ହେବାରୁ ଧାନ, ଆଖୁ ଓ ପନିପରିବା ଫସଲ ଉବୁଡ଼ିଯାଇଛି। ଯାହା ଚାଷୀଙ୍କୁ ଆତଙ୍କିତ କରିଦେଇଛି। ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଜଳ ସେଚନ ବିଭାଗର ନଦୀବନ୍ଧ, କେନାଲ ବନ୍ଧ, ପୂର୍ତ୍ତ ବିଭାଗର ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ମରାମତି ହୋଇ ସାରିଥିବାବେଳେ ଡ୍ରେନେଜ ବିଭାଗର ପଦାଧିକାରୀମାନେ ବେପରୁଆ ଭାବେ ଆଗୁଳ ନାଳକୁ ମୁକୁଳା ଛାଡ଼ିଦେଇଛନ୍ତି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ କ୍ଷୟକ୍ଷତିର ଅନୁଧ୍ୟାନ କରି ଏଷ୍ଟିମେଟ ପଠାଇ ଦେଇଛୁ, ଅନୁଦାନ ଆସିଲେ କାମ ହେବ ବୋଲି ପ୍ରକାଶ କରିଛନ୍ତି। ଏପଟେ ଚାଷୀ ବାତ୍ୟା ଦାଉରୁ ରକ୍ଷା ପାଇଥିବା ଫସଲ ଅମଳ ପାଇଁ ଆଶଙ୍କାରେ ରହିଛି।



ମୁକୁଳା ପଡ଼ିଥିବା ଆଗୁଳ ନାଳ।

## ବ୍ଲକସ୍ତରୀୟ ସୁରଭି-୨୦୧୮ ଉଦ୍‌ଯାପିତ

ଦାରିଙ୍ଗବାଡ଼ି,୨୮।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବିଇଓଙ୍କ କାର୍ଯ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଯାକବ ପ୍ରଧାନ ଯୋଗଦେଇ ଥିଲେ । ବିଇଓ ପୁରେନ୍ଦ୍ର ବେହେରା ଏଥବରେ ଅଧ୍ୟକ୍ଷତା କରିଥିଲେ । ସିଆରସିସି ରଞ୍ଜିତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ବିଆରସିସି ତଥା ଏବିଇଓ ସୁବାସିନୀ ଦିଗାଳ, ହିମଗିରି କଳା ପରିଷଦ ସଭାପତି ପତିତପାବନ ରାଉତ, ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରାବତୀ ପ୍ରଧାନ, ଶିକ୍ଷକ ବିଦେଶୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ପଦାକୁ ଆସିଥାଏ ବୋଲି କହିବା ସହ ନିଜ କ୍ଲଷ୍ଟର ଭିତରେ ପ୍ରଥମେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ନେଇ ବିଆରସିସି ସୁବସିନୀ ଦିଗାଳ କହିଥିଲେ । ସେହିପରି ବ୍ଲକସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କହିଥିଲେ । ଏଭଳି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ଖେଳକୁଦ ସହ କୁଇଜ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ଆଦିରେ ଭଲ କରିଥିବା ଉପସ୍ଥିତ ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ୨୫ ପଞ୍ଚାୟତରେ କାର୍ଯ୍ୟରତ ସିଆରସିସିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଗାଇଡ ଶିକ୍ଷୟିତ୍ରୀଶିକ୍ଷକ ମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବହୁ ଶିକ୍ଷୟିଣ ବିଶେଷ କରି ସ୍କୁଲରେ ପାଠପଢ଼ା, ଚଳଣୀ ଏବଂ ସ୍ୱଚ୍ଛ ଭାରତ ସମ୍ପର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମକୁ ପୂର୍ବାହ୍ନ ୧୦ଟାରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।




ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ମୁନୁ



@ କିରଣ



@ ନୀଳାଞ୍ଚଳ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୯ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ରାଇକିଆ,୨୮।୧୦(ଡ଼ି.ଏନ.ଏ.):** କନ୍ଧମାଳ ଜିଲା ରାଇକିଆ ଗୋଷ୍ଠୀ ସାଧନ କାର୍ଯ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଯାମୀ ପ୍ରଧାନ ସଭାପତିତ୍ୱ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାରଥି କହଁର, ସୀମାଦ୍ରି କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସୃଜନଶୀଳ ଲିଖନ, କୁଇଜ, ବକ୍ତୃତା, ଚିତ୍ରାଙ୍କନ ଓ ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥି ଭାବେ ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ବିଜୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ପୃଷ୍ଟି, ଅବସରପ୍ରାପ୍ତ ଏବିଇଓ ସନ୍ତୋଷ ସାହୁ, ଯୋଗ ଦେଇଥିଲେ । ସିଆରସିସି ସମୀର ଦିଗାଳ, ଅନିଲ ଦିଗାଳ ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ଚୟନ କରାଯାଇଥିଲା ।

### ସ୍ୱଚ୍ଛ ଭାରତ ମିଶନର ସଫେଇ କାର୍ଯ୍ୟକ୍ରମ



**ବୁଗୁଡ଼ା,୨୮।୧୦(ଡି.ଏନ.ଏ.):** ବୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସ୍ୱଚ୍ଛ ଭାରତ ମିଶନର ସମୂହ ସଫେଇ କାର୍ଯ୍ୟକ୍ରମ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ତାକରଡ଼ା ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର, ଡେଙ୍ଗାବାଡ଼ି ଓ ମତାଝରି ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମୂହ ସଫେଇ ହୋଇଥିଲା। ଏଥିରେ ସରପଞ୍ଚ ଦମୟନ୍ତୀ ପ୍ରଧାନ, ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ପ୍ରବର୍ତ୍ତକ ନୃସିଂହ ଚରଣ ଦାଶ, ଶିକ୍ଷକ କାହ୍ନୁ ଚରଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବାଲିପଦରରେ ବିଭିନ୍ନ ସ୍ଥାନରେ ହୋଇଥିବା ସଫେଇ କାର୍ଯ୍ୟକ୍ରମରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ଯନ୍ତ୍ରୀ ଶୁଭଶ୍ରୀ ମହାରଣା ପ୍ରମୁଖ ସାମିଲ ଥିଲେ। ପାଙ୍ଗିଡ଼ି ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମରେ ସରପଞ୍ଚ ସୁଶାନ୍ତ କୁମାର ଆପଛ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ରା ପ୍ରମୁଖ ସହଯୋଗ କରିଥିଲେ। ଅପରପକ୍ଷରେ ବି.କରଡ଼ାବାଡ଼ି ପଞ୍ଚାୟତ ଓ ଗୋଲାବନ୍ଧ ପଞ୍ଚାୟତରେ ମଧ ସରପଞ୍ଚ ସୀମାଞ୍ଚଳ ପ୍ରଧାନ ଓ ବସନ୍ତ କୁମାର ସାମଲଙ୍କ ଉପସ୍ଥିତିରେ ସଫେଇ ହୋଇଥିଲା।

# ଘୁଷୁରି ପଲଙ୍କ ଉପଦ୍ରବ, ଚିନ୍ତାରେ ଚାଷୀ

**କନିଷି,୨୮।୧୦(ଡି.ଏନ.ଏ.)**

### କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଲେ ଭାଜପା ରାଜ୍ୟ ସମ୍ପାଦକ

ରଙ୍ଗେଇଲୁଣ୍ଡାରେ ବାତ୍ୟା ଓ ବନ୍ୟାରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ବର୍ତ୍ତମାନ ଘୁଷୁରିର ଚିନ୍ତା ଚାଷୀଙ୍କୁ ଘାରିଛି। ରଙ୍ଗେଇଲୁଣ୍ଡା ବ୍ଲକ, ଚିକିଟି ବ୍ଲକ ଓ ଆଖପାଖ ଅଞ୍ଚଳର ପ୍ରାୟ ୩୦ଟି ଗ୍ରାମପଞ୍ଚାୟତର ହଜାର ହଜାର ଏକର ଚାଷ ଜମିରେ ଘୁଷୁରି ପଲଙ୍କ ଉପଦ୍ରବରେ ଫସଲ ଉଜୁଡ଼ି ଯାଉଛି। ଚାଷୀମାନେ ବିଲରେ ନିଆଁହୁଳା, ବାଣ ଫୁଟାଇ ରାତ୍ର ନ ଶୋଇ ଘୁଷୁରୀ ପଲକୁ ଘଉଡ଼ାଇଲେ ମଧ କିଛି ସୁଫଳ ମିଳୁନାହିଁ। ଘୁଷୁରୀ ଉପଦ୍ରବରେ ମାଣ୍ଡ୍ରାଜପୁର, ଶାସନପଦର, ଇନ୍ଦ୍ରାକ୍ଷୀ, ମାର୍କଣ୍ଡି, ଆଦି ପଞ୍ଚାୟତର ହଜାର ହଜାର ଚାଷ ଜମି ଘୁଷୁରୀ ଭୟରେ ଧାନଚାଷ କରୁନାହାନ୍ତି।

ଏନେଇ ଚାଷୀକୂଳମାନେ ଭାଜପା ରାଜ୍ୟ ସମ୍ପାଦକ ବିଭୁତି ଜେନାଙ୍କୁ ଅଭିଯୋଗ କରିଥିଲେ। ଜେନା ଗୁରୁବାର ପ୍ରତ୍ୟେକ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଛନ୍ତି। ଚାଷୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ଜିଲାପାଳ ଓ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯାଉ, ଫସଲ ସୁରକ୍ଷା ପାଇଁ ସରକାରୀ ବ୍ୟବସ୍ଥା କରାଯାଉ, ଘୁଷୁରି ପଲ ନିଶ୍ଚିହ୍ନ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜେନା ଦାବି କରିଛନ୍ତି। ନଚେତ୍ ଅନେକ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯିବେ ବୋଲି ସେ କହିଛନ୍ତି।



କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖୁଛନ୍ତି ଭାଜପା ରାଜ୍ୟ ସମ୍ପାଦକ।

# ଜି.ଉଦୟଗିରିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଜି.ଉଦୟଗିରି,୨୮।୧୦(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ବିଜେଡି ତରଫରୁ ଶନିବାର ଜି.ଉଦୟଗିରି ସହରରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ବିଜେଡି କର୍ମକର୍ତ୍ତାଙ୍କ ସହ ଜି.ଉଦୟଗିରି ଏନ୍ଏସି ଓ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ପଦଯାତ୍ରାରେ ଜିଲା ସଭାପତି ସରୋଜ କର୍ଣ୍ଣ, ବ୍ଲକ ସଭାପତି ସୀମାଞ୍ଚଳ ନାୟକ, କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ବିଜେଡି ଜିଲା ଯୁବ ସଭାପତି ପ୍ରଦୀପ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀ, ଏନଏସି ଅଧ୍ୟକ୍ଷ ପି. ସଞ୍ଜିବ କୁମାର ପାତ୍ର, ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡା, ବରିଷ୍ଠ ବିଜେଡି ନେତା ଦେବନାଥ ଦଳ ବେହେରା, ସରପଞ୍ଚ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସହର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ।




ବିଜେଡିର ଜନ ସମ୍ପର୍କ ପଦଯାତ୍ରା।

# ଉଦ୍‌ଘାଟନ ହୋଇନି, ବୁକିଂ ପାଇଁ ଆଗ୍ରହ ବଢୁଛି

**ଭଞ୍ଜନଗର,୨୮।୧୦(ଡି.ଏନ.ଏ.)**

ଭଞ୍ଜନଗର ସହରରେ ବଡ଼ଧରଣର ଉତ୍ସବ, ସଭା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିବା ପାଇଁ ବଡ଼ ସରକାରୀ କୋଠାର ଅଭାବ ଥିଲା। ତାହା କିଛିଦିନ ମଧ୍ୟରେ ପୁରଣ ହୋଇଯିବ। ମୁଖ୍ୟ ସଡ଼କରେ ଏନଏସି ପକ୍ଷରୁ ନୂତନ ଭାବେ ନିର୍ମିତ ହୋଇଥିବା ଟାଉନହଲ୍ କାମ କିଛିଦିନ ପୂର୍ବେ ସରିଛି। କେବଳ ଉଦ୍‌ଘାଟନ ବାକି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଉନ୍ ହଲ୍ ଉଦ୍‌ଘାଟନ କରିବାକୁ ନଭେମ୍ବର ମାସରେ ଭଞ୍ଜନଗର ଆସିବାର ସମ୍ଭାବନା ରହିଛି। ତିତ୍‌ଲି କ୍ଷୟକ୍ଷତି ଯୋଗୁ ଉଦ୍‌ଘାଟନ ତାରିଖ ଧାର୍ଯ୍ୟ ହୋଇ ପାରୁନାହିଁ। ଅପରପକ୍ଷେ ଆଧୁନିକ ଧରଣର ଏହି ଟାଉନ ହଲ୍‌ରେ ଉତ୍ସବ କରିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିଯାଇଛି। ତେଣୁ ବିଗତ କିଛିଦିନ ହେବ ଲୋକେ ଏନ୍ଏସି କାର୍ଯ୍ୟାଳୟକୁ ଯାଇ ଉଦ୍‌ଘାଟନ କେବେ ହେବ ତାରିଖ ଏବଂ କେତେ ଟଙ୍କା ଭଡ଼ା ରହିବ ପଚାରି ବୁଝୁଛନ୍ତି। ମୁଖ୍ୟମନ୍ତ୍ରୀ ଟାଉନହଲ୍ ଉଦ୍‌ଘାଟନ କରିବାକୁ ଆସିଲେ ଉକ୍ତଦିନ ଭଞ୍ଜନଗର ନୂଆ ଜେଲ, ବସ୍‌ଷ୍ଟାଣ୍ଡ ସମେତ ଅନ୍ୟାନ୍ୟ ଉଦ୍‌ଘାଟନ କରିବାର ସମ୍ଭାବନା ରହିଛି। ଭଞ୍ଜନଗର ବସ୍‌ଷ୍ଟାଣ୍ଡ ନିର୍ମାଣରେ ପ୍ରାୟ ସାଢ଼େ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ଟାଉନ୍‌ହଲ୍ ନିର୍ମାଣରେ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିବା ଜେଲ ବଦଳରେ ବର୍ତ୍ତମାନ ବନ୍ଦୀ ସଂଖ୍ୟା ବୃଦ୍ଧି ଯୋଗୁ ଏକ ନୂଆ ଜେଲର ଆବଶ୍ୟକତା ଥିଲା। ତେଣୁ ଜେଲ ବିଭାଗ ପକ୍ଷରୁ ମଧ ବେଲଗୁଣ୍ଠା ରୋଡ଼ରେ ନୂତନ ଜେଲ ନିର୍ମାଣ ହୋଇଛି।



ଉଦ୍‌ଘାଟନ ହେବାକୁ ଥିବା ଟାଉନହଲ।

## ରାଶନ କାର୍ଡ ପ୍ରସଙ୍ଗ ବିଡିଓଙ୍କୁ ଭେଟିଲେ ପୋଢଲାମପୁରବାସୀ

ଛତ୍ରପୁର,୨୮।୧୦(ଡି.ଏନ.ଏ)–ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟାରେ କୌଣସ ଅନିୟମିତତା ହୋଇନି। ନିରପେକ୍ଷ ସର୍ଭେ କରାଯାଇଛି। କେତେଜଣ ଅସଫଳ ରାଜନୈତିକ ବ୍ୟକ୍ତି ଓ ତାଙ୍କ ସମର୍ଥକମାନେ ଫାଇଦା ହାସଲ ପାଇଁ ଉଦ୍ୟମ କରୁଥିବା ପଞ୍ଚାୟତବାସୀ କହିଛନ୍ତି। ଶୁକ୍ରବାର ଏମାନେ ଛତ୍ରପୁର ଆସି ବିଡିଓ ସଚ୍ଚିଦାନନ୍ଦ ନାୟକଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଁ ପ୍ରସ୍ତୁତ ତାଲିକା ଅନୁସାରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ତାଲିକାରୁ ବାଦ୍ ପଡିଥିବା କେତେଜଣ ଯୋଗ୍ୟ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ରାଶନ କାର୍ଡ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏ ନେଇ ବିଡିଓ, ଜିଲାପାଳ ଓ ଛତ୍ରପୁର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେତେ ଜଣଙ୍କୁ ରାଶନ କାର୍ଡ ମିଳିଥିବା ବେଳେ ଚାଉଳ ମିଳି ନ ଥିବାରୁ ଏହା ଉପରେ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଦାବି ଜଣାଇଥିଲେ । ପୋଢଲାମପୁର ସରପଞ୍ଚ ସୁବାସିନୀ ବାରିକି, ବୃନ୍ଦାବନ ସେନାପତି, କାଳୁ ଚରଣ ବେହେରା, ନିରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ବାରିକି, ସତ୍ୟେଶ୍ୱର ନାହାକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବିଡିଓଙ୍କୁ ଭେଟିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସଫେଇ

**ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସରପଞ୍ଚ ବି. କ୍ରିଷ୍ଣା ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ପଞ୍ଚାୟତ କାର୍ଯ୍ୟାଳୟ, ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଓ ମୁଖ୍ୟରାସ୍ତା ଗୁଡ଼ିକୁ ସଫେଇ କରାଯାଇଥିଲା। ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ସୁଶାନ୍ତ ସେଠୀ, ୱାର୍ଡସଭ୍ୟ ନୀଳ ବେହେରା, ବସନ୍ତ ନାୟକ ପ୍ରମୁଖଙ୍କ ସମେତ ବହୁ ଘରୋଇ ଶିକ୍ଷାନୁଷ୍ଠାନର କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସେହିପରି କରପଡ଼ା ଗ୍ରାମରେ ବିଜୁ ଯୁବ ବାହିନୀର ସମସ୍ତ କାର୍ଯ୍ୟକର୍ତ୍ତା ସଭ୍ୟବୃନ୍ଦ ଗୁରୁବାର ବିଭିନ୍ନ ସ୍ଥାନରେ ସଫେଇ କରିଥିଲେ। ସରପଞ୍ଚ ଗାୟତ୍ରୀ ପ୍ରଧାନ, ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ତାପସ ପ୍ରଧାନ, ସମ୍ପାଦକ ସତ୍ୟ ନାରାୟଣ ସେଠୀ ପ୍ରମୁଖ ସାମିଲ ଥିଲେ।



ପଦ୍ମନାଭପୁର ମୁଖ୍ୟରାସ୍ତାରେ ସଫେଇ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଆସିକା,୨୮।୧୦(ଡି.ଏନ୍.ଏ.)**

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଆସିକା ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୩ଟି କ୍ଲଷ୍ଟରର କୃତି ପ୍ରତିଯୋଗିମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିଙ୍କ ମଧରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗି ଆସନ୍ତା ୩୧ରେ ବ୍ରହ୍ମପୁର ଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପୂର୍ବାହ୍ନରେ ଏହି ଉତ୍ସବକୁ ଆସିକା ବିଧାୟକ ଦେବରାଜ ମହାନ୍ତି ଉଦ୍‌ଘାଟନ କରିଥିଲେ ଓ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁ ମୁଖ୍ୟଅତିଥି ଓ ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ଗୋଷ୍ଠି ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ର, ଏବିଇଓ ଭାଗିରଥି ପାତ୍ର, ଦୀପକ ମହନ୍ତ ଓ ସିଆର୍‌ସିସି ମାନେ ଉପସ୍ଥିତ ଥିଲେ। ସଦର ସିଆରସିସି ବିଚିତ୍ର ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବୀମା, କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତି ଆକଳନ

**ପାତ୍ରପୁର,୨୮।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକର ଗୁଣ୍ଡ୍ରା, ଆମ୍ବପୁର, ଜରଡ଼ା, ବାଦପୁର, ସାମନ୍ତରାପୁର, ତମ୍ପା, ପାତ୍ରପୁର, ମନ୍ଦରଡ଼ା, ଖାରିଆଗୁଡ଼ା ପଞ୍ଚାୟତରେ ରବିବାର ରୟାଲ ସୁନ୍ଦରମ୍ ଜେନେରାଲ ବୀମା ଓ ପାତ୍ରପୁର କୃଷି ବିଭାଗ ପକ୍ଷରୁ ତିତ୍‌ଲି ବାତ୍ୟା ଓ ବନ୍ୟାରେ ନଷ୍ଟ ହୋଇଥିବା ଫସଲ କ୍ଷୟକ୍ଷତି ଆକଳନ ହୋଇଛି । ଏଥିରେ ରୟାଲ ସୁନ୍ଦରମ୍ ବୀମାର ଜିଲା ମ୍ୟାନେଜର ଓ କର୍ମଚାରୀ ସମେତ ବ୍ଲକ କୃଷି ବିଭାଗ ଅଧିକାରୀ ବାସୁଦେବ ବିଷୋଇ, କୃଷି ଗ୍ରାମସେବିକା ଶାନ୍ତି ବେହେରା, ବିଟିଏମ୍ ନାରାୟଣ ପ୍ରଧାନଙ୍କ ସହ ସମ୍ପୃକ୍ତ ଗ୍ରାମର ଚାଷୀ ମାନେ ଉପସ୍ଥିତ ଥିଲେ। ଗତ ବର୍ଷ ଚକଡ଼ା ପୋକ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଯାହାର କ୍ଷତିପୂରଣ ପ୍ରାୟ ଚାଷୀଙ୍କୁ ଏଯାଏ ମିଳିନି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଥିଲେ ।

## ଇଗ୍ନୁର ପ୍ରବେଶ ଉତ୍ସବ

**ଭଞ୍ଜନଗର,୨୮।୧୦(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଇଗ୍ନୁ ଷ୍ଟଡ଼ି ସେଣ୍ଟରର ପ୍ରବେଶ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ.ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ଇଗ୍ନୁର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ଡ.ଏସ୍ କେ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଇଗ୍ନୁ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ।

# ଆପଣ ଏକା ନୁହନ୍ତି କାର୍ଯ୍ୟକ୍ରମ

**ବେଗୁନିଆପଡ଼ା,୨୮।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକରେ ଆପଣ ଏକା ନୁହନ୍ତି କାର୍ଯ୍ୟକ୍ରମ ଖଣ୍ଡିଆନଇ ପଞ୍ଚାୟତର ଦେଉଳିଆପଡ଼ା କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ନାରାୟଣ ସୁମନ୍ତରାୟ ସଭାପତି ଭାବେ ଯୋଗ ଦେଇଥିବା ବେଳେ ପ୍ରକୃତିବନ୍ଧୁ ଭବାନି ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି, ଭଞ୍ଜ କିଶୋର ମହାରଣା ପ୍ରମୁଖ ଯୋଗଦେଇ ଆପଣ ଏକା ନୁହନ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଥଭ୍ରଷ୍ଟ ହେଉଥିବା ଯୁବ ସମାଜକୁ ସଠିକ ମାର୍ଗକୁ ଆଣିବା, ଗ୍ରାମରେ ଥିବା ଅସହାୟ ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇବା, ଗରିବ ମେଧାବି ପିଲାଙ୍କୁ ପାଠ ପଢ଼ାଇବାର ବ୍ୟବସ୍ଥା, ଗାଁ ପରିବେଶ ସ୍ୱାସ୍ଥ୍ୟ ଓ ଶିକ୍ଷାର ସଠିକ ବ୍ୟବସ୍ଥା, ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଆଦି ଲକ୍ଷ୍ୟ ନେଇ ଏହି ସଂଘ କାର୍ଯ୍ୟ କରିବ ବୋଲି କହିଥିଲେ। ଅର୍ଦ୍ଧେନ୍ଦୁ କୁମାର ପଟ୍ଟନାୟକ, ହେମନ୍ତ ଜେନା, ଜଗନ୍ନାଥ ସାହୁଙ୍କ ସମେତ ବହୁ ଯୁବ କର୍ମୀ ଉପସ୍ଥିତ ଥିଲେ।

# ୩ୟ ଦିବସରେ ପୋର୍ଟ ଆଗରେ ଧାରଣା

### ଦାବିପୂରଣ ନ ହେଲେ କାମ ବନ୍ଦ ଚେତାବନୀ

**ଛତ୍ରପୁର,୨୮।୧୦(ଡି.ଏନ.ଏ)**

ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଦାବିରେ ବିଭିନ୍ନ ସଂଘକୁ ନେଇ ଗଠିତ ଶ୍ରମିକ ସଂଗଠନ ମହାସଂଘ ପକ୍ଷରୁ ଗୋପାଳପୁର ପୋର୍ଟ ଫାଟକ ସମ୍ମୁଖରେ ଚାଲିଥିବା ଧାରଣା ରବିବାର ତୃତୀୟ ଦିବସରେ ପହଞ୍ଚିଛି । ଦାବି ପୂରଣ ନ ହେଲେ ୩୦ ତାରିଖରେ ଗୋପାଳପୁର ପୋର୍ଟ କାର୍ଯ୍ୟ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଛତ୍ରପୁରରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି

**ଛତ୍ରପୁର,୨୮।୧୦(ଡି.ଏନ.ଏ.)**

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ବାହାରି ଥିବା ଗାନ୍ଧୀ ଶାନ୍ତି ସଦଭାବନା ଜ୍ୟୋତି ଯାତ୍ରା ରବିବାର ପୂର୍ବାହ୍ନରେ ଗଞ୍ଜାମ ଜିଲା ଛତ୍ରପୁରରେ ପହଞ୍ଚିଥିଲା । ଓଡିଶା ସରକାରଙ୍କ ସହଯୋଗରେ ଓଡିଶା ଗାନ୍ଧିବାଦୀ ଫୋରମ ପକ୍ଷରୁ ଏହି ଯାତ୍ରା ଓଡିଶା ସାରା ପରିକ୍ରମା କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ତାରିଖରେ ଏହାର ଶୁଭାରମ୍ଭ କରିଥିଲେ । ବର୍ତ୍ତମାନ ଗଞ୍ଜାମ ଜିଲାକୁ ମିଶାଇ ୧୪ ଜିଲାରେ ଏହି ସଦ୍‌ଭାବନା ଯାତ୍ରା ପହଞ୍ଚି ସାରିଲାଣି। ୩୦ ଯାକ ଜିଲା ଏହା ପରିକ୍ରମା କରିବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଉକ୍ତ ରଥକୁ ଗଞ୍ଜାମ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଅତିରିକ୍ତ ଜିଲପାଳ ବିଜୟ ଦାଶ ଓ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଶ୍ରମିକ ନେତା ପ୍ରଫୁଲ୍ଲ ପଟ୍ଟନାୟକ,ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ସ୍ୱାଗତ କରିଥିଲେ । ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଛତ୍ରପୁର କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ମଧ ଏହାକୁ ସ୍ୱାଗତ କରିଥିଲେ । ଫୋରମ ଅଧ୍ୟକ୍ଷା ଡ. ରୀନା ରାଉତରାୟ, ଉପାଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ, ହୃଷୀକେଶ ପଣ୍ଡା ଓ ଗୋବିନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ । ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ ଏହାକୁ ସ୍ୱାଗତ କରିଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କଲେ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି କୁହାଯାଇଥିଲା।




ଜିଲାପାଳଙ୍କୁ ବହି ପ୍ରଦାନ କରାଯାଉଛି ।

# ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ତିତ୍‌ଲି ସହାୟତା ବଣ୍ଟନ

**ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.)**

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରବିବାର ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଚେକ୍ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଦିଗପହଣ୍ଡି ଏନ୍ଏସି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରାକୃତିକ ଦୁର୍ବିପାକ ବନ୍ୟା, ବାତ୍ୟାରେ ଲୋକଙ୍କ ସହ ରହିଛନ୍ତି। ଲୋକଙ୍କୁ ଅସମୟରେ ସମସ୍ତ ପ୍ରକାର ସହାୟତା କରିବା ସହ ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଦିଗପହଣ୍ଡି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସି ୯ନଂ. ୱାର୍ଡ ଅଧୀନ ସମସ୍ତ ସାହିବସ୍ତିର ୧୮ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ମନ୍ତ୍ରୀ ଚେକ୍ ବଣ୍ଟନ କରିଥିଲେ। ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ପଟ୍ଟନାୟକ, ସମିତିସଭ୍ୟ ପି. ମାଧବ ରାଓ, ରାଜେନ୍ଦ୍ର ଗୌଡ଼, ମାଗି ସେଠୀଙ୍କ ସମେତ ସମସ୍ତ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ଗଜଲକ୍ଷ୍ମୀ ପୂଜା ଉତ୍ସବରେ ଯୋଗଦେବା ସହ ଗ୍ରାମର ୫୬୭ ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ଆମ ଘର ଆମ ଏଲଇଡି ବଲବ ଯୋଜନାରେ ୮୫୦ ରାଶନକାର୍ଡ ହିତାଧିକାରୀଙ୍କୁ ୨ଟି ଲେଖାଏ ବଲ୍‌ବ ବଣ୍ଟନ କରିଥିଲେ। ସେଠାରୁ ଦାଉଣୀ, ନାରାୟଣପୁର, ଗୋପିନାଥପୁର, ଲହୁଣିଆ, ଆଦି ଗ୍ରାମରେ ମନ୍ତ୍ରୀ ପହଞ୍ଚି ଲୋକଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ। ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ଏମ୍ ନିରଞ୍ଜନ ରେଡ୍ଡୀ, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଏନଏସିରେ ମନ୍ତ୍ରୀଙ୍କ ଚେକ୍ ବଣ୍ଟନ।

ଧରିତ୍ରୀ
DHARITRI
ସୋମବାର, ୨୯ ଅକ୍ଟୋବର, ୨୦୧୮



"ଶ୍ରୀଲଙ୍କାର ରାଜନୈତିକ ଘଟଣାକ୍ରମ ଉପରେ ନୂଆଦିଲ୍ଲୀର ନଜର ରହିଛି। ପଡ଼ୋଶୀ ଦେଶ ତା'ର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ସମ୍ମାନ ଦେବ ବୋଲି ଭାରତ ଏକ ଘନିଷ୍ଠ ବନ୍ଧୁରାଷ୍ଟ୍ର ଭାବେ ଆଶାପୋଷଣ କରେ।

-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ ନାୟାର



**ନୂଆଦିଲ୍ଲୀ,୨୮।୧୦:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ୍ ନାୟାର ଶନିବାର ରାତିରେ ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟ ୫ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ନାୟାର ମଧ ଭାଜପାର କେରଳ ୟୁନିଟ୍‌ରେ ଯୋଗ ଦେଇଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ଗସ୍ତରେ ଆସିଥିବା ବେଳେ ସେ ଯୋଗଦେଇଛନ୍ତି। ୨୦୦୫ରେ ଇସ୍ରୋର କମର୍ସିଆଲ ଆର୍ମ ଆଣ୍ଟରିକ୍ସ କର୍ପୋରେଶନ୍ ଏବଂ ଡେଭାସ୍ ମଲ୍ଟିମିଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧରେ ହୋଇଥିବା ସନ୍ଦେହଜନକ ଚୁକ୍ତି ପାଇଁ ୨୦୧୨ରେ ନାୟାରଙ୍କୁ ୟୁପିଏ ସରକାର କଳା ତାଲିକାଭୁକ୍ତ କରିଥିଲା। ନାୟାର ଇସ୍ରୋର ଅଧ୍ୟକ୍ଷ ଥିବା ବେଳେ ଭାଜପାରେ ଯୋଗ ଦେବା ନେଇ କହିଥିଲେ। କାରଣ ସେ ଡେଭାସ୍ ଚୁକ୍ତିରେ କୌଣସି ଭୁଲ କରିନଥିଲେ ବୋଲି ସେତେବେଳେ କହିଥିଲେ।

### ଭାରତୀୟ ବଂଶୋଦ୍ଭବ ସିନେଟରଙ୍କୁ ପଠାଗଲା ସନ୍ଦିଗ୍ଧ ପାର୍ସଲ



**ୱାଶିଂଟନ୍, ୨୮।୧୦:** ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ଡେମୋକ୍ରାଟିମ୍ ସିନେଟର କମଲା ହ୍ୟାରିସ୍ ଏବଂ ଆରବପତି ରାଜନେତା ଟମ୍ ଷ୍ଟିୟରଙ୍କୁ ଶୁକ୍ରବାର ଦୁଇଟି ସନ୍ଦେହଜନକ ପାର୍ସଲ ପଠାଯାଇଥିଲା। ଏହି ଘଟଣାରେ ଫ୍ଲୋରିଡ଼ାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆମେରିକାରେ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଥିବା ଏଭଳି ପାର୍ସଲ ସଂଖ୍ୟା ୧୪ରେ ପହଞ୍ଚିଛି । ଏହାଦ୍ୱାରା ଯଦିଓ କେଉଁଠି ମଧ ବିସ୍ଫୋରଣ ହୋଇନାହିଁ, କିନ୍ତୁ ଅଧିକାରୀମାନେ ସତର୍କ ରହିଛନ୍ତି। ହ୍ୟାରିସ୍ ୨୦୨୦ରେ ରାଷ୍ଟ୍ରପତି ପଦ ଦୌଡରେ ଅଛନ୍ତି। ନିକଟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନଙ୍କ ନିକଟକୁ ପାର୍ସଲ ଯୋଗେ ବିସ୍ଫୋରକ ସାମଗ୍ରୀ ପଠାଯାଇଥିଲା। ତେବେ ଏହାକୁ ଯାଞ୍ଚ ସମୟରେ ବିସ୍ଫୋରକ ଠାବ ହେବାପରେ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ସନ୍ଦିଗ୍ଧ ଗିରଫ ହୋଇସାରିଛନ୍ତି।

■ କଶ୍ମୀରରେ ବୁଲୁଛନ୍ତି ୪ ଉଚ୍ଚ ପ୍ରଶିକ୍ଷିତ ଜେଇଏମ୍ ଆତଙ୍କବାଦୀ

# ସ୍ନାଇପର ଆକ୍ରମଣ ବିପଦ

ଶ୍ରୀନଗର,୨୮।୧୦(ପି.ଟି.)



ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ଟାର୍ଗେଟରେ ଜମ୍ମୁ-କଶ୍ମୀର। ଜେଇଏମ୍‌ର ୪ ଉଚ୍ଚ ପ୍ରଶିକ୍ଷିତ ଆତଙ୍କବାଦୀ ଉପତ୍ୟକାରେ ବୁଲୁଛନ୍ତି। ସେମାନେ କୌଣସି ସମୟରେ ସୁରକ୍ଷା ବଳକୁ ଆକ୍ରମଣ କରିପାରନ୍ତି। ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ରବିବାର ଏଭଳି ଆଶଙ୍କା ବ୍ୟକ୍ତ କରାଯିବା ପରେ ସେନା ଅଧିକ ତତ୍ପର ହୋଇଉଠିଛି।

ମିଳିଥିବା ସୂଚନାନୁସାରେ, ଜମ୍ମୁ-କଶ୍ମୀରରେ ସେପ୍ଟେମ୍ବର ମଧ୍ୟଭାଗରୁ ସୁରକ୍ଷା ବଳ ଉପରେ ଲଗାତର ସ୍ନାଇପର (ଗୁପ୍ତ ଉପାୟରେ କରାଯାଉଥିବା ଆତଙ୍କବାଦୀ) ଆକ୍ରମଣ ହେଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ଏଭଳି ଆକ୍ରମଣରେ ୩ ଯବାନ ଶହୀଦ ହୋଇସାରିଲେଣି। ଏହାକୁ ନେଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ରଣନୀତି ବଦଳାଇବାକୁ ବାଧ୍ୟହୋଇଛନ୍ତି। ପ୍ରଥମ ଆକ୍ରମଣ ସେପ୍ଟେମ୍ବର ୧୮ରେ ହୋଇଥିଲା। ଏଥିରେ ପୁଲଓ୍ୱାମା ଜିଲାର ନେଓ୍ୱାରେ ଜଣେ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ। ସେହିପରି ନିକଟରେ ସ୍ନାଇପର ଆକ୍ରମଣରେ ତ୍ରାଲ୍‌ଠାରେ ସଶସ୍ତ୍ର ସୀମା ବଳର ଜଣେ ଓ ସେନାର ଜଣେ ଯବାନ ଶହୀଦ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନାଓଗାମ୍‌ରେ ମଧ ଜଣେ ଯବାନଙ୍କ ଜୀବନ ଯାଇଛି। ଆତଙ୍କବାଦୀମାନେ ଆଗକୁ ମଧ ଏଭଳି କାଣ୍ଡ ଭିଆଇପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜେଇଏମ୍‌ର ଦୁଇଟି ଗୋଷ୍ଠୀ କଶ୍ମୀର ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଦୁଇଗୋଷ୍ଠୀରେ ଦୁଇଜଣ ଲେଖାଏ ସ୍ନାଇପର ଅଛନ୍ତି। ଏବେ ସେମାନେ ପୁଲଓ୍ୱାମାରେ ଥିବା ଜଣାପଡ଼ିଛି। ଅଣ୍ଡରଗ୍ରାଉଣ୍ଡ ସମର୍ଥକମାନେ ସେମାନଙ୍କୁ ପୋଲିସ ଓ ସୁରକ୍ଷା ବଳ ସମ୍ପର୍କରେ ନିୟମିତ ଭାବେ ତଥ୍ୟ ଦେଉଛନ୍ତି। ଏହି ୪ ଆତଙ୍କବାଦୀଙ୍କୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ତାଲିମ ଦେଇ କଶ୍ମୀରକୁ ପଠାଇଛି। ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଏମ୍-୪ କାର୍ବାଇନ୍ସ, ଯାହାକି ଆମେରିକା ନେତୃତ୍ୱାଧୀନ ସେନା ଆଫଗାନିସ୍ତାନରେ ପ୍ରୟୋଗ କରିଥାଏ। ଆଫଗାନିସ୍ତାନରେ ତାଲିବାନ ଓ ଜେଇଏମ୍ ଆତଙ୍କବାଦୀମାନେ ମିଳିତ ଭାବେ ସେନା ବିରୋଧରେ ଲଢ଼େଇ ବେଳେ ଏହି ଘାତକ ଅସ୍ତ୍ର ଛଡ଼ାଇ ଆଣିଥିବା କୁହାଯାଉଛି। ୫୦୦ରୁ ୬୦୦ ମିଟର ଦୂରରୁ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରୁଥିବା ଏମ୍-କାର୍ବାଇନ୍ସକୁ ସ୍ନାଇପର ଆତଙ୍କବାଦୀମାନେ ବ୍ୟବହାର କରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଆକ୍ରମଣ କରିବେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସିଆର୍‌ପିଏଫ୍, ସେନା ଓ ପୋଲିସ ଯବାନମାନଙ୍କୁ ଆଲର୍ଟ କରାଯାଇଛି।

## ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା



**ଶ୍ରୀନଗର,୨୮।୧୦:** ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଆତଙ୍କବାଦୀମାନେ ଜଣେ ପୋଲିସ ସବ୍ ଇନ୍ସପେକ୍ଟରଙ୍କୁ ହତ୍ୟା କରିଛନ୍ତି। ଚେଓ୍ୱା କଲାନରେ ରବିବାର ତାଙ୍କର ମୃତଦେହ ଠାବ କରାଯାଇଛି। ସେହିପରି ଆତଙ୍କବାଦୀମାନେ ଜଣେ ପିଡିପି କର୍ମୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ହେଲେ ଗଙ୍ଗବଗ୍ ନିବାସୀ ୪୦ ବର୍ଷୀୟ ମହମ୍ମଦ ଅମିନ ଦାର୍। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ୩୦ ବର୍ଷୀୟ ସବ୍ ଇନ୍ସପେକ୍ଟର ଇମ୍‌ତିଆଜ୍ ଅହମ୍ମଦ ମୀର ଜମ୍ମୁ-କଶ୍ମୀର ପୋଲିସରେ କାର୍ଯ୍ୟରତ ଥିଲେ। ଗତ ମାର୍ଚ୍ଚରେ ତାଙ୍କୁ ସିଆଇଡି ବିଭାଗକୁ ବଦଳି କରାଯାଇଥିଲା। ସେ ନିଜ ପରିବାର ଲୋକଙ୍କୁ ଭେଟିବା ପାଇଁ ରବିବାର ଘରକୁ ଯାଉଥିବାବେଳେ ୱାହିବଗ୍‌ଠାରେ ଆତଙ୍କବାଦୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ସେ ଟଳିପଡ଼ିଛନ୍ତି। ଆତଙ୍କବାଦୀମାନେ ପୋଲିସ କର୍ମଚାରୀଙ୍କୁ ଟାର୍ଗେଟ କରିଆସୁଥିବାରୁ ଇମ୍‌ତିଆଜ୍ ଘରକୁ ଗଲେ ତାଙ୍କୁ ମଧ ଆକ୍ରମଣ କରାଯାଇପାରେ ବୋଲି ପୂର୍ବରୁ ସତର୍କ କରାଯାଇଥିଲା। ଏଥିପାଇଁ ସେ ସତର୍କ ହୋଇ ନିଶଦାଢ଼ି କାଟି ଦେଇ ସୋନ୍ତାବଗ୍‌ସ୍ଥିତ ନିଜ ଘରକୁ ଯିବାକୁ ବାହାରିଥିଲେ। ଯିବା ପୂର୍ବରୁ ସହକର୍ମୀମାନଙ୍କୁ ଇମ୍‌ତିଆଜ୍ କହିଥିଲେ, ଏବେ ଆତଙ୍କବାଦୀମାନେ ମୋତେ ଚିହ୍ନି ପାରିବେ ନାହିଁ।

■ ମୋଦିଙ୍କୁ 'ଭରସାଯୋଗ୍ୟ ବନ୍ଧୁ' କହିଲେ ଆବେ

## ବୁଲେଟ୍ ଟ୍ରେନ୍‌ରେ ଟୋକିଓ ଯାତ୍ରା

ୟାମାନାଶି,୨୮।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ରବିବାର ୟାମାନାଶିରେ ଏକାଠି ୮ ଘଣ୍ଟା ବିତାଇବା ପରେ ଟୋକିଓକୁ ବୁଲେଟ୍ ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହି ଅବସରରେ ଦୁଇନେତା କେତେକ ପ୍ରସଙ୍ଗରେ ଅଣାନୁଷ୍ଠାନିକ ଆଲୋଚନା କରିଛନ୍ତି।

ଦୁଇଦିନିଆ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଶନିବାର ରାତିରେ ପର୍ଯ୍ୟଟନ ୟାମାନାଶିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତ୍ରୟୋଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ମୋଦି ଜାପାନ ପ୍ରଧାନମନ୍ତ୍ରୀ ଆବେଙ୍କ ସହ ୟାମାନାଶିର ଏକ ଶିଳ୍ପ ପ୍ରତିଷ୍ଠାନକୁ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦିଙ୍କୁ ଆବେ ତାଙ୍କର ଜଣେ ନିର୍ଭରଯୋଗ୍ୟ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଆବେ କହିଛନ୍ତି, ଭାରତ ଏକ ବିଶ୍ୱଶକ୍ତି ଭାବେ ଉଭା ହୋଇ ଦକ୍ଷିଣ ଏସିଆର ନେତୃତ୍ୱ ନେଉଛି। ମୋଦି ଏହି ଦେଶର ଜଣେ ମହାନ୍ ନେତା। ତେଣୁ ଭାରତ ସହିତ ଜାପାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଆଗ୍ରହୀ। ଦୁଇଦେଶ ହାତ ମିଳାଇଲେ ନିରାପତ୍ତା, ପୁଞ୍ଜିନିବେଶ, ସୂଚନା ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୂତ ବିକାଶ ସମ୍ଭବ। ଯେଉଁଦିନ ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ବୁଲେଟ୍ ଟ୍ରେନ୍ ଦୌଡ଼ିବା ଆରମ୍ଭ କରିବ, ସେହିଦିନ ଦୁଇଦେଶର ବନ୍ଧୁତା ଭବିଷ୍ୟତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆବେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ଜାପାନ ସହାୟତାରେ ବୁଟେଲ ଟ୍ରେନ୍ ଯାତ୍ରା କରିବ। ଏହି ୫୦୮ କି.ମି. ଦୂରତା ମଧ୍ୟରେ ସମୁଦ୍ର ମଧ୍ୟରେ ୨୧ କି.ମି.ର ଏକ ସୁଡ଼ଙ୍ଗ ରହିବ। ଏହି ପ୍ରକଳ୍ପ ପାଇଁ ୧.୧୦ ଟ୍ରିଲିୟନ୍ ଟଙ୍କା ଖର୍ଚ୍ଚ କରାଯିବ। ଏଥିଲାଗି ଜାପାନ ମାତ୍ର ୦.୧% ସୁଧହାରରେ ୮୮,୦୦୦ କୋଟି ଟଙ୍କା ସହାୟତା ପ୍ରଦାନ କରୁଛି।



■ 'ମନ୍ କୀ ବାତ୍'ରେ ଓଡ଼ିଶାକୁ ମନେପକାଇଲେ ମୋଦି

## ହକିରେ ଗୌରବ ଆଣିବେ ଖେଳାଳି

ନୂଆଦିଲ୍ଲୀ,୨୮।୧୦ (ପି.ଟି.)

ଓଡ଼ିଶାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଖେଳାଳିମାନେ ଦେଶ ପାଇଁ ପୁଣିଥରେ ଗର୍ବ ଓ ଗୌରବ ଆଣିଦେବେ। ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଭଳି ଆଶା ପ୍ରକଟ କରିଛନ୍ତି। ଏହା ସହ ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସ ଏବଂ ଏସିଆନ୍ ପାରା ଗେମ୍ସରେ ଭାରତୀୟ ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାକର୍ତ୍ତାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ପାରା ଗେମ୍ସରେ ପ୍ରତିଭାବାନ ପାରା ଆଥଲେଟ୍‌ଙ୍କୁ ଭେଟିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଭାରତ ୭୨ଟି ପଦକ ଜିତି ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି। ସେହିପରି ୩୧ ଅକ୍ଟୋବରରେ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ହେବ। ଏହି ଅବସରରେ 'ରନ୍ ଫର୍ ୟୁନିଟି'ରେ ଯୋଗଦେବାକୁ ମୋଦି ଯୁବପିଢ଼ିଙ୍କୁ ଆହ୍ୱାନ କରିଛନ୍ତି। ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ 'ଷ୍ଟାଚୁ ଅଫ୍ ୟୁନିଟି'କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ। ଗୁଜରାଟର ନର୍ମଦା ନଦୀ କୂଳରେ ଥିବା ପଟେଲଙ୍କ ଏହି ପ୍ରତିମୂର୍ତ୍ତି ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଉଚ୍ଚତାଠାରୁ ଦୁଇଗୁଣ ଅଧିକ। ଏହା ବିଶ୍ୱର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଭାବରେ ପରିଗଣିତ ହେବ ବୋଲି ସେ କହିଛନ୍ତି।

## ଫୁର୍‌ସତ

### ବ୍ରୋଞ୍ଜ୍ ଯୁଗର ସନ୍ଧାନ



**ବେଜିଂ:** ଚାଇନାର ଜିଲିନ୍ ପ୍ରଦେଶରେ ବ୍ରୋଞ୍ଜ୍ ଯୁଗର ସନ୍ଧାନ ମିଳିଛି। ଏକ ପ୍ରତ୍ନତାତ୍ତ୍ୱିକ ଦଳ ସେଠାରୁ ପ୍ରାଚୀନ ଗୃହର ଧ୍ୱଂସାବଶେଷ, ପ୍ରାଣୀଙ୍କ ଅସ୍ଥି, ବ୍ରୋଞ୍ଜ୍ ଏବଂ ପଥର ସାମଗ୍ରୀ ପାଇଥିବା ଘୋଷଣା କରିବା ପରେ ଏ କଥା ସ୍ପଷ୍ଟ ହୋଇଯାଇଛି।

ଜିଲିନ୍ ୟୁନିଭର୍ସିଟିର ଆର୍କିଓ ଲୋଜିକାଲ୍ ସ୍କୁଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହିସବୁ ସାମଗ୍ରୀ ଶୁଆନଗ୍ଲିଆଓ ସହର ନିକଟବର୍ତ୍ତୀ ଏକ ବାଲିଢ଼ିବି ଉତ୍ଖନନ ଫଳରେ ଆବିଷ୍କାର କରାଯାଇଛି। ଏହି ସ୍ଥାନରୁ ପ୍ରଚୁର ପରିମାଣର ବାସନକୁସନ, ପ୍ରାଣୀଙ୍କ ଅସ୍ଥି, ମାଛକଣ୍ଟା ଏବଂ ଜଳଚର ପ୍ରାଣୀଙ୍କ ଖୋଳ ମିଳିଛି।

### ଇଣ୍ଡୋନେସିଆରେ 'ଲିଟିଲ୍ ଇଣ୍ଡିଆ ଗେଟ୍'

**ସିଙ୍ଗାପୁର:** ଇଣ୍ଡୋନେସିଆର ମେଦାନ୍ ନଗରୀରେ ରବିବାର 'ଲିଟିଲ୍ ଇଣ୍ଡିଆ ଗେଟ୍' ଉଦ୍‌ଘାଟିତ ହୋଇଛି। ମେଦାନ୍ ନଗରୀକୁ ଭାରତୀୟ ଲୋକଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଥମ କରି ଏଭଳି ଏକ ଢାଞ୍ଚା ନିର୍ମାଣ କରାଯାଇଛି। ଇଣ୍ଡୋନେସିଆର ଚତୁର୍ଥ ବୃହତ୍ତମ ନଗରୀ ମେଦାନ୍‌ଠାରେ ଉକ୍ତ ତୋରଣ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାଓ୍ୱତ ଏବଂ ମେଦାନ୍ ନଗରୀ ମେୟର ଏଚ.ଟି. ଜୁଲ୍‌ମି ଏଲଡିନ୍‌ଙ୍କ ଦ୍ୱାରା ମିଳିତ ଭାବରେ ଉଦ୍‌ଘାଟିତ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତରେ ପାଖାପାଖି ୭,୦୦୦ ଲୋକ ଉପସ୍ଥିତ ରହିଥିଲେ। 'ବସୁଧୈବ କୁଟୁମ୍ବକମ୍' ବା 'ସମଗ୍ର ପୃଥିବୀ ଏକ ପରିବାର'ରେ ବିଶ୍ୱାସ କରୁଥିବା ଭାରତର ଏହା ବାସ୍ତବ ଉପସ୍ଥାପନ ବୋଲି ରାଷ୍ଟ୍ରଦୂତ ରାଓ୍ୱତ୍ ପ୍ରକାଶ କରିଛନ୍ତି। ଲିଟିଲ୍ ଇଣ୍ଡିଆ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ବ୍ୟବସାୟିକ ସମ୍ପର୍କରେ ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ।



ମେଦାନ ନଗରୀରେ ଏହି ନୂତନ ଢାଞ୍ଚାକୁ ଏକ ଉଲ୍ଲେଖନୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ। ଇଣ୍ଡୋନେସିଆରେ ପ୍ରଥମକରି ସ୍ଥାପିତ ଏଭଳି ତୋରଣ ଭାରତୀୟ ସମାଜର ଅବଦାନର ସ୍ୱୀକୃତି ବହନ କରୁଛି ବୋଲି ମେୟର ଜୁଲ୍‌ମି ପ୍ରକାଶ କରିଥିଲେ।

### ଇତିହାସର ଆଇନାରେ

**ଅକ୍ଟୋବର ୨୯ର ପ୍ରମୁଖ ଘଟଣା**

୧୮୬୩ ଅକ୍ଟୋବର ୨୯ରେ ସ୍ୱିଜରଲାଣ୍ଡର ଜେନେଭାରେ ୧୮ଟି ଦେଶ ଏକାଠି ହୋଇ ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଗଠନ କରିବା ନେଇ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ରେଡ୍‌କ୍ରସ ଅନ୍ତର୍ଜାତୀୟ କମିଟି(ଆଇସିଆରସି) ହେଉଛି ଏକ ମାନବବାଦୀ ସଙ୍ଗଠନ। ଏହାର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା।

୨୦୦୫ ଅକ୍ଟୋବର ୨୯ରେ ଭାରତର ରାଜଧାନୀ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏଥିରେ ୬୦ଜଣ ନିହତ ହୋଇଥିବା ବେଳେ ୨୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ୩ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା। ଘଟଣା ପଛରେ କଶ୍ମୀର ବିଚ୍ଛିନ୍ନତାବାଦୀ/ଇସଲାମିକ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତଥିବା ନେଇ ତଦନ୍ତକାରୀ ଏଜେନ୍ସି ସୂଚନା ଦେଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୯.୦ |
| ଚାନ୍ଦବାଲି | ୨୯.୫ | ୨୧.୪ |
| କଟକ | ୨୪.୮ | ୧୯.୦ |
| ପାରାଦ୍ୱୀପ | ୨୯.୫ | ୨୨.୪ |
| ଭୁବନେଶ୍ୱର | ୨୪.୮ | ୧୯.୦ |
| ଗୋପାଳପୁର | ୨୬.୯ | ୨୦.୪ |
| ପୁରୀ | ୨୭.୬ | ୨୨.୪ |
| ଅନୁଗୋଳ | ୩୦.୧ | ୧୫.୦ |
| ବାରିପଦା | --- | ୧୮.୮ |
| ଝାରସୁଗୁଡ଼ା | ୩୨.୦ | ୧୭.୦ |
| କେନ୍ଦୁଝର | ୨୮.୦ | ୧୪.୯ |
| ସମ୍ବଲପୁର | ୩୨.୨ | ୧୭.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୬ | ୧୮.୬ |
| ତାଳଚେର | ୩୩.୪ | ୧୮.୩ |
| ଭବାନୀପାଟଣା | --- | ୧୫.୦ |
| ବଲାଙ୍ଗୀର | ୩୩.୦ | ୧୭.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | ୨୬.୪ | ୧୦.୨ |
| ଟିଟିଲାଗଡ଼ | ୩୧.୦ | ୧୫.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୮ | ୧୬.୦ |
| ଦାରିଙ୍ଗିବାଡ଼ି | ୨୮.୨ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସବୁବେଳେ ଅନୁସନ୍ଧାନ ପ୍ରୟାସୀ




**ମୁମ୍ବାଇ:** ପିଲାଦିନେ ପାଠ ପଢ଼ିବା ସମୟରେ ଅଭିନୟ କରିବାକୁ ଇଚ୍ଛା ଥିଲା। ତେବେ ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ସେ 'ବେବି', 'ପିଙ୍କ୍' ଏବଂ 'ମୁଲକ୍' ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଏଣ୍ଟରଟେନମେଣ୍ଟ-ଭିତ୍ତିକ ଅଡିଓ ଶୋ 'ଟେକ୍ ଟୁ ୱିଥ୍ ଅନୁପମା ଆଣ୍ଡ ରାଜୀବ'ରେ ସେ ତାଙ୍କ ଜୀବନ ଏବଂ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ ହିଟ୍ ହୋଇଥିବା ବେଳେ ତାମିଲ ଫିଲ୍ମ 'ଆଡୁକଲମ୍' ମଧ ଜାତୀୟ ପୁରସ୍କାର ଲାଭ କରିଛି। ତେବେ ତାଙ୍କୁ ଭାଗ୍ୟ ସାଥ୍ ଦେଇଥିବା ଜାଣିବା ପରେ ସେ ଆଉ ଅଭିନୟରୁ ମୁହଁ ଫେରାଇ ନାହାନ୍ତି। ଦିଲ୍ଲୀରେ ପଢ଼ିଥିଲେ ଓ ବଢ଼ିଥିଲେ ବି ତାମିଲ ଓ ତେଲୁଗୁ ଭାଷା ପ୍ରତି କିପରି ଆକୃଷ୍ଟ ହେଲେ ପ୍ରଶ୍ନରେ ସେ କହନ୍ତି, ମୁଁ ଜୀବନରେ କିଛି ଦୁଃସାହସିକ କାର୍ଯ୍ୟ କରିବାକୁ ପ୍ରୟାସ କରେ। ତେଣୁ ଆଶା କରାଯାଉ ନ ଥିବା କିଛି କାର୍ଯ୍ୟ କଲେ ଖୁସି ଲାଗେ। ଯେଉଁ ସ୍ଥାନକୁ କେହି ଯାଇନାହାନ୍ତି ସେ ସ୍ଥାନକୁ ଯିବାକୁ ମଧ ଇଚ୍ଛାକରେ। ବିଶିଷ୍ଟ ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ଫିଲ୍ମରେ ଅଭିନୟ କରିବାକୁ ସେ ଆଶାୟୀ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ଆଧାତ୍ମିକ ସମ୍ମିଳନୀ

ଆସିକା,୨୮।୧୦(ଡି.ଏନ୍.ଏ.)- ଆସିକା ବ୍ଲକ ମଣ୍ଡାପଡାସ୍ଥିତ ଦିବ୍ୟଜୀବନ ସଂଘ ପକ୍ଷରୁ ରବିବାର ମଣ୍ଡାପଡା ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକଦିବସୀୟ ସାଧନା ଶିବିର ଓ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟକ ଦେବରାଜ ମହାନ୍ତି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଓଡିଶା ଦିବ୍ୟଜୀବନ ସଂଘର ମୁଖ୍ୟ ସଙ୍ଗଠକ ଜୟଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ଶିବାନନ୍ଦ ସରସ୍ୱତୀ ଓ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ଆଦର୍ଶ ବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଆସିକା ଦିବ୍ୟଜିଲା ଅନ୍ତର୍ଗତ ଆସିକା, ବାଲିଛାଇ, ଭେଟନଇ, ବାବନପୁର, ନୂଆଗାଁ, କବିସୂର୍ଯ୍ୟନଗର, ପୋଲସରା, ଡୁଙ୍ଗାପଡା, କୋଦଳା, ମୁଣ୍ଡମରାଇ, ଖୋଲଶଳା, ହିଞ୍ଜିଳି, ବଡଗଡ, ବଡିଆଓସ୍ତା, ସୋରଡା, ଭଞ୍ଜନଗର, ବିଡିପୁର ଶାସନ, ତୁଳସୀପଲ୍ଲୀ ଖାଶାର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟଜୀବନ ସଂଘ ଆସିକା ଶାଖାର ଉପଦେଷ୍ଟା ଦେବହରି ମହାନ୍ତି, ଲକ୍ଷ୍ମୀନାରାୟଣ ନାୟକ, ବିଜୟ ଦାସ, ଭାସ୍କର ଆଚାରୀ, ମଣ୍ଡାପଡା ଶାଖା ସଭାପତି ଈଶ୍ୱର ଚନ୍ଦ୍ର ସ୍ୱାଇଁ, ଈଶ୍ୱର ବିଶ୍ୱାଳ, ନାରାୟଣ ସାହୁ, ତ୍ରିନାଥ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### କେନାଲ ରୋଡ ଦେଇ ବାଲିଚାଲାଣ ବନ୍ଦ ପାଇଁ ଦାବି

ବୁଗୁଡ଼ା,୨୭।୧୦(ଡି.ଏନ.ଏ.): ବୁଗୁଡ଼ା ନିକଟସ୍ଥ କୈଳାସ ନଗର ଗ୍ରାମବାସୀ ସେମାନେ ଯାତାୟତ କରି ଆସୁଥିବା ବାଘୁଆ ଜଳସେଚନ ବିଭାଗ କେନାଲ ରୋଡ ଦେଇ ଚୋରା ବାଲି ଚାଲାଣ ବନ୍ଦ କରିବା ପାଇଁ ଶନିବାର ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବାଘୁଆ କେନାଲ ରୋଡରେ ଭାରିଯାନ ଚଳାଚଳ ନିଷିଦ୍ଧ, ପ୍ରସିଦ୍ଧ କୁବେରେଶ୍ୱର ମନ୍ଦିରକୁ ଯିବା ଆସିବା ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତା ଦେଇ ପ୍ରାୟ ୧୫ ଦିନ ହେଲା ଟ୍ରାକ୍ଟର ଦ୍ୱାରା ବେଆଇନ ଭାବେ ବାଲି ଚୋରାଚାଲାଣ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ପଡୁଥିବା ଏକମାତ୍ର ଶଙ୍ଗ ମଧ ଭୁଷୁଡ଼ି ପଡ଼ିବାର ସମ୍ଭାବନା ଦେଖାଦେଇଛି। ତେଣୁ ଏହି ରୋଡ ଦେଇ ବେଆଇନ ବାଲି ଚୋରାଚାଲାଣକୁ ବନ୍ଦ କରିବା ପାଇଁ କୈଳାସ ନଗର ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସଂଗ୍ରାମ କେଶରୀ ଜେନା କୁହନ୍ତି, ଆମେ ସେଠାରେ ବାଲି ଲିଜ ଦେଇନାହୁଁ। ଚୋରା ଚାଲାଣ ବନ୍ଦ ପାଇଁ ଉଦ୍ୟମ କରାଯିବ। ଏହି ରୋଡରେ ଭାରିଯାନ ଚଳାଚଳ ବନ୍ଦ ପାଇଁ ଗ୍ରାମବାସୀ ଜଳସେଚନ ବିଭାଗ ସହ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ ଜଣାଇଛନ୍ତି।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ

ପୋଲସରା, ୨୮।୧୦ (ଡି.ଏନ.ଏ.)


ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ବିଧାୟକ।

ତିତ୍‌ଲି ପ୍ରଭାବରେ ବହୁ ପରିବାର କ୍ଷତିଗ୍ରସ୍ତ ହେବା ସହ ବହୁ ରାସ୍ତାଘାଟ ମଧ ନଷ୍ଟ ହୋଇଥିଲା। ରାଜ୍ୟ ସରକାର ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ୧୨ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଦୈନିକ ୪୫ ଟଙ୍କା ହିସାବରେ ୧୫ ଦିନର ୬୭୫ ଟଙ୍କା ଏବଂ ୧୨ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଲାଗି ୬୦ ଟଙ୍କା ହିସାବରେ ୯ ଶହ ଟଙ୍କା ପ୍ରଦାନ କରାଯିବା ଲାଗି ନିର୍ଦ୍ଦେଶ ରହିଥିଲା। ରବିବାର ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତରେ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୫୦ଟି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ରାଶି ପ୍ରଦାନ କରିଛନ୍ତି। ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ସହାୟତା ରାଶି ପଠାଯିବାର ବ୍ୟବସ୍ଥା କରାଯାଇଛି। ରବିବାର ଛଞ୍ଚାଣିଆପଲ୍ଲୀ ଗ୍ରାମର ୧୬୭ଟି ପରିବାରର ୮୧୩ ଜଣ ସଦସ୍ୟଙ୍କୁ ୬ ଲକ୍ଷ ୯୮ ହଜାର ୧୭୫ ଟଙ୍କା ପଠାଯାଇଥିବା ବେଳେ ବେଲଗାଁ ଗ୍ରାମର ୧୭୭ ପରିବାରର ୮୫୮ ସଦସ୍ୟଙ୍କୁ ୭ ଲକ୍ଷ ୩୭ ହଜାର ୩୨୫ ଟଙ୍କା ପ୍ରଦାନ କରାଯାଇଥିଲା। ବିଡିଓ ଶମ୍ଭୁନାଥ ନନ୍ଦି, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଞ୍ଜୁକ୍ତା ବାଡ଼ତ୍ୟା, ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଚନ୍ଦ୍ର ଦାସ, ନୋଡାଲ ଅଫିସର ଗୋବିନ୍ଦ ଚନ୍ଦ୍ର ସାବତଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ରହଲ୍ଲାଦ ନାଟକ ଗୁରୁଙ୍କ ସମ୍ମିଳନୀ, କର ଅଳଙ୍କାର ପ୍ରଦାନ

ଶେରଗଡ,୨୮।୧୦(ଡି.ଏନ୍.ଏ.)


ଧବଳପୁର ପ୍ରହଲ୍ଲାଦ ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଗୁରୁ ସମ୍ମିଳନୀ।

ଶେରଗଡ ବ୍ଲକ ଧବଳପୁର ଗ୍ରାମରେ ରବିବାର ପ୍ରହଲ୍ଲାଦ ନାଟକର ଗୁରୁଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧବଳପୁର ପ୍ରହଲ୍ଲାଦ ନାଟ୍ୟ ସଂସଦ ତରଫରୁ ଆୟୋଜିତ ଗୁରୁ ସମ୍ମିଳନୀରେ ଗୁରୁ ମାନେ ପହଂଚିବା ପରେ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପରେ ଗୁରୁ ମାନଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ହୋମ କରାଯାଇ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ କଳାକାର ସନ୍ତୋଷ କୁମାର ରଣାଙ୍କୁ ମହାପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କର ଅଳଙ୍କାରରେ ଭୂଷିତ କରିଥିଲେ। ମାନସ ପ୍ରବକ୍ତା ବିପ୍ରଚରଣ ମିଶ୍ର ଯୋଗଦେଇ ପ୍ରହଲ୍ଲାଦ ନାଟକ କଳାକାର ମାନେ ଲୋପ ପାଇବାକୁ ବସିଥିବା ବେଳେ ଏପରି ସମ୍ମିଳନୀ ଆୟୋଜନ ଦ୍ୱାରା ବଞ୍ଚି ରହିବ ବୋଲି କହିଥିଲେ। ଅବସରପ୍ରାପ୍ତ ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶାଙ୍କ, ମନ୍ମଥ ନାଥ ଶତପଥୀ ,ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ପଙ୍କଜ ନୟନ ମିଶ୍ର ପ୍ରମୁଖ ଯୋଗଦେଇ ଗୁରୁମାନଙ୍କୁ ସମ୍ବୋଧିତ କରିଥିଲେ। ତେଣ୍ଟୁଆପଡାର ଅର୍ଜୁନ ପାଣିଗ୍ରାହୀ, ଚିକିଟିର କୃଷ୍ଣଚନ୍ଦ୍ର ସାହୁ, ବମକେଇର ସୀମାଞ୍ଚଳ ପାତ୍ର, ପାଲକଷଣ୍ଡାର ମହେଶ୍ୱର ରଣା, ବିଜୟ ରଣା, ଛଣମେରିର ବିପ୍ରଚରଣ ପ୍ରଧାନ, ଖରିଣପଡାର ଖଲି ବେହେରା, ଗଡଗୋବିନ୍ଦପୁରର ଦାଶରଥି ରେଡ୍ଡୀ, ଝରପାରିର ପ୍ରତାପ ଭୁୟାଁ, ଶୁଣ୍ଡିପଲ୍ଲୀର ବୃନ୍ଦାବନ ଜେନା ସମେତ ବହୁ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା


ବିଜେଡି କର୍ମୀଙ୍କ ଜନସମ୍ପର୍କ ପଦଯାତ୍ରା ଅଭିଯାନ।

ଖଜୁରିପଡା, ୨୮।୧୦

କନ୍ଧମାଳ ଜିଲା ଫୁଲବାଣୀ ବିଧାୟକ ଦୁଗୁନି କହଁର ଓ ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ସମେତ ବିଜୁ ଜନତା ଦଳର କର୍ମୀ ମିଳିତ ଭାବେ ରବିବାର ଜନସମ୍ପର୍କ ପଦଯାତ୍ରା ଅଭିଯାନରେ ବାହାରି ଟିଗ୍ରାପଙ୍ଗା ପଞ୍ଚାୟତରୁ ଆରମ୍ଭ କରି ବାରିକୁମ୍ପା, ବଲସକୁମ୍ପା, ଆଡାସିପଡା, ଆର.ନୂଆଗାଁ ଓ ଖଜୁରିପଡା ଭଳି ୫ ଗୋଟି ପଞ୍ଚାୟତ ୧୫ରୁ ଅଧିକ ଗ୍ରାମକୁ ଗସ୍ତ କରିଛନ୍ତି। ଖଜୁରିପଡା ବ୍ଲକ ବିଜେଡି ସଭାପତି ପଙ୍କଜ କୁମାର ମଲିକ, ସମ୍ପାଦକ ରଞ୍ଜନ କୁମାର ମଲିକ ଦୁଇଟି ଜିଲା ପରିଷଦର ସଭ୍ୟା ଜୁଲିଲତା ଲେଙ୍କା, ଅନୁରାଧା ସାହୁଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଗାଁ ଗାଁ ବୁଲି ସମସ୍ୟା ସମ୍ପର୍କରେ ଲୋକମାନଙ୍କୁ ପଚାରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାମାନଙ୍କରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବଖାଣିବା ସହ ଗ୍ରାମାଞ୍ଚଳର ବିକାଶ ଉପରେ ବିଧାୟକ ଏବଂ ଅଧ୍ୟକ୍ଷ ଆଲୋକପାତ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକ ଓ ଅଧ୍ୟକ୍ଷଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଥପ୍ରାନ୍ତ ସଭାଗୁଡିକରେ ବ୍ଲକ ବିଜେଡି ସଭାପତି ମଲିକ ସଭାପତିତ୍ୱ କରିଥିଲେ। ଏହି ପଦଯାତ୍ରାରେ ଫୁଲବାଣୀ ପୌର ପରିଷଦ ନଗରପାଳ ସଭାପତି ସୁଧୀର କୁମାର କହଁର, ସରପଞ୍ଚ ଅନ୍ନପୂର୍ଣ୍ଣା ପ୍ରଧାନ, ଗୀତାଞ୍ଜଳି କହଁର, ବନମାଳୀ ପ୍ରଧାନ, ସମିତିସଭ୍ୟ ସରୋଜ କୁମାର ସାହାଣୀ, ଗୀତାଞ୍ଜଳୀ ସାହୁ, ଖମେଶ ବେହେରା, ନାଏବ ସରପଞ୍ଚ/ ୱାର୍ଡମେମ୍ବର ଜିଲା ମହାସଂଘର ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ଦିଗାଲ, ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ବେହେରା, ଦଳର ବରିଷ୍ଠ କର୍ମୀ ହରିବଲ ମଲିକ, ଭକ୍ତଚରଣ କହଁର, ପନନ୍ନ ସାହୁ ଓ ବଲସ କୁମ୍ପା ମା ଇଷ୍ଟଦେବୀ ଯୁବ କଳାପରିଷଦ ଯୁବକ ସଂଘର ସମ୍ପାଦକ ବିଦୁର କୁମାର ବେହେରା, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, ରଞ୍ଜିତ ବେହେରା, ଦଣ୍ଡପାଣି ସାହାଣୀ, ସ୍ୱର୍ଣ୍ଣଲତା ମଲିକ ପ୍ରମୁଖ ସାମିଲ ହୋଇଥିଲେ।

### ୪ ଫେରାର ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୮।୧୦ (ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ପକ୍ଷରୁ ୱାରେଣ୍ଟ ଧରପଗଡ଼କୁ ଜୋରଦାର କରାଯାଇଛି। ରବିବାର ଦିଗପହଣ୍ଡି ଫୁଲ ସୁନ୍ଦରୀ ସାହିର ଫେରାର ଅଭିଯୁକ୍ତ ଶଙ୍କର ବେହେରା, ଶିବରାମ ବେହେରାଙ୍କୁ ଜିଆର କେସ୍ ନଂ. ୯୮/୦୩ ରେ କୋର୍ଟଚାଲାଣ କରାଯାଇଛି । ଗୁଡୁଙ୍ଗପୁର ଗ୍ରାମର ବୁଲୁ ପାତ୍ରଙ୍କୁ ଜିଆର କେସ୍ ନଂ. ୨୪୭/୦୭ ଏବଂ ଓଡାସିଙ୍ଗି ଗ୍ରାମର ପାଣ୍ଡବ ଓରଫ ପାଣ୍ଡା ରେଡ୍ଡୀଙ୍କୁ ଜିଆର ନଂ. ୧୫୫/୦୭ ରେ କୋର୍ଟଚାଲାଣ କରାଯାଇଥିବା ଦିଗପହଣ୍ଡି ଥାନା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି । ଦିଗପହଣ୍ଡି କୋର୍ଟ ପକ୍ଷରୁ ଫେରାର ଅଭିଯୁକ୍ତଙ୍କ ନାଁରେ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଥିଲା । ଏଏସ୍ଆଇ ସୀମାଞ୍ଚଳ ମିଶ୍ରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଶନିବାର ରାତିରେ ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ଗିରଫ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ବ୍ରାହ୍ମଣ ସମାଜର ପରିବର୍ଦ୍ଧିତ ଆଲୋଚନା ସଭା

ଦିଗପହଣ୍ଡି/ପାଟପୁର, ୨୮।୧୦ (ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ମଣ୍ଡଳ ବ୍ରାହ୍ମଣ ସମାଜର ପରିବର୍ଦ୍ଧିତ ଆଲୋଚନା ସଭା ରାମକୃଷ୍ଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜର ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ସଭାରେ ଆଲୋଚନା କରାଯାଇଥିଲା । ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଭାବେ ସଭାପତି ଭାବେ ମୃତ୍ୟୁଞ୍ଜୟ ପାଢ଼ୀ, ଉପସଭାପତି ଗୋପାଳ ସାବତ, ସୁବାସ ଚନ୍ଦ୍ର ପଣ୍ଡା ଓ ରାଧାଗୋବିନ୍ଦ ପାଣିଗ୍ରାହୀ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ରାମକୃଷ୍ଣ ରଥ, କୋଷାଧ୍ୟକ୍ଷ ନୀଳାଞ୍ଚଳ ପଣ୍ଡା, ସହ ସମ୍ପାଦକ ସୁଦର୍ଶନ ପାଣିଗ୍ରାହୀ ଓ ପ୍ରମୋଦ ଚନ୍ଦ୍ର ରଥ ଓ ଉପଦେଷ୍ଟା ଭାବେ ଦୁର୍ଗା ପ୍ରସାଦ ପାଢ଼ୀଙ୍କୁ ସର୍ବସମ୍ମତିକ୍ରମେ ମନୋନୟନ କରାଯାଇଥିଲା ।

DADLS-154

## ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

ତା୩୧।୧୦।୨୦୧୮ — ସ୍ଥାନ: ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** — ସମୟ: ମଧ୍ୟାହ୍ନ ୧୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** — ସମୟ: ଅପରାହ୍ନ ୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ/ ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୮ରିଖ ସନ୍ଧ୍ୟା ୫ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0345/1819

## OFFICE OF THE REGULATED MARKET COMMITTEE, BALANGIR
At/PO.-Balangir, Dist- Balangir- 767001
E-mail- rmcbgr@rediffmail.com, MOB.9437116739/9437063300

## E-PROCUREMENT (INVITATION FOR BIDS)
TENDER CALL NOTICE NO.495RMC, Dated:- 27.10.2018
BID IDENTIFICATION NO.RMC – 02/ 2017-18

1. The Sub-Collector,Balangir-cum-Chairman, R.M.C.,Balangir invites Percentage Rate bids in Single cover system in online mode for the construction of works as detailed in the table, from the class of eligible contractors as mentioned in column – 7 (Seven ) registered with the State Governments and contractors of equivalent Grade / Class Registered with Central Government / MES/ Railway/CPWD for execution of civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the appropriate registering authority of the State Government of Odisha in appropriate class of eligibility before award of the work.
2. The bidders may submit bids for the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | EMD @1% Rs. (Approx) Online | Cost of Bid Documents + 18% GST Rs. (Online) | Class of Bidder | Period of Completion in Calendar months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of 16nos shop rooms at Bijakhaman Market Yard under RMC Balangir. | 41,51,727.00 | Sub-Collector, Bal-angir-cum-Chairman, R.M.C. , Balangir | 41517.00 | 6000.00 | 'A' & 'B' | 6 Calendar Months |
| 2 | Construction of barbed wire fencing at Bijakhaman Market Yard under RMC Balangir. | 53,318.00 | Sub-Collector, Bal-angir-cum-Chairman, R.M.C. , Balangir | 533.00 | 400.00 | 'C' & 'D' | 1 Calendar Months |
| 3 | Construction of Farmers facilation centre with auction hall at Bijakha-man Market Yard under RMC Balangir. | 28,82,596.00 | Sub-Collector, Bal-angir-cum-Chairman, R.M.C. , Balangir | 28,826.00 | 6000.00 | 'C' & 'B' | 6 Calendar Months |
| 4 | Construction of e-NAM office with laboratory at Bijakhaman Market Yard under RMC Balangir | 10,87,886.00 | Sub-Collector, Bal-angir-cum-Chairman, R.M.C. , Balangir | 10,879.00 | 6000.00 | 'C' & 'D' | 4 Calendar Months |

3. Bid documents consisting of Plans, specifications, the schedule of quantities and the set of terms and conditions of contract and All other details can be seen from DTCN available at E-procurement portal Govt. website :www.tendersorissa.gov.in.
4. The Tender Paper cost and Earnest Money Deposit / Bid security of the amount specified for the work in Col. 05 and 06 above, the bidder shall make electronic payment using his / her Internet Banking enabled account with designated Bank or their aggregator Bank such as SBI / ICICI / HDFC or the bidder having account in other bank can make payment using NEFT / RTGS facilities of designated banks . Bidders desirous to hire machineries or equipments from outside the State or owned but deployed outside the state are required to furnish 2 % of the amount put to tender as Bid security.
5. The Bid documents will be available in the website :www.tendersorissa.gov.in from 10.00AM of 30.10.2018 to 08.11.2018 5.00 PM for online bidding.
6. The bidder must possess compatible Digital Signature Certificate (DSC) of Class-II or Class-III
7. Bids shall be received only "on line" on or before 08/11/2018 up to 5.00 PM.
8. Bids received on line shall be opened at 10.00 AM on 09/11/2018 in the office of the R.M.C. Balangir in the presence of the bidders who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the last date of opening of the bids as specified, the bids will be opened on the next working day at the same time and venue.
9. After finalisation of tender the successful bidder shall submit the original affidavit regarding authentication of the documents and all other documents in the original shall be furnished in the office for verification.
10. The cost of bid documents as mentioned in Column 6, the bidder shall make electronic payment using his / her Internet Bank-ing enabled account with designated Bank or their aggregator Banks such as SBI / ICICI / HDFC or the bidder having account in other Bank can make payment using NEFT / RTGS facilities of designated Banks .
11. The Engineer contractor willing to avail the Exemption of EMD will submit scan copy of the affidavit to avail the exemption along with bid document and original affidavit will be submitted before opening of technical Bid. Affidavit should contain how many times such facilities have been availed by him prior to this during the current financial year. Otherwise they will not be entitled to avail such facilities.
12. The SC/ST contractors willing to avail the facilities as fixed by Govt. will submit an affidavit for the same along with tender document; otherwise they will not be entitled to avail such facilities. Claim at the time of opening of tender or later will not be entertained.
13. Special Clause: If the rate quoted by the bidder is less than the estimate cost put to tender, then the successful bidder shall have to furnish the exact amount of differential cost i.e estimated cost put to tender minus the quoted amount as Additional Performance Security within five days of opening tender in shape of Demand Draft/Fixed deposit receipt/N.S.C/K.V.P drawn in any nationalized bank in favour of the Chairman, RMC Balangir.
14. Other details can be seen in the bidding documents.
15. The authority will not be held responsible for any technical snag or network failure during on-line bidding.
16. The authority reserves the right to cancel any or all bids without assigning any reason.

Sd/-SubCollector, Balangir, -cum-Chairman, R.M.C. Balangir

## OFFICE OF THE HEADMASTER
## KASTURABA GANDHI BALIKA VIDYALAYA, TARAGAM
BLOCK- NABARANGPUR, DIST.- NABARANGPUR, PIN- 764059
Cell: 8249886197 (HM) Email: kgbvtaragam@rediffmail.com
Letter No. 77/2018 Date: 26.10.2018
ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, TARAGAM, Block/Dist.- Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV TARAGAM, Nabarangpur during office hours by 5.00PM of Dt.26.11.18. The bid document shall be opened at 10.00AM on Dt.27.11.18 in the office of the Headmistress, KGBV, TARAGAM, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV TARAGAM, Nabarangpur*

See Career Appointment on every Wednesday & Saturday

## OFFICE OF THE COLLECTOR, RAYAGADA
(SOCIAL WELFARE SECTION)
No. 2486 Dated: 26.10.18

**TENDER NOTICE**

Sealed tenders in the prescribed format are invited from the intending registered transport contractor / agents / individuals / company for undertaking transportation of rice & wheat, under Supplementary Nutrition feeding programme during the year 2018-19 in Rayagada district, which is to be transported from the FSD depot of the FCI/OSWC of Rayagada & Gunupur to all the AWC & Chhatua production points of the district.

For details please visit our official website http://rayagada.nic.in. The tender completed in all respect shall reach to the Office of the DSWO, Rayagada by registered / speed post Collectorate, Rayagada on or before 15.11.2018 by 5PM and the tender will be opened on 16.11.2018 at 11AM by the tender committee constituted for this purpose.

The tender received beyond the date and time mentioned above shall not be taken into consideration. The authority also reserves the right to reject any or all tenders without assigning any reason thereof.

*Sd./- COLLECTOR, RAYAGADA*

## ପଞ୍ଚାୟତ ସମିତି, ସୁକିନ୍ଦା, ଜିଲ୍ଲା-ଯାଜପୁର
Email: ori-sukinda@nic.in, PIN- 755018, Cell: 8280405157
No. 2572 Date: 27.10.2018

**TENDER CANCELLATION NOTICE**

This is to inform all concerned that Tender Notice No. 2230, dtd. 10.09.2018 of Sukinda Block for 11 nos. of OMC CSR projects, is hereby cancelled.

*Sd./- Block Development Officer, Sukinda*

idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/Civil/T&E/E/4443/01/2018/21446 Date:26.10.2018

**EXPRESSION OF INTEREST NOTICE**

Expression of Interest is invited from renowned Artisans / Agencies for "Design, Supply and Installation of Display items with Supportive backdrops for Dance Costume Gallery of Odisha Craft Museum at Gandamunda, Bhubaneswar". The detail EOI can be seen in our website **www.idco.in** (in tenders EOI /REP/Others). The last date of submission of the EOI is **16.11.2018** by 5.00pm.

For the detailed EOI, please visit our web site **www.idco.in**

Sd/-
Chief General Manager (Civil)I/C
IDCO, Bhubaneswar

## OFFICE OF THE HEADMISTRESS
## KASTURABA GANDHI BALIKA VIDYALAYA, CHARAMULA
BLOCK- TENTULIKHUNTI, DIST.- NABARANGPUR, PIN- 764070
Cell: 9777723789 (HM) Email: kgbvcharamula@rediffmail.com
Letter No. 85/2018 Date: 26.10.2018
ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, CHARAMULA, Block- Tentulikhunti, Dist.- Nabarangapur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV CHARAMULA, Block- Tentulikhunti, Nabarangpur during office hours by 5.00PM of Dt.28.11.18. The bid document shall be opened at 10.00AM on Dt.29.11.18 in the office of the Headmistress, KGBV, CHARAMULA, Block- Tentulikhunti, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV CHARAMULA*

## ସ୍ୱା ସ୍ଥ୍ୟ ସୂ ଚ ନା



- ଆପଣ ଡାଇବେଟିସ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ପ୍ରଥମେ ନିଜ ଜୀବନଶୈଳୀକୁ ସନ୍ତୁଳିତ କରନ୍ତୁ। ଖାଦ୍ୟପେୟ ପ୍ରତି ନଜର ଦେବା ସହ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ମାପି ନିଅନ୍ତୁ।
- ଏଣୁତେଣୁ ଚିନ୍ତା କଲେ ତାହା ଦ୍ୱାରା ଟେନ୍‌ସନ ବଢ଼ିଥାଏ। ଏହାଦ୍ୱାରା ଆପଣ ରକ୍ତଚାପ (ବ୍ଲଡ୍‌ପ୍ରେସର) ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିଜକୁ ଯେତେ ସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।
- କେତେକେ ରାତିରେ ଡେରିରେ ଶୋଇ ସକାଳ ୮-୯ଟା ପାଖାପାଖି ଉଠିଥାଆନ୍ତି। ଏଭଳି ଅଭ୍ୟାସ ଯେତେଶୀଘ୍ର ପରିହାର କରିବେ ତାହା ସେତେ ଭଲ।
- ନିଜକୁ ସୁସ୍ଥ ରଖିବା ହେଉଛି ନିଜର ଦାୟିତ୍ୱ। ତେଣୁ ଏଭଳି କିଛି କରନ୍ତୁ ନାହିଁ, ଯାହାଦ୍ୱାରା ଆପଣ ରୋଗାକ୍ରାନ୍ତ ହେବେ ଏବଂ ବାକି ଜୀବନ ଆପଣଙ୍କର ଔଷଧ ଖାଇବାରେ ବିତିବ।
- ବୟସ ବଢ଼ିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଆଗ୍ରହ ଶକ୍ତି ବଢ଼ାଏ ବ୍ୟାୟାମ

ନିୟମିତ ବ୍ୟାୟାମ କଲେ ତାହା ଶରୀର ପାଇଁ କେତେ ଉପକାରୀ ତାହା ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଜଣେ ବ୍ୟକ୍ତି ଅତିକମ୍‌ରେ କିଛି ସମୟ ବ୍ୟାୟାମ କରିବା ଆବଶ୍ୟକ। ତେଣୁ ନିଜ ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବା କେତେଦୂର ଠିକ୍ ତାହା ନିଜେ ଥରେ ଚିନ୍ତା କରନ୍ତୁ। ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଡିଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟ ସମାପିତ ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ବ୍ୟାୟାମ କଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଆଗ୍ରହ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରୁଥିବା ଏବଂ ଆଦୌ ବ୍ୟାୟାମ କରୁ ନ ଥିବା କିଛି ବ୍ୟକ୍ତିଙ୍କର ଆଗ୍ରହକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିବା ପରେ ସେମାନେ ଏଭଳି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ହେଲେ ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ସୁସ୍ଥତା ପ୍ରତି ସବୁବେଳେ ନଜର ରଖନ୍ତୁ ବୋଲି ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ବାର୍ଦ୍ଧକ୍ୟରେ ମାନସିକ ବିକୃତି



ଡା. ଦ୍ୱିଜେଶ କୁମାର ପଣ୍ଡା

ମଣିଷ ବୁଢା ହେଲେ ଅନେକ ଜିନିଷ ଜାଣିପାରନ୍ତି ନାହିଁ। ସ୍ମରଣଶକ୍ତି କମିଯାଏ। ୭୫ ବର୍ଷ ପରେ ଏହା କମିବାକୁ ଆରମ୍ଭ ହୁଏ। ୮୫ ବର୍ଷ ବେଳକୁ ୬୦ ପ୍ରତିଶତ ବ୍ୟକ୍ତିଙ୍କର ଏହି ଲକ୍ଷଣ ପ୍ରକାଶ ପାଏ। ଏହା ଗୋଟିଏ ମୁଖ୍ୟ ସ୍ନାୟବିକ ଅବନତି। ପଢିବା ପାଠ ମନେରହେ ନାହିଁ। କଥାରେ ତାଳମେଳ ନ ଥାଏ। କେଉଁ ଜିନିଷ କେଉଁଠାରେ ଅଛି ମନେ ପଡେ ନାହିଁ। କୌଣସି ସ୍ଥାନର ସ୍ଥିତି ଜାଣିହୁଏ ନାହିଁ। ମସ୍ତିସ୍କର ସ୍ନାୟୁ ଗୁଡିକର ଯୋଗାଯୋଗ ସମ୍ଭବ ହୁଏନାହିଁ। ପ୍ରଳାପ ଓ ବିଷାଦଠାରୁ ଏହା ଭିନ୍ନ। ରୁଗ୍ଣ ହେଲେ ଓ ପାରିବାରିକ ଅଶାନ୍ତି ରହିଲେ ବିକୃତି ବୃଦ୍ଧି ହୁଏ। ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ୪୬ ନିୟୁତ ବ୍ୟକ୍ତି ମସ୍ତିଷ୍କ ବିକୃତି ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ ନିୟୁତଙ୍କର ମୃତ୍ୟୁ ହୋଇଥିଲା।

ମାନସିକ ବିକୃତି ଜାଣିବା ପାଇଁ ୮ଟି ପ୍ରଶ୍ନ ପଚାରି ଏହା ନିରୂପଣ କରାଯାଏ।

(୧) ଠିକ ବିଚାର କରିବା ପାଇଁ ଅସୁବିଧା ହୁଏ
(୨)କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ
(୩)ପ୍ରଶ୍ନ ଓ ଉତ୍ତରକୁ ଥରକୁ ଥର କହିବ
(୪)କୌଣସି ଯନ୍ତ୍ର ବ୍ୟବହାର କରିବାକୁ ସକ୍ଷମ ନ ହେବା
(୫)ଦିନ, ମାସ ଓ ବର୍ଷକୁ ଭୁଲିଯିବା
(୬)ପଇସାପତ୍ର ହିସାବ ରଖି ନ ପାରିବା
(୭)ନିର୍ଦ୍ଧାରିତ କାର୍ଯ୍ୟ କରିବାକୁ ଭୁଲିଯିବା
(୮) ଠିକ ବିଷୟ ଚିନ୍ତା କରିବା ଓ ମନେପକାଇବା ପାଇଁ ଅସମର୍ଥ।

ଉପର ପ୍ରଶ୍ନ ମଧ୍ୟରୁ ୩ଟି ପ୍ରଶ୍ନର ଠିକ ଉତ୍ତର ନ ମିଳିଲେ ୯୦ ପ୍ରତିଶତ ମନର ବିକୃତି ହୋଇ ଥିବାର ପ୍ରମାଣ ମିଳେ। ଭିଟାମିନ ବି-୧୨ର ଅଭାବ, ଥାଇରଏଡ ଗ୍ରନ୍ଥିର ଟି.ଏସ.ଏଚ. ହରମୋନ ଅଭାବ ସହିତ ସମ୍ପୂର୍ଣ୍ଣ ରକ୍ତ ପରୀକ୍ଷା(ସି.ବି.ସି.) କଲେ ଏହି ରୋଗ ଜାଣି ହୁଏ। ଏହା ବ୍ୟତୀତ ଅନ୍ୟ ପରୀକ୍ଷାଗୁଡିକ ଆବଶ୍ୟକ ନୁହେଁ। ଏମ.ଆର.ଆଇ. ପରୀକ୍ଷା କଲେ ମସ୍ତିସ୍କ ଭିତରେ କେତେକ ସ୍ଥାନରେ କ୍ଷୟ ଜାଣିହୁଏ।

ପି.ଇ.ଟି. ପରୀକ୍ଷା ଏହି ରୋଗ ନିରୂପଣରେ ସାହାର୍ଯ୍ୟ କରିପାରେ।

ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ।

ଆଲଜିମର ରୋଗ ପରିଣତ ବୟସରେ ମସ୍ତିସ୍କ ଅବକ୍ଷୟ ପାଇଁ ହୁଏ। ଏହାର ଠିକ କାରଣ ନ ଥାଏ। ମାନସିକ ବିକୃତି ମୁଖ୍ୟ ସଙ୍କେତ। ଔଷଧ ସେବନ ଦ୍ୱାରା କେତେକ ଲକ୍ଷଣ ଉପଶମ ହୁଏ। କିନ୍ତୁ ରୋଗୀ ରୋଗମୁକ୍ତ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ନିକଟରେ ଘଟିଥିବା ଘଟଣା ମନେରହେ ନାହିଁ। ଏହା ଅଦୃଶ୍ୟ କିନ୍ତୁ କ୍ଷତିକାରକ ଭାବରେ ଆରମ୍ଭ ହୁଏ। ରୋଗ ଧୀରେ ଧୀରେ ବଢ଼ି ଚାଲେ। ଅନ୍ତଃଦୃଷ୍ଟି କ୍ଷୟ ହୁଏ। ପାନିଆରେ ମୁଣ୍ଡ କୁଣ୍ଡାଇବାକୁ କହିଲେ ରୋଗୀ କରିପାରେ ନାହିଁ। ଆଘ୍ରାଣ ଶକ୍ତି କମିଯାଏ। ନିଦ ଭଲ ହୁଏ ନାହିଁ। ରାତିରେ ଅନେକ ଥର ଉଠିବାକୁ ପଡେ। ବିନା ନିଦରେ ଶେଯରେ ଶୋଇ ରହନ୍ତି। ରୋଗ ପୁରୁଣା ହୋଇଗଲେ ୧୦ରୁ ୨୦ ପ୍ରତିଶତ ରୋଗୀଙ୍କର ବାତ ମାରେ। ଠିକ ଭାବରେ ପଢିବା ଓ ଗାଡି ଚଳେଇବା ସମ୍ଭବ ହୁଏ ନାହିଁ। କଥା କହି ପାରନ୍ତି ନାହିଁ। ଏହି ରୋଗରୁ ନିସ୍ତାର ନାହିଁ। ୮୦ ବର୍ଷ ପରେ ରୋଗ ପ୍ରାଦୁର୍ଭାବ କମିଯାଏ। ଏହି ରୋଗୀମାନେ ୩ ରୁ ୧୧ ବର୍ଷ ବଞ୍ଚି ରହନ୍ତି। ସେମାନଙ୍କର ଶରୀରର ଜଳୀୟ ଅଂଶ କମିଯାଏ, ପୁଷ୍ଟିହୀନତା ଓ ଜୀବାଣୁ ସଂକ୍ରମଣରୁ ମୃତ୍ୟୁ ହୁଏ।

ପାର୍କିନସୋନିଜିମ ଆଉ ଗୋଟିଏ ମସ୍ତିସ୍କ ଅବକ୍ଷୟ ରୋଗ। ଏହାର ୪ଟି ମୁଖ୍ୟ ଲକ୍ଷଣ ରହିଛି। ହାତ ଗୋଡ ପ୍ରଚଳନ କମିଯାଏ। ବସିଥିବା ବେଳେ ହାତ ଥରେ। ଚାଲିବା ବେଳେ ଭାରସାମ୍ୟ ରହେ ନାହିଁ ଓ ଶରୀର ବଙ୍କା ହୁଏ ନାହିଁ। ଏହି ରୋଗ ନିରୂପଣ ପାଇଁ କୌଣସି ରକ୍ତ ପରୀକ୍ଷା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ନିଦାନ ନିର୍ଣ୍ଣୟ ହୋଇପାରେ ନାହିଁ। ରୋଗ ଜାଣିବା ପାଇଁ ଲକ୍ଷଣଗୁଡିକ ହେଉଛି ଏକମାତ୍ର ସମ୍ବଳ। ଚାଲିବା ଧୀର ଓ ଅସ୍ୱାଭାବିକ ହୋଇଯାଏ। ଚକ ଥିବା ଚଉକିରେ ବସିବାକୁ ପଡେ। କଥା ଅସ୍ପଷ୍ଟ ହୁଏ। ଖାଇବା ସମ୍ଭବ ହୁଏ ନାହିଁ। ତରଳ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡେ। ଶେଷରେ ନାକରେ ନଳୀ ପୂରାଇ ଖାଇବାକୁ ଦିଆଯାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଛିଡା ହେଲେ ରକ୍ତଚାପ କମିଯାଏ। ପରିସ୍ରା ରୋକି ହୋଇପାରେ ନାହିଁ କିମ୍ବା ସମ୍ପୂର୍ଣ୍ଣ ହୁଏ ନାହିଁ। ଧ୍ୱଜ ଭଙ୍ଗ ହୁଏ।


ପାର୍କନସୋନିଜିମ ରୋଗର ନିର୍ଣ୍ଣୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ପରୀକ୍ଷା ନାହିଁ। ବ୍ୟୟ ବହୁଳ ଏମ.ଆର.ଆଇ. ଓ ସି.ଟି. ସ୍କାନ ପରୀକ୍ଷା ଅନାବଶ୍ୟକ। ଲିଭୋଡୋପା ଔଷଧ ନିୟମିତ ଖାଇଲେ ଉପଶମ ମିଳେ, କିନ୍ତୁ ଆରୋଗ୍ୟ ହେବାର ସମ୍ଭାବନା ନ ଥାଏ। ଡୋପାମିନ ହରମୋନ ଅଭାବରୁ ଏହି ରୋଗ ହୁଏ। ୬୫ ବର୍ଷ ପରେ ପ୍ରତି ଶହେ ବ୍ୟକ୍ତି ମଧ୍ୟରୁ ଜଣଙ୍କୁ ଏହା ହୋଇଥାଏ। ବିଷାକ୍ତ ଅଦରକାରୀ ଔଷଧ ସେବନ, ମସ୍ତିଷ୍କ ପ୍ରଦାହ ଓ ଟ୍ୟୁମର, ବଂଶଗତ କାରଣ, ପରିବେଶ ପ୍ରଦୂଷଣଜନିତ ବିଷାକ୍ତ ବାୟୁ, ପୋକମରା ଔଷଧ ଶରୀରରେ ପ୍ରବେଶ କଲେ ମସ୍ତିଷ୍କରେ ଥିବା ସ୍ନାୟୁଗୁଡିକର ଧୀରେ ଧୀରେ ଅବକ୍ଷୟ ହୁଏ। ଏହା ବଞ୍ଚିବାର ବୟସ ସୀମା କମାଏ ନାହିଁ, କିନ୍ତୁ ଜୀବନକୁ ଦୁର୍ବିଷହ କରି ପକାଏ। ରୋଗୀ ପ୍ରଥମ ଅବସ୍ଥାରେ ଦୁର୍ବଳତା ଅନୁଭବ କରେ। ଚାଲିବାରେ କଷ୍ଟ ହୁଏ। ମାଂସପେଶୀରେ କଠିନତା ଦେଖାଯାଏ। ମୁଣ୍ଡ ଓ ହାତ ଥରେ। ଜାଣିବା ଶକ୍ତି କମିଯାଏ। କିଛି ମନେରହେ ନାହିଁ। ମସ୍ତିଷ୍କର ବାହ୍ୟ ତନ୍ତୁ ଓ ହିପୋକାମ୍ପସର ଅତ୍ୟଧିକ ସଙ୍କୋଚନ ହୁଏ। ଅନମନୀୟତା ଓ ମୁଣ୍ଡ ଥରେ। ହାତକମ୍ ଝୁଲେ। ଗୋଡ଼ ଘୋଷାରି ଧୀରେ ଧୀରେ ଚାଲିବାକୁ ପଡ଼େ। ମୁଖା ପରି ମୁହଁ ଦେଖାଯାଏ। ଶରୀର ଆଗକୁ ଢ଼ଳିଯାଏ। ଗୋଡ଼ ଓ ହାତ ଥରେ ଏବଂ ବଙ୍କା ହୁଏ ନାହିଁ।

ଜୀବନର ସାୟାହ୍ନରେ ଆର୍ଥିକ ଅନାଟନ, ପାରିବାରିକ ଅଶାନ୍ତି, ଶାରୀରିକ ଅବକ୍ଷୟ ସହିତ ମାନସିକ ବିକୃତି ବଞ୍ଚିବାର ଆଶାକୁ ଧୂଳିସାତ କରିଦିଏ। ଏହି ବୟସରେ ନିଜର କାମ କରିବାକୁ ଅସମର୍ଥ ହେଲେ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ। ଜାଣିବା ଶକ୍ତି ନଷ୍ଟ ହେଲେ ମଣିଷ ନିଜ ପରିବାରରେ ଓ ସମାଜରେ ଉପେକ୍ଷିତ ହୁଏ। ମୃତ୍ୟୁ କେତେ ଦୂର ଜାଣିହୁଏ ନାହିଁ। ସେବା ପାଇବା ଭାଗ୍ୟର କଥା। ଅରକ୍ଷ ଜନକୁ ଭଗବାନ ଶାହା।

*-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*



> ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ...





# ଦ୍ୱୈତଗ୍ରହ : ପୃଥିବୀ



ନୀରଦ ଚନ୍ଦ୍ର ରାଉତ

**ପୃଥିବୀର ଶୈଶବ ଅବସ୍ଥା। ଏକାକୀ ପୃଥିବୀ, ଉପଗ୍ରହ ଚନ୍ଦ୍ରର ସୃଷ୍ଟି ହୋଇନାହିଁ। 'ଥାଏ' ନାମକ ଭ୍ରୂଣାବସ୍ଥାରେ ଥିବା ଏକ ଗ୍ରହ ପୃଥିବୀ ସହିତ ମୁହାଁମୁହିଁ ଧକ୍କା ହୁଏ। ସଂଘାତର ଫଳ ସ୍ୱରୂପ 'ଥାଏ' ପୃଥିବୀ ଦେହରେ ସଂପୂର୍ଣ୍ଣ ବିଲୀନ ହୋଇଯାଏ ଏବଂ ପୃଥିବୀରୁ ଛିଟିକି ପଡି ସୃଷ୍ଟିହୁଏ ଉପଗ୍ରହ ଚନ୍ଦ୍ର। ଦୁଇ ଦୁଇଟି ଗ୍ରହର ମିଳନରୁ ସୃଷ୍ଟ ପୃଥିବୀ...**

ସୌର ମଣ୍ଡଳ ସୃଷ୍ଟି ହେବାର ପ୍ରାୟ ୧୦୦ ମିଲିୟନ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଆଜିର ପୃଥିବୀ ଠାରୁ ଭିନ୍ନ ଏବଂ ଉପଗ୍ରହ ରହିତ ଥିଲା। ଚନ୍ଦ୍ରର ସୃଷ୍ଟିର କାରଣ ପୃଥିବୀ ଜନ୍ମର ଏକଶତ ମିଲିୟନ ବର୍ଷ ପରେ ସଂଘଟିତ ଏକ ମହାଜାଗତିକ



ଦୁର୍ଘଟଣା। ଆଜିକୁ ପ୍ରାୟ ୪.୫ ବିଲିୟନ ବର୍ଷ (1 ବିଲିୟନ ବର୍ଷ = $10^9$ ବର୍ଷ) ତଳର ଘଟଣା। ଥାଏ (Theia) ନାମକ ଏକ ଭ୍ରୂଣାବସ୍ଥାରେ ଥିବା ଗ୍ରହ ସଦ୍ୟପ୍ରସୂତ ପୃଥିବୀ (ଯାହାର ବୟସ ପାଖାପାଖି ୧୦୦ ମିଲିୟନ ବର୍ଷ)କୁ ସଜୋରେ ଟକ୍କର ମାରେ। ସଂଘାତ ପରିଣାମ ସ୍ୱରୂପ 'ଥାଏ' ନିଜର ଅସ୍ତିତ୍ୱକୁ ପୃଥିବୀ ଭିତରେ ସମାହିତ କରିଦିଏ ଏବଂ ଏହି ସଂଘାତରୁ ଛିଟିକି ପଡି ଜାତ ହୁଏ ଚନ୍ଦ୍ର।

ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ, ଏହି ଅବତାରିତ ଘଟଣାଟି ବାସ୍ତବିକ ନା ଅନ୍ତରୀକ୍ଷବିତ୍‌ମାନଙ୍କ କପୋଳକଳ୍ପିତ। ପ୍ରମାଣ ପାଇଁ ଆପୋଲୋ ୧୨, ୧୫ ଓ ୧୭ ର ଚନ୍ଦ୍ର ଅଭିଯାନରୁ ସଂଗୃହୀତ ୭ଟି ପ୍ରସ୍ତରଖଣ୍ଡ ଏବଂ ହାୱାଇ ଓ ଆରିଜୋନା ଅଞ୍ଚଳରୁ ସଂଗୃହୀତ ଆଗ୍ନେୟଶୀଳାକୁ ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି। ଏହି ପ୍ରସ୍ତର ଖଣ୍ଡ ଗୁଡ଼ିକରେ ଅମ୍ଳଜାନ ପରମାଣୁ ସମଷ୍ଟିର ୯୯.୯ ପ୍ରତିଶତ ୦-୧୬ ଏବଂ ଅଳ୍ପ ଅଂଶରେ ୦-୧୭/୦-୧୮ ଆଇସୋଟପ୍ ଥିବାର ଦେଖାଯାଏ। ଏହି ଅନୁପାତ ଉଭୟ ପୃଥିବୀ ଓ ଚନ୍ଦ୍ରରେ ସମାନ। ପୃଥିବୀ, ମଙ୍ଗଳ ତଥା ସୌରଜଗତର ଅନ୍ୟ ଗ୍ରହଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଅନୁପାତର ୦-୧୬/୦-୧୭ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ଥାଏ। ବୈଜ୍ଞାନିକ ଏଡ୍‌ୱାର୍ଡ ୟଙ୍ଗ କହନ୍ତି ପୃଥିବୀ ଓ ଚନ୍ଦ୍ରର ପ୍ରସ୍ତର ଖଣ୍ଡରେ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ସମାନ ଓ ଅଭିନ୍ନ। ଏହା ପ୍ରମାଣ କରେ ଯେ 'ଥାଏ' ଓ ପୃଥିବୀର ସଂଘାତ ମୁହାମୁହିଁ ଘଟିଥିଲା। ଫଳରେ 'ଥାଏ' ନିଜକୁ ପୃଥିବୀ ଦେହରେ ସଂପୂର୍ଣ୍ଣ ଭାବେ ଲୀନ କରି ଦେଇଥିଲା। ଏହି ନବନିର୍ମିତ ଦ୍ୱୈତଗ୍ରହରୁ ଛିଟିକି ପଡ଼ିଲା ଉପଗ୍ରହ ଚନ୍ଦ୍ର। ସେଥିପାଇଁ ଚନ୍ଦ୍ର କିମ୍ବା ପୃଥିବୀରେ 'ଥାଏ'ର ରାସାୟନିକ ଛାପ ଦେଖିବାକୁ ମିଳେ ନାହିଁ। 'ଥାଏ'ର ଆକାର ସମ୍ଭବତଃ ପୃଥିବୀ ସହିତ ସମାନ କିମ୍ବା ଛୋଟଥିଲା। ଏହି ମହାଜାଗତିକ ଦୁର୍ଘଟଣା ଘଟି ନ ଥିଲେ 'ଥାଏ' ଏକ ସ୍ୱତନ୍ତ୍ର ଗ୍ରହ ଭାବେ ନିଜକୁ ପ୍ରତିଷ୍ଠିତ କରିଥାନ୍ତା ଏବଂ ପୃଥିବୀ ହୁଏତ ଆଜିର ପୃଥିବୀ ହୋଇ ନ ଥାନ୍ତା।

*-ସି.ଏସ୍.ଆଇ.ଆର- ଆଇ.ଏମ୍.ଏମ୍.ଟି*
*(ପ୍ରାକ୍ତନ ଆଞ୍ଚଳିକ ଗବେଷଣାଗାର)*
*ମୋ : ୯୪୩୭୨୯୦୪୭୦*

# ଅତ୍ୟଧିକ ଡେଙ୍ଗା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଆଶଙ୍କା ଅଧିକ



ଆବଶ୍ୟକତାଠାରୁ ଅଧିକ ଉଚ୍ଚତା ଆପଣଙ୍କ ପାଇଁ ସତର୍କ ଘଣ୍ଟି ସାଜିପାରେ। ଏଭଳି ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନ୍‌ସର ବିଜ୍ଞାନୀମାନେ। ବିଶେଷଭାବରେ ପାନ୍‌କ୍ରାସ, ଷ୍ଟୋମାକ୍ ଏବଂ ମାଉଥ୍ କ୍ୟାନ୍‌ସରର ଉଚ୍ଚତା ବଢ଼ିବା ସହ ସମ୍ପର୍କ ରହିଛି। ଏହି ଗବେଷଣା ସମୟରେ ବିଶେଷଜ୍ଞମାନେ ଆବଶ୍ୟକତାଠାରୁ ଅଧିକ ଉଚ୍ଚତାବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଶରୀରରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିଥିଲା। କେତେକ ବ୍ୟକ୍ତିଙ୍କର ଉଚ୍ଚତା ହଠାତ ବଢ଼ିଥିବାର ଜଣାପଡିଥିଲା। ହଠାତ୍ ଉଚ୍ଚତା ବଢ଼ିଲେ ଶରୀର ଉପରେ ତାହାର ପ୍ରଭାବ ଉପରେ ପଡିଥାଏ। କେତେକ କ୍ଷେତ୍ରରେ ଏହାର ସୁଯୋଗ ନେଇ କ୍ୟାନ୍‌ସର କୋଷ ନିଜର କାୟା ବିସ୍ତାର କରିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ଆରୋଗ୍ୟ ରଖେ ସନ୍ତୁଳିତ ଜୀବନଶୈଳୀ

ସମୟ ସହ ତାଳ ମିଳାଇ ଆଜିକାଲିର ଜୀବନଶୈଳୀ ସତେଯେମିତି ଦ୍ରୁତଗତିରେ ଦୌଡୁଛି। ଏହାଦ୍ୱାରା ଅନେକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୀବନଶୈଳୀ ଯଦି ସନ୍ତୁଳିତ ରହେ, ତେବେ ତାହା ଆମ ପାଇଁ ଅନେକ କ୍ଷେତ୍ରର ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ ଏଭଳି ଏକ ଯୋଜନାବଦ୍ଧ ଜୀବନଶୈଳୀ ଆମକୁ ଅନେକାଂଶରେ ଆରୋଗ୍ୟ ରଖିଥାଏ ବୋଲି ପ୍ରକାଶ କରିଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏକ ସନ୍ତୁଳିତ ଜୀବନଶୈଳୀ କିପରି ଜଣେ ବ୍ୟକ୍ତିକୁ କେତେକାଂଶରେ ନୀରୋଗ ରଖିଥାଏ, ତାହା ସେମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସକାଳୁ ବିଛଣା ଛାଡିବାଠାରୁ ଆରମ୍ଭ କରି ଦିନତମାମ ନିଜ କାମରେ ବ୍ୟସ୍ତ ରହିବା ଏବଂ ରାତିରେ ଠିକ୍ ସମୟରେ ଶୋଇବା ଆଦିକୁ ଏହି ଗବେଷଣା ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ଜୀବନଯାପନ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ।

ଧରିତ୍ରୀ
DHARITRI
Monday, 29 October 2018



## ସଂକ୍ଷେପରେ

### ଡିବିଟି ଲାଗି ଆଧାର ଇକେୱାଇସି ବ୍ୟବହାର କରିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୮-୧୦:** ସବ୍‌ସିଡି ତଥା ଅନ୍ୟ ସରକାରୀ ଯୋଜନା(ଡିବିଟି)ର ହିତାଧିକାରୀଙ୍କ ସମ୍ପର୍କରେ ଯାଞ୍ଚ କରିବା ବେଳେ ବ୍ୟାଙ୍କଗୁଡିକ ଆଧାର ଇକେୱାଇସି ବ୍ୟବହାର କରିପାରିବେ। ତେବେ ଅନ୍ୟ ଗ୍ରାହକଙ୍କ କ୍ଷେତ୍ରରେ ସେମାନେ ଆଧାର କାର୍ଡକୁ ଦେଖି ଯାଞ୍ଚ କରିପାରିବେ। ଭାରତୀୟ ବିଶିଷ୍ଟ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ତେବେ ସରକାରୀ ଯୋଜନାର ଲାଭାର୍ଥୀ ନିଜ ଇଚ୍ଛାମୁତାବକ ଆଧାର କାର୍ଡ ଦେଖାଇପାରିବେ ବୋଲି କୁହାଯାଇଛି। ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ସପ୍ତାହରେ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇ ଏ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରାଯାଇଛି। ଏହାର ଏକ କିତା ନକଲ ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପଠାଯାଇଛି। ଆଧାର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଇନ ପରାମର୍ଶ ନେବା ପରେ ହିଁ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇଛି ବୋଲି ସେ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଘରୋଇ କମ୍ପାନୀଗୁଡିକ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିବା ବେଳେ ଡିବିଟି ପାଇଁ ସବୁଜ ସଙ୍କେତ ଦେଇଥିଲେ।

### ଭାରତ-ଆମେରିକା ରପ୍ତାନି ସବ୍‌ସିଡି ବିବାଦ

### ସମାଧାନ ପାଇଁ ଡବ୍ଲ୍ୟୁଟିଓ ଗଠନ କଲା କମିଟି

**ନୂଆଦିଲ୍ଲୀ,୨୮-୧୦:** ରପ୍ତାନି ବୃଦ୍ଧି ଲାଗି ଭାରତ ଏକାଧିକ ସାମଗ୍ରୀ ଉପରେ ସବ୍‌ସିଡି ପ୍ରଦାନ କରୁଛି ବୋଲି ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଅଭିଯୋଗ କରିଛି। କିନ୍ତୁ ଭାରତ ଏହାକୁ ଅସ୍ୱୀକାର କରୁଛି। ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦର ସମାଧାନ ହେଉ ନ ଥିବାରୁ ଏଥିପାଇଁ ଡବ୍ଲ୍ୟୁଟିଓ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଉଲ୍ଲେଖଥାଉ କି, ଭାରତ କେତେକ ସାମଗ୍ରୀରେ ସବ୍‌ସିଡି ଦେଉଛି ବୋଲି ଉଲ୍ଲେଖ କରି ଆମେରିକା ଡବ୍ଲ୍ୟୁଟିଓରେ ବିବାଦ ସମାଧାନ ମଞ୍ଚରେ ଅଭିଯୋଗ କରିଥିଲା। ଭାରତର ପଦକ୍ଷେପ ଯୋଗୁ ଆମେରିକାର ସ୍ୱାର୍ଥ ବ୍ୟାହତ ହେଉଛି ବୋଲି ଆମେରିକା କହିଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, କମିଟିର କାର୍ଯ୍ୟ, ଶୁଣାଣି ଆଦି ସମ୍ପର୍କରେ ଦୁଇ ଦେଶକୁ ଜଣାଇ ଦିଆଯାଇଛି।

### ବର୍ଷକରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି

**ଲଣ୍ଡନ,୨୮-୧୦:** ସାରା ବିଶ୍ୱରେ ବର୍ଷକ ଭିତରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି। ୨୦୧୬ରେ ସେମାନଙ୍କ ସଂଖ୍ୟା ୧୯୭(୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ) ଥିବା ବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୨୧୪ ହୋଇଛି। ପ୍ରାଇସ ୱାଟର ହାଉସ କୁପର୍ସ ଏବଂ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ କମ୍ପାନୀ ୟୁବିଏସ୍ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରି ଏହା କୁହାଯାଇଛି। ୪ ବର୍ଷ ହେଲା ଏହି ରିପୋର୍ଟ ପ୍ରକାଶ କରାଯାଉଛି। ଏଥିରେ କୁହାଯାଇଛି ଯେ, ପୂର୍ବରୁ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୭% ବଢ଼ିଥିଲା। ବର୍ଷକ ଭିତରେ ଏହି ସଂଖ୍ୟାରେ ସର୍ବାଧିକ ବୃଦ୍ଧି ହୋଇଛି। ତେବେ ଏହି ବୃଦ୍ଧି ତୁଳନାରେ ସାରା ବିଶ୍ୱରେ ମହିଳା ବିଲିୟନେୟାରଙ୍କ ପ୍ରତିନିଧିତ୍ୱ ମାତ୍ର ୧୧% ରହିଛି। ୟୁବିଏସ୍‌ର ଗ୍ଲୋବାଲ ମୁଖ୍ୟ ଯୋଶେଫ ଷ୍ଟାଡଲର୍ କହିଛନ୍ତି ଯେ, ଧନୀଙ୍କ ମାମଲାରେ ମହିଳାଙ୍କ ପ୍ରତିନିଧିତ୍ୱ ଏବେ ବି କମ୍ ରହିଛି। ତେବେ ଯେଉଁଭଳି ଭାବେ ସେମାନଙ୍କ ସଂଖ୍ୟା ବୃଦ୍ଧିପାଉଛି, ତାହା ବେଶ୍ ଉତ୍ସାହଜନକ। ଅର୍ଥ ରୋଜଗାର କରିବାରେ ମହିଳାଙ୍କ ତୁଳନାରେ ପୁରୁଷମାନେ ଆଗରେ ରହିଛନ୍ତି। କିନ୍ତୁ ମହିଳାଙ୍କ ନିବେଶ ବଢ଼ିଚାଲିଛି। ରିପୋର୍ଟରେ କୁହାଯାଇଛି ଯେ, ପୁରୁଷ ମାନେ ନିବେଶ ପୂର୍ବରୁ କମିଟିରେ ଥିବା ମହିଳାଙ୍କଠାରୁ ଅବଶ୍ୟ ପରାମର୍ଶ ନିଅନ୍ତି।

---

“ ଭାରତୀୟ ବଜାରରେ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ପିରାମିଡ୍ ଷ୍ଟ୍ରାଟେଜି ଆଧାରରେ ନୂଆ ସି-କ୍ଲାସ କାବ୍ରିଓଲେଟ୍ ମଡେଲକୁ ଆଣିଛୁ।
– ମାଇକେଲ୍ ଜୋପ୍, ସେଲସ୍ ମାର୍କେଟିଂ ଉପସଭାପତି, ମର୍ସିଡିଜ୍ ବେଞ୍ଜ ଇଣ୍ଡିଆ



“ ଇ-ମୋବିଲିଟି ପଦକ୍ଷେପ ମୁତାବକ ଚଳିତ ବର୍ଷ ଦ୍ୱିତୀୟ ଭାଗରେ କୋନା ଇଲେକଟ୍ରିକ୍ ଏସ୍‌ୟୁଭି ଆଣିବାକୁ ଯୋଜନା ରହିଛି।
– ୱାଇ.କେ. କୋ, ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ



## ଜିଏସ୍‌ଟି ଆଦାୟ ବୃଦ୍ଧି ଲକ୍ଷ୍ୟ

# ବ୍ରିଟେନ, ଅଷ୍ଟ୍ରେଲିଆ ଢାଞ୍ଚା ଆପଣେଇବା ଯୋଜନା

**ନୂଆଦିଲ୍ଲୀ,୨୮-୧୦**

- ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରାଯିବ
- ସିବିଆଇସି ପକ୍ଷରୁ ଟିମ୍ ଗଠନ
- ୪ଶ୍ରେଣୀରେ ବିଭକ୍ତ ହେବେ ଟିକସଦାତା





ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଟିକସ ଆଦାୟ ବଢୁ ନ ଥିବାରୁ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଯେତେ ଯାହା କଲେ ମଧ୍ୟ ଟିକସ ଫାଙ୍କି ପୂର୍ବ ପରି ଜାରି ରହିଛି। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଏବେ ସରକାର ଅନ୍ୟ ବାଟ ଧରିଛନ୍ତି। ବ୍ରିଟେନ ଓ ଅଷ୍ଟ୍ରେଲିଆ ଢାଞ୍ଚାରେ ଟିକସ ଆଦାୟ ବଢ଼ାଇବାକୁ ଏବେ ନୂଆ ଯୋଜନା ପ୍ରସ୍ତୁତ ହେଉଛି। ଟିକସଦାତାଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି କରିବା ସହିତ ସେମାନଙ୍କ ବ୍ୟବହାର ଅନୁଯାୟୀ ଟିକସ ଆଦାୟ ବାଟ ବାହାର କରାଯିବ। ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରି ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଅନୁପ୍ରାଣିତ କରାଯିବ। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଏ ସଂକ୍ରାନ୍ତରେ ଏକ ଟିମ୍ ଗଠନ କରିଛନ୍ତି। ଟିକସଦାତାଙ୍କ ଟିକସ ପ୍ରଦାନର ବ୍ୟବହାର ସମ୍ପର୍କରେ ଏହି ଟିମ୍ ଅଧ୍ୟୟନ କରିବ ଏବଂ ତଦନୁଯାୟୀ ଆୟକର ବିଭାଗକୁ ପଦକ୍ଷେପ ଲାଗି ସୁପାରିସ କରିବ। ଭିନ୍ନ ଭିନ୍ନ ପ୍ରକାରର ଟିକସଦାତାଙ୍କ ସହିତ ସ୍ୱତନ୍ତ୍ର ପନ୍ଥା ଆପଣାଯିବ। ଉଲ୍ଲେଖଥାଉ କି, ବ୍ରିଟେନ, ଅଷ୍ଟ୍ରେଲିଆ, ମେକ୍ସିକୋ ଭଳି ଦେଶ ନୀତି ନିର୍ଦ୍ଧାରଣ ଏବଂ ଟିକସ ଆଦାୟ ବୃଦ୍ଧି ଲାଗି ‘ବ୍ୟବହାର ଆଧାରିତ ଯୋଜନା’ ଗ୍ରହଣ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ବ୍ୟବହାର ପଦ୍ଧତିକୁ ଆଧାର କରି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ୪ଟି ଶ୍ରେଣୀରେ ବଣ୍ଟାଯିବ। ସେଗୁଡିକ ହେଲା- ଟିକସ ଦେବାରୁ ଦୂରେଇ ରହିବା(ଡିସ୍‌ଏନଗେଜ୍‌ଡ), ଆଶଙ୍କାଗ୍ରସ୍ତ ଟିକସଦାତା ଯିଏକି ଚିନ୍ତା ଦୂର ହେବା ପରେ ଟିକସ ଦେଇଥାନ୍ତି(ରେସଷ୍ଟର୍ସ), ଟିକସ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେଉଥିବା (ଟ୍ରାୟର୍ସ) ଏବଂ ସମର୍ଥକ (ସପୋର୍ଟର୍ସ)।

ଯୋଜନା ସମ୍ପର୍କରେ ବିସ୍ତାରିତ ଭାବେ ଉଲ୍ଲେଖ କରି ଉକ୍ତ ଅଧିକାରୀ କହିଛନ୍ତି ଯେ, ଜାଣିଶୁଣି ଟିକସ ଖିଲାପ କରୁ ନ ଥିବା ଏଭଳି ବ୍ୟକ୍ତିବିଶେଷ/ସଂସ୍ଥା ପ୍ରତି ଆୟକର ବିଭାଗ ନରମ ମନୋଭାବ ପୋଷଣ କରିବ। ବ୍ୟକ୍ତିଗତ ଇ-ମେଲ୍ ପଠାଇ ସେମାନଙ୍କୁ ଟିକସ ପ୍ରଦାନ ଲାଗି ପ୍ରବର୍ତ୍ତାଯିବ। ଏହାଛଡା ଆର୍ଥିକ ସଙ୍କଟ ସମୟରେ କିପ୍ରିରେ ସେମାନେ ଯେପରି ଟିକସ ପ୍ରଦାନ କରିପାରିବେ ସେ ନେଇ ଆଇନଗତ ସୁବିଧା ସମ୍ପର୍କରେ ମଧ୍ୟ ସେମାନଙ୍କୁ ସୂଚନା ପ୍ରଦାନ କରାଯିବ। ବିଭିନ୍ନ ଶ୍ରେଣୀର ଟିକସଦାତାଙ୍କ ସହିତ ଆୟକର ବିଭାଗ ଭିନ୍ନ ଭିନ୍ନ ପଦ୍ଧତି ଆପଣାଇବ। ଟିକସଦାତାଙ୍କ ଠାରୁ ରାଜସ୍ୱ ଆଦାୟ ଲାଗି ସେମାନଙ୍କ ସହ କିପରି ବ୍ୟବହାର କରିବାକୁ ପଡିବ ସେ ନେଇ ଟିମ୍ ପକ୍ଷରୁ ଫିଲ୍ଡ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜିଏସ୍‌ଟି ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ ଖୁବ୍‌ଶୀଘ୍ର ଟିମ୍ ସହ ଆଲୋଚନା କରି ଯୋଜନା ସମ୍ପର୍କରେ ସ୍ଥିର କରିବେ। ଟିକସଦାତାଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ସାମାଜିକ ବ୍ୟବସ୍ଥା, ସ୍ୱଚ୍ଛତା ଓ ସମାନତା ଏବଂ ଟିକସ ପ୍ରଦାନ ପାଇଁ ଆଗ୍ରହ ସୃଷ୍ଟି ଉପରେ ଧ୍ୟାନ ଦିଆଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖଥାଉ କି, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ କରାଯାଇଛି। ବିଗତ ବର୍ଷକ ମଧ୍ୟରେ ନୂଆ ଆଇନ ଲାଗୁ ହେବା ପରେ ଏଥିରେ ସ୍ଥିରତା ଆସିଛି। ଏଣୁ ସରକାର ଏବେ ଟିକସ ନିୟମ ପାଳନ ଏବଂ ଫାଙ୍କି ରୋକିବା ଉପରେ ଜୋର୍ ଦେଉଛନ୍ତି।

### ଜିଏସ୍‌ଟି କାଉନସିଲ ବୈଠକ

### ୩୦ଥର ବସି ୯୧୮ଟି ନିଷ୍ପତ୍ତି ନିଆଯାଇଛି

**ନୂଆଦିଲ୍ଲୀ,୨୮-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ୩୦ ଥର ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା ଏବଂ ଏଥିରେ ୯୧୮ଟି ନିଷ୍ପତ୍ତି ନିଆଯାଇଥିଲା। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କାଉନସିଲ୍‌ରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ମନ୍ତ୍ରୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏହା ୨୦୧୬ ସେପ୍ଟେମ୍ବର ୧୫ରେ ଗଠନ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରୁ ଜଣାପଡିଛି ଯେ, ଇତିମଧ୍ୟରେ ୨୯୪ ବିଜ୍ଞପ୍ତି ଜରିଆରେ ୯୬ ପ୍ରତିଶତ ନିଷ୍ପତ୍ତିକୁ ଲାଗୁ କରାଯାଇସାରିଲାଣି। ଅବଶିଷ୍ଟ ନିଷ୍ପତ୍ତି ଲାଗୁ ହେବାକୁ ଯାଉଛି।

## ଗୋଦରେଜ ଇଣ୍ଟେରିଓର ନୂଆ ଫ୍ଲାଗଶିପ୍ ଶୋ’ରୁମ



**ଭୁବନେଶ୍ୱର,୨୮-୧୦**

ପ୍ରମୁଖ ଫର୍ନିଚର ଏବଂ ଇଣ୍ଟେରିୟର ସଲ୍ୟୁସନ ପ୍ରଦାନକାରୀ କମ୍ପାନୀ ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ ନୂଆ ଫ୍ରାଞ୍ଚାଇଜି ଶୋ’ରୁମ ସାନ୍‌ଭି ଫର୍ଣ୍ଣିଚର ଆଣ୍ଡ ଫର୍ଣ୍ଣିସିଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ଖୋଲିଛି। କମ୍ପାନୀର ବିକ୍ରି ବିଭାଗ ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ, ଶୋ’ରୁମର ସ୍ୱତ୍ୱାଧିକାରୀ ଜ୍ୟୋତି ଶଙ୍କର ମହାନ୍ତି, ଡ. ଏଲୋରା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟୋରରେ ଗ୍ରାହକମାନେ ଗୋଦରେଜ୍‌ର ସୋଫା, ବେଡ୍, ହୋମ୍ ଫର୍ଣ୍ଣିସିଂ, ହୋମ୍ ଫର୍ନେସ, ମଡ୍ୟୁଲାର ଷ୍ଟୋରେଜ୍ ସଲ୍ୟୁଶନ, ଡାଇନିଂ ଡେକୋର, ମ୍ୟାଟ୍ରେସ କଲେକ୍ସନ ଭଳି କମ୍ପାନୀର ଅନ୍ୟାନ୍ୟ ପ୍ରଡକ୍ଟ ଲାଭ କରିବାକୁ ସକ୍ଷମ ହେବେ। ଏହା ୫୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଏଠାରେ ସହଜ ଫାଇନାନ୍ସ ଦ୍ୱାରା ପ୍ରଡକ୍ଟ କ୍ରୟ କରିବାକୁ ସକ୍ଷମ ହେବେ। ଏହି ନୂଆ ଷ୍ଟୋର ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ବୋଲି ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ କହିଛନ୍ତି। ଏହି ଅବସରରେ କମ୍ପାନୀର ଆସିଷ୍ଟାଣ୍ଟ ସେଲସ୍ ମ୍ୟାନେଜର ବିବେକାନନ୍ଦ ନାୟକ ଉପସ୍ଥିତ ଥିଲେ।

# ବାଣ, ଦହନଶୀଳ ସାମଗ୍ରୀ ପରିବହନ ବିରୋଧରେ ରେଲୱେର ଅଭିଯାନ

**ଭୁବନେଶ୍ୱର,୨୮-୧୦**

- ଦହନଶୀଳ ସାମଗ୍ରୀ ପରିବହନ ନିଷେଧ
- ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ
- ୧୮୨ ଟୋଲ ଫ୍ରି ନମ୍ବରକୁ ସୂଚନା ଦେଇ ପାରିବେ ଯାତ୍ରୀ
- ପଦସ୍ଥ ଅଧିକାରୀ ତୁରନ୍ତ ସୂଚନା ଦେବାକୁ ପରାମର୍ଶ





ଦୀପାବଳିକୁ ନଜରରେ ରଖି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନରେ ବାଣ ତଥା ବହନଶୀଳ ସାମଗ୍ରୀଗୁଡିକର ପରିବହନ ରୋକିବା ନେଇ ରେଲୱେ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଟ୍ରେନ ଯାତ୍ରା ସମୟରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଥିବା ରେଲୱେ ସୂଚନା ଦେଇଛି। ପୂର୍ବତଟ ରେଳପଥ ଏହାର ସମସ୍ତ ମଣ୍ଡଳ ଯଥା- ଖୋର୍ଦ୍ଧାରୋଡ୍, ସମ୍ବଲପୁର ଏବଂ ୱାଲଟିୟାରରେ ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଦହନଶୀଳ ସାମଗ୍ରୀ ପରିବହନ ଉପରେ ନଜର ରଖିବାକୁ ରେଲୱେ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ ଭଳି ଦହନଶୀଳ ସାମଗ୍ରୀ ଏବଂ ବିସ୍ଫୋରକ ପରିବହନ ୧୯୮୯ ଆଇନ ଆଧାରରେ ଦଣ୍ଡନୀୟ ଅପରାଧ। ଏଥିଲାଗି ଅପରାଧୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ଏ ନେଇ ଯତ୍ନବାନ ହେବାକୁ ଯାତ୍ରୀଙ୍କୁ ରେଲୱେ ପକ୍ଷରୁ ସୂଚନା ରହିଛି। ଦହନଶୀଳ ସାମଗ୍ରୀ ନେଇ ଯଦି କୌଣସି ବ୍ୟକ୍ତି ବିଶେଷ ଯାତ୍ରା କରୁଥାନ୍ତି ଏ ନେଇ ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଟ୍ରେନର ଗାର୍ଡ, ଷ୍ଟେଶନ ମ୍ୟାନେଜର, ଆରପିଏଫ୍ ଏବଂ ଜିଆର୍‌ପିଙ୍କୁ ଜଣାଇବାକୁ ଯାତ୍ରୀଙ୍କୁ କୁହାଯାଇଛି। ଟ୍ରେନରେ ବାଣ ପରିବହନ ହେଉଥିଲେ ୧୮୨ ଟୋଲ ଫ୍ରି ନମ୍ବରକୁ ଯାତ୍ରୀମାନେ ସୂଚନା ଦେଇପାରିବେ ବୋଲି ରେଲୱେ ପ୍ରକାଶ କରିଛି।

## ସାମସଙ୍ଗ ପକ୍ଷରୁ ଗାଲାକ୍ସି ଟ୍ୟାବ୍ ଏସ୍ ୪



**ଭୁବନେଶ୍ୱର,୨୮-୧୦**

ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଟ୍ୟାବ୍ ଏସ୍ ୪। ଏହା ଏକ ୨ ଇନ୍ ୱାନ୍ ଟ୍ୟାବଲେଟ୍ ହୋଇଥିବା ବେଳେ ଏଥିରେ ସାମସଙ୍ଗ ଡେକ୍ସ ଓ ଏସ୍ ପେନ୍ ରହିଛି। ସ୍ମାର୍ଟ ତଥା ଦ୍ରୁତ ଭାବେ କାର୍ଯ୍ୟ କରିବାରେ ଏହା ସହାୟତା ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଡିଜାଇନ୍, ଡିସ୍ପଲେ, ୪ ସ୍ପିକର, ଉନ୍ନତ ମାନର ମନୋରଞ୍ଜନ ସୁବିଧା ଗ୍ରାହକ ପାଇପାରିବେ। ଏହି ପ୍ରିମିୟମ ଟାବ୍‌ଲେଟ୍ ଗ୍ରାହକଙ୍କ ଜୀବନ ଶୈଳୀକୁ ଏହା ସହଜ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ସାମସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ମହାପ୍ରବନ୍ଧକ ଆଦିତ୍ୟ ବବର ସୂଚନା ଦେଇଛନ୍ତି।

## ବିମୁଦ୍ରୀକରଣର ପ୍ରଭାବ

# ସଂସଦୀୟ କମିଟିରେ ହାଜର ହେବେ ଉର୍ଜିତ

**ନୂଆଦିଲ୍ଲୀ,୨୮-୧୦**





ବିମୁଦ୍ରୀକରଣ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଆର୍ଥିକ ବ୍ୟାପାର ସଂସଦୀୟ କମିଟି ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ସେ ହାଜର ହୋଇ କମିଟିକୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବେ। ଏହି ମାମଲାରେ ଉର୍ଜିତ ତୃତୀୟଥର ପାଇଁ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ଯାଉଛନ୍ତି। ଗତ ଦୁଇ ବର୍ଷ ହେବ କଂଗ୍ରେସର ବରିଷ୍ଠ ସାଂସଦ ବିରାପ୍ପା ମୋଇଲିଙ୍କ ନେତୃତ୍ୱରେ ସଂସଦୀୟ କମିଟି ବିମୁଦ୍ରୀକରଣ ସମ୍ପର୍କରେ ଯାଞ୍ଚ କରୁଛନ୍ତି। ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ସଦସ୍ୟ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ନଭେମ୍ବର ୮ତାରିଖ ରାତିରେ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ରଦ୍ଦ କରିଦେଇଥିଲେ। ଏହା ରଦ୍ଦ ହେବା ପରେ ଦେଶବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହାଛଡା ଉକ୍ତ ବୈଠକରେ ପଟେଲ ଅନିୟନ୍ତ୍ରିତ ଜମା ଯୋଜନା ବିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କର ମତାମତ ମଧ୍ୟ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ଏ ସମ୍ପର୍କରେ ଉଲ୍ଲେଖ କରି ମୋଇଲି କହିଛନ୍ତି ଯେ, ବିମୁଦ୍ରୀକରଣର ପ୍ରଭାବ ସମ୍ପର୍କରେ କମିଟି ଅଧିକ ତଥ୍ୟ ଆବଶ୍ୟକ କରୁଛନ୍ତି। ଏହି କାରଣରୁ ଉର୍ଜିତ ପଟେଲଙ୍କୁ ଡକାଯାଇଛି। ଉଲ୍ଲେଖଥାଉ କି, ବିମୁଦ୍ରୀକରଣ ଉପରେ କମିଟି ଗତ ଅଗଷ୍ଟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିଥାନ୍ତେ। କିନ୍ତୁ ନିଶିକାନ୍ତ ଦୁବେଙ୍କ ନେତୃତ୍ୱରେ ଭାଜପା ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ।

# କେନ୍ଦ୍ରର ବଜେଟ୍ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୨୮-୧୦**

### ମନ୍ତ୍ରଣାଳୟଗୁଡ଼ିକରୁ ପ୍ରସ୍ତାବ ମଗାଗଲା

କେନ୍ଦ୍ର ସରକାର ସାଧାରଣ ବଜେଟ୍ ଲାଗି ଏବେଠାରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରସ୍ତାବ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମନ୍ତ୍ରଣାଳୟ ଓ ସମ୍ପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଶେଷ ବଜେଟ୍ ହେବ। ଚଳିତ ମାସ ଆରମ୍ଭରୁ ଅର୍ଥ ମନ୍ତ୍ରଣାଳୟ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରକ୍ରିୟା ଆରମ୍ଭରେ ଇସ୍ପାତ, ଶକ୍ତି, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ଲାଗି ସଂଶୋଧିତ ବ୍ୟୟକୁ ମଞ୍ଜୁରୀ ପ୍ରଦାନ କରାଯିବ ଏବଂ ଆସନ୍ତା ବର୍ଷ ଲାଗି ବ୍ୟୟ ଲକ୍ଷ୍ୟ ଧାର୍ଯ୍ୟ କରାଯିବ। ଏହି ବୈଠକ ନଭେମ୍ବର ୧୬ ତାରିଖ ଯାଏ ଚାଲିବ। ବଜେଟ୍‌ରେ ସାମିଲ କରାଯିବା ସମ୍ଭବ ଏଭଳି ପ୍ରସ୍ତାବ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡିକର ସଚିବମାନଙ୍କ ପାଖକୁ ପତ୍ର ଲେଖାଯାଇଛି। ଲୋକ ସଭା ନିର୍ବାଚନ ଦୃଷ୍ଟିରୁ କେନ୍ଦ୍ର ସରକାର କାମ ଚଳା ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ଫେବୃୟାରୀ ପହିଲାରେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଫେବୃୟାରୀ ଶେଷ ଦିନରେ ବଜେଟ୍ ଉପସ୍ଥାପନ କରାଯାଉଥିଲା। ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ କରାଯାଇଛି।

## ଆଇବିସି ଯୋଗୁ ସରକାର ଉତ୍ସାହିତ

# ଚଳିତବର୍ଷ ୧.୮ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅର୍ଥ ଫେରିବ

**ନୂଆଦିଲ୍ଲୀ,୨୮-୧୦**

ଦେଶରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଲାଗୁ ହେବା ପରେ ଅନାଦାୟ ଋଣ ଫେରସ୍ତ ମିଳିବା ସହଜ ହୋଇଛି। ବ୍ୟାଙ୍କ ଗୁଡିକ ବୁଡି ଯାଇଥିବା ଋଣ ଫେରିପାଇଲେଣି। ଚଳିତ ଆର୍ଥିକ ବର୍ଷରେ ବୁଡ଼ି ଯାଇଥିବା ମୋଟ୍ ଋଣରୁ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ଫେରସ୍ତ ମିଳିବ ବୋଲି କେନ୍ଦ୍ର ସରକାର ମନେକରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଆଇବିସି ଅଧୀନରେ ବଡ଼ ଆକାଉଣ୍ଟଗୁଡିକର ଋଣ ସମାଧାନ ହୋଇଛି ଅଥବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସାର ଷ୍ଟିଲ୍ ଏବଂ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଭଳି କେତେକ ମାମଲାର ସମାଧାନ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଆଇବିସି ଓ ଅନ୍ୟ ପନ୍ଥା ମାଧ୍ୟମରେ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ବୁଡି ଯାଇଥିବା ଋଣ ଆଦାୟ ହେବ ବୋଲି ଆଶାକରାଯାଉଛି। ଉଲ୍ଲେଖଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବଡ଼ ଅନାଦାୟ ମାମଲାର ସମାଧାନ ଲାଗି ନ୍ୟାଶନାଲ କମ୍ପାନୀ ଲ’ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ନିକଟରେ ପଠାଇଛନ୍ତି। ଏହି ମାମଲାଗୁଡିକର ସମାଧାନ ହୋଇଗଲେ ବ୍ୟାଙ୍କଗୁଡିକ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବେ। ଆଇବିସିର ସଫଳରେ ଉତ୍ସାହିତ ହୋଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଏବେ ଖେଳ ବଦଳିଗଲାଣି ବୋଲି ଭାରତର ବଡ଼ ବଡ଼ ଋଣଗ୍ରହୀତା ବୁଝିସାରିଲେଣି।





# ହୋଣ୍ଡା ଗ୍ରାଜିଆ ବିକ୍ରି ୨ ଲକ୍ଷ ସ୍ତର ଟପିଲା

**ଭୁବନେଶ୍ୱର,୨୮-୧୦**

ହୋଣ୍ଡାର ଅତ୍ୟାଧୁନିକ ସହରୀ ସ୍କୁଟର ଗ୍ରାଜିଆର ବିକ୍ରି ୨ ଲକ୍ଷ ସ୍ତର ଅତିକ୍ରମ କରିଛି। ଉନ୍ମୋଚନ ହେବାର ୧୧ ମାସ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହି ମଡେଲ ଯୁବସୁଲଭ ଅଭିନଭତା ସହ ଆଧୁନିକ ଷ୍ଟାଇଲର ଏକ ଶକ୍ତିଶାଳୀ ପ୍ରଦର୍ଶନ କରୁଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ଏହି ମଡେଲରେ ଗ୍ରାହକମାନେ ଅଲ୍ ଡିଜିଟାଲ ଇନଷ୍ଟ୍ରୁମେଣ୍ଟେଶନ, ୩ ଷ୍ଟେପ୍ ଇକୋ ସ୍ପିଡ୍ ଇଣ୍ଡିକେଟର, ସ୍ୱଚ୍ଛ ଏଲ୍‌ଇଡି ଲ୍ୟାମ୍ପ, ସଦ୍ୟତମ ପ୍ରଯୁକ୍ତି ଲାଭ କରିବାକୁ ସକ୍ଷମ ହେବେ। ୨୦୧୭ ନଭେମ୍ବରରେ ଏହି ମଡେଲ ବଜାରକୁ ଆସିଥିଲା। ଉନ୍ମୋଚିତ ହେବାର ମାତ୍ର ୩ ମାସ ମଧ୍ୟରେ ଏହା ୫୦ ହଜାର ୟୁନିଟରୁ ଅଧିକ ବିକ୍ରି ହୋଇଥିଲା। ଚଳିତ ବର୍ଷ ଏପ୍ରିଲରେ ଏହାର ବିକ୍ରି ୧ ଲକ୍ଷ ଟପିଥିଲା। ପରବର୍ତ୍ତୀ ୫ ମାସ ପରେ ଆଉ ୧ ଲକ୍ଷ ଗ୍ରାହକ ଯୋଡି ହୋଇଥିବା କମ୍ପାନୀ ପ୍ରକାଶ କରିଛି।



“ ଭାରତ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଜିତି ଆମେ ସମାଲୋଚକଙ୍କ ମୁହଁ ବନ୍ଦ କରି ପାରିଛୁ।
–ଆଶଲେ ନର୍ସ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଲରାଉଣ୍ଡର



“ ନୂଆ ଡେଭିସ୍ କପ୍‌ରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ଲାଗି ମୋତେ ମାତ୍ର ତିନିଦିନ ସମୟ ଦିଆଯାଇଥିଲା, ଯାହାକି ଯଥେଷ୍ଟ ନ ଥିଲା।
–ରୋଜର ଫେଡେରର, ବିଶିଷ୍ଟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ରାଜିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.):** କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ହକି ଇଣ୍ଡିଆର ପୂର୍ବତନ ସଭାପତି ରାଜିନ୍ଦର ସିଂଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏକ ଶୁଣାଣି ବେଳେ ଆବଶ୍ୟକ ତଥ୍ୟ ଯୋଗାଇଦେବାରେ ସହଯୋଗ ନ କରିବା ଦ୍ୱାରା ରାଜିନ୍ଦର ସାମ୍ବିଧାନିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଛନ୍ତି। ଏଥିଲାଗି ତାଙ୍କୁ କାହିଁକି କଠୋର ଦଣ୍ଡବିଧାନ କରା ନ ଯିବ ତାହାର ଜବାବ ରଖିବା ଲାଗି କୁହାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନୁସାରେ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ ହକି ଇଣ୍ଡିଆ ଲିଗ୍ ସ୍ୱନସରଶିପ୍ ପାଇଁ କମିଶନ ଏବଂ ଅନ୍ୟାନ୍ୟ କେତେକ ବାବଦରେ ଦିଆଯାଇଥିବା ରାଶିର ପରିମାଣ ଜାଣିବାକୁ ଚାହିଁଥିଲେ। ସୂଚନା କମିଶନର ଶ୍ରୀଧର ଆଚାର୍ୟୁଲୁ ଏସବୁର ତଥ୍ୟ ହକି ଇଣ୍ଡିଆଠାରୁ ମଗାଇଥିଲେ। ଆଜାଦ କିନ୍ତୁ କମିଶନଙ୍କ ନିକଟରେ ଆବେଦନ କରି କହିଥିଲେ ହକି ଇଣ୍ଡିଆଠାରୁ ମିଳିଥିବା ତଥ୍ୟରେ ସେ ସନ୍ତୁଷ୍ଟ ନୁହନ୍ତି। ଶୁଣାଣି ବେଳେ ହକି ଇଣ୍ଡିଆ ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି ଆକ୍ରୋଶ ମନୋଭାବ ଯୋଗୁ ଭାଜପା ଏମ୍‌ପି ଜଣକ ହକି ଇଣ୍ଡିଆଠାରୁ ବିଭିନ୍ନ ବିଷୟ ଜାଣିବାକୁ ଚାହିଁଛନ୍ତି।

### ହାଫ୍ ମାରାଥନ୍‌ରେ ବିଶ୍ୱ ରେକର୍ଡ

**ପ୍ୟାରିସ, ୨୮।୧୦ (ଏଏଫ୍‌ପି):** କେନିଆର ଡିଷ୍ଟାନ୍ସ ରନର ଆବ୍ରାହମ କିପ୍‌ଟମ୍ ଭାଲେନ୍‌ସିଆ ରେସ୍ ଜିତିଛନ୍ତି। ସେ ୫୮ ମିନିଟ୍ ଓ ୧୮ ସେକେଣ୍ଡ ଟାଇମିଂ ସହ ହାଫ୍ ମାରାଥନରେ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଇଥିଓପିଆର ଜର୍ସନେ ଟାଡିସେଙ୍କ ନାମରେ ରହିଥିଲା। ୮ ବର୍ଷ ପୂର୍ବେ ୨୦୧୦ ମାର୍ଚ୍ଚରେ ୫୮ ମିନିଟ ୨୩ ସେକେଣ୍ଡ ଟାଇମିଂରେ ଲିସ୍‌ବନ ହାଫ୍ ମାରାଥନ ଜିତି ସେ ରେକର୍ଡର ଅଧିକାରୀ ହୋଇଥିଲେ। ଗତମାସରେ କୋପେନହେଗେନ ହାଫ୍ ମାରାଥନରେ ୨୯ ବର୍ଷୀୟ କିପ୍‌ଟମ୍ ଦ୍ୱିତୀୟ ହୋଇଥିଲେ। ୨୦୧୭ ଅକ୍ଟୋବରରେ ଆମଷ୍ଟରଡାମଠାରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨ଘଣ୍ଟା ୫ ମିନିଟ୍ ଓ ୨୬ ସେକେଣ୍ଡରେ ରେସ୍ ଶେଷ କରିଥିଲେ।

### ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ୍
### ମୟୂରୀ, ଅସିଫ ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି):** ଶହୀଦ ନଗର ଇନ୍‌ଡୋର ହଲ୍‌ରେ ୧୩ତମ ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ ଟେନିସ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ(କେଡିଟିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ମୟୂରୀ ଚାଟାର୍ଜୀ ଓ ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ମୟୂରୀ ୪-୨ରେ ସମର୍ଥା ପୃଷ୍ଟିଙ୍କୁ ଏବଂ ଅସିଫ୍ ୪-୨ରେ ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି। ବାଳକ ବିଭାଗରେ ସାହିଲ ଶୁଭମ୍ ଭୂୟାଁ, ୪୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନରେ ସୁଜିତ ରାୟ, ୫୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନରେ ଦେବାଶିଷ ଗୋପେ, ୬୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନରେ ରବୀନ୍ଦ୍ର କୁମାର ସାହୁ, ଭେଟେରାନ ଡବଲ୍ସରେ ପି.କେ. ସାମନ୍ତରାୟ-ସ୍ମୃତିରଞ୍ଜନ ଦାସ ଏବଂ କର୍ପୋରେଟ୍ କପ୍ ପୁରୁଷ ସିଙ୍ଗଲ୍ସରେ ଅନିର୍ବାଣ ରାୟ ଚାମ୍ପିୟନ ହୋଇଛନ୍ତି। ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, କେଡିଟିଟିଏ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶଶାଙ୍କ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ବିଜନ କୁମାର ମହାପାତ୍ର, ରମାକାନ୍ତ ସାହୁ, ଅଶୋକ କୁମାର ପନ୍, ନିରଞ୍ଜନ ସେଠୀ, ନରେନ୍ଦ୍ର କୁମାର ପାଲ, ମୁଖ୍ୟ ରେଫରି ତପନ ଖାଁ, ରେଫରି ସୁଜିତ ରାୟ, କେ.ଏସ.ଏନ.ମୂର୍ତ୍ତି, କେ.ଚିନ୍ନା ରାଓ ଏବଂ କେ.ଭି.ପି. ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ୫୮/୦

**କଟକ ଅଫିସ,୨୮।୧୦:** ସନ୍‌ସାଇନ୍ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଖରାପ ପାଗ ଯୋଗୁ ବାଧାପ୍ରାପ୍ତ ହୋଇଛି । ଶନିବାର ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୨୯୭ରନ୍ କରିଥିବା ବେଳେ ରବିବାର ଆଉ ୧୮ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ସିଂ ଅନ୍ତିମ ଉଇକେଟଟି ଦଖଲ କରିଥିଲେ । ଜବାବରେ ଓଡ଼ିଶା ୨୮ଟି ଓଭର ଖେଳି ବିନା ଉଇକେଟରେ ୫୮ରନ୍ କରିଛି । ସଙ୍କେତ ବେହେରା ୨୩ରନ୍, ବିଶ୍ୱଜିତ ପାତ୍ର ୨୦ରନ୍‌ରେ ଅପରାଜିତ ଅଛନ୍ତି ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ ଚାଇନା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ ।

### ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ

# ଚାଇନାକୁ ଟାଇଟଲ

ଭୁବନେଶ୍ୱର, ୨୮।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ହଂକଂକୁ ୨୫-୮ ପଏଣ୍ଟରେ ହରାଇ ଚାଇନା ଚାମ୍ପିୟନ ହୋଇଛି। ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୫-୨୫ ପଏଣ୍ଟରେ ଥାଇଲାଣ୍ଡଠାରୁ ହାରି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ

**ଭାରତ ଚତୁର୍ଥ**

ସଂସ୍କରଣରେ ମଧ୍ୟ ଭାରତ ୪ର୍ଥ ସ୍ଥାନରେ ରହିଥିଲା। ପ୍ଲେଟ୍ ଫାଇନାଲରେ କାତାର ୧୫-୧୦ ପଏଣ୍ଟରେ ଫିଲିପାଇନ୍ସକୁ ପରାସ୍ତ କରିଛି। ସେହିପରି ପ୍ଲେ-ଅଫ୍‌ରେ ୟୁଏଇ ୨୨-୦ରେ ଶ୍ରୀଲଙ୍କାକୁ ହରାଇ ୭ମ ସ୍ଥାନ ଅଧିକାର କରିଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଭାରତ ୭-୫୦ ପଏଣ୍ଟରେ ହଂକଂଠାରୁ ହାରିଥିବାବେଳେ ଚାଇନା ୪୭-୦ରେ ଥାଇଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ମଧୁସୂଦନ ପାଢ଼ୀ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଗେଟ୍‌ବଲ୍ ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦
(କ୍ରୀଡ଼ା ପ୍ରତିନିଧି)

ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଗେଟ୍‌ବଲ ଟିମ୍‌କୁ ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ତାଇୱାନ୍ ପଠାଯାଇଥିଲା। ଏହି ଦଳରେ ୫ ଖେଳାଳି ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଦ୍ୱିପାୟନ ପଟ୍ଟନାୟକ, ନିରଞ୍ଜନ ମଙ୍ଗରାଜ ଓ ମ୍ୟାନେଜର ସଞ୍ଜୀବ କୁମାର ପରିଡ଼ା ସାମିଲ ଥିଲେ। ଭାରତୀୟ ଦଳ ପୂର୍ବରୁ ୨୦୧୦ ବାଲି ଓ ୨୦୧୨ ଥାଇଲାଣ୍ଡରେ ଚାମ୍ପିୟନଶିପ୍ ଜିତିଥିଲା। ତେଣୁ ୬ ବର୍ଷ ବ୍ୟବଧାନରେ ଦଳ ପୁଣି ଟାଇଟଲ ହାସଲରେ ସକ୍ଷମ ହୋଇଛି। ଦଳର ସଦସ୍ୟମାନେ ୩୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ଚଳିତ ବର୍ଷର ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟ ଡିସେମ୍ବର ୨୨ ଓ ୨୩ ତାରିଖରେ ଭୁବନେଶ୍ୱରରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଚାଇନା, ଅଷ୍ଟ୍ରେଲିଆ, ୟୁରୋପ, ତାଇୱାନ୍, ମାକାଉ, ଜାପାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ପ୍ରଥମ ଥର କରୱା ଚୌଥ ପାଳିଲେ ବୀରୁଷ୍କା

ନୂଆଦିଲ୍ଲୀ,୨୮।୧୦

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବୀରୁଷ୍କା) ପ୍ରଥମ ଥର ଶନିବାର କରୱା ଚୌଥ ପାଳନ କରିଛନ୍ତି। ଗତବର୍ଷ ବିବାହ କରିଥିବା କୋହଲି ଓ ଅନୁଷ୍କା ଏକାସଙ୍ଗେ ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ଜହ୍ନ ଦେଖିବା ସହ ଉପବାସ ଭଙ୍ଗ କରିଛନ୍ତି। ଏହାର ଫଟୋ କୋହଲି ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ କ୍ୟାପ୍‌ଶନରେ ଲେଖିଛନ୍ତି, ମୋ ଜୀବନ, ମୋ ଦୁନିଆ ଅନୁଷ୍କା। ସେହିଭଳି ଅନୁଷ୍କା, କୋହଲିଙ୍କ ସହ ଉଠାଇଥିବା ଫଟୋ ଶେୟାର କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ କରୱା ଚୌଥ ପାଳନ କରାଯାଏ। ଏହି ଅବସରରେ ମହିଳାମାନେ ତାଙ୍କ ସ୍ୱାମୀଙ୍କ ମଙ୍ଗଳ ପାଇଁ ଉପବାସ କରନ୍ତି। ଏବେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ଏହି ଉପବାସ କରୁଛନ୍ତି। ଏପରି କି ବଲିଉଡ ଅଭିନେତା ଅଭିଷେକ ବଚ୍ଚନ, ଆୟୁଷ୍ମାନ ଖୁରାନା ଓ ପ୍ରିନ୍ସ ନାରୁଲାଙ୍କ ଭଳି ସେଲିବ୍ରିଟିମାନେ ଟୁଇଟର ଜରିଆରେ ଉପବାସ କରିଥିବା ସୂଚନା ଦେଇଛନ୍ତି।

### ଅଲ ଓଡ଼ିଶା ଓପନ ସ୍ନୁକର

# ଆକାଶ ଚାମ୍ପିୟନ

କଟକ ଅଫିସ,୨୮।୧୦

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ଚାଲିଥିବା ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୧୧ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲାରେ ଆକାଶ ମହାପାତ୍ର ୬-୧ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରି ଚଳିତ ସଂସ୍କରଣର ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି । ପ୍ରଥମ ଫ୍ରେମ ଖେଳକୁ ଆକାଶ ୫୮-୪୬, ଦ୍ୱିତୀୟ ଫ୍ରେମକୁ ୬୬-୫, ତୃତୀୟ ଫ୍ରେମକୁ ୬୨-୧, ଚତୁର୍ଥ ଫ୍ରେମକୁ ୭୨-୧୩ରେ ଜିତିଥିଲେ। ୫ମ ଫ୍ରେମରେ ସୁବ୍ରତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଏହି ଫ୍ରେମକୁ ୬୪-୫୪ରେ ବିଜୟୀ ହୋଇ ସ୍ଥିତିକୁ ୪-୧ରେ ପହଞ୍ଚାଇଥିଲେ। ମାତ୍ର ପରବର୍ତ୍ତୀ ୨ଟି ଫ୍ରେମ ପୁନର୍ବାର ଆକାଶ ଜିତି ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ଆଣିଥିଲେ । ୬ଷ୍ଠ ଫ୍ରେମ ୬୫-୩୬ ଓ ୭ମ ଫ୍ରେମ ୭୦-୪୧ରେ ଆକାଶ ବିଜୟୀ ହୋଇଛନ୍ତି। ସରୋଜ ଦାସ ଫାଇନାଲ ମ୍ୟାଚ୍ ରେଫରି ରହିଥିବା ବେଳେ ଅନୁଜ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ମ୍ୟାନେଜର ଜ୍ଞାନରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଅଲ ଓଡ଼ିଶା ଓପନ ସ୍ନୁକର ଚାମ୍ପିୟନ ଆକାଶ ମହାପାତ୍ର (ବାମ)ଓ ରନର୍ସଅପ୍ ସୁବ୍ରତ ଦାସ (ଡାହାଣ)।

## ଓଡ଼ିଶା ବାଳିକା ଦଳ ରନର୍ସଅପ

କଟକ ଅଫିସ,୨୮।୧୦

ଆସାମର ଗୁଆହାଟୀରେ ଚାଲିଥିବା ୨୨ତମ ଜାତୀୟ ଜୁନିୟର ସିପକ୍‌ଟାକ୍ର ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ରନର୍ସଅପ ହୋଇଛି । ଫାଇନାଲରେ ଦଳ ୧-୨ ସେଟ୍‌ରେ ନାଗାଲାଣ୍ଡଠାରୁ ପରାସ୍ତ ହୋଇଥିଲା । ସେମିରେ ଦଳ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା ।



ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ୍‌ରେ ଚାମ୍ପିୟନ ଭାରତୀୟ ଦଳ ।

# ସନ୍ତୁଳନ ରକ୍ଷା ଲକ୍ଷ୍ୟରେ ଭାରତ

ମୁମ୍ବାଇ, ୨୮।୧୦(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ବିଜୟ ହାସଲ ପରେ ଘରୋଇ ଭାରତ ଦ୍ୱିତୀୟ ଓ ତୃତୀୟ ଦିନିକିଆରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଦ୍ୱିତୀୟ ମ୍ୟାଚକୁ ଟାଇ ରଖି ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଭାରତ ତୃତୀୟ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ସୋମବାର ସ୍ଥାନୀୟ କ୍ରିକେଟ କ୍ଲବ ଅଫ ଇଣ୍ଡିଆ (ସିସିଆଇ)ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଚତୁର୍ଥ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜ ୧-୧ ସମାନସ୍ତରରେ ରହିଥିବା ବେଳେ ସିରିଜ ବିଜୟ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ ଜିତିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଫଳରେ ଦୁଇ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଫଳ ହେବା ପରେ ଭାରତ ନିଜର ଦୁର୍ବଳତା ସମ୍ପର୍କରେ ଓ ଦଳରେ ସନ୍ତୁଳନ ନ ଥିବା ହୃଦୟଙ୍ଗମ କରିଛି। ଏବେ ଦଳରେ ସନ୍ତୁଳନ ରକ୍ଷା ଉପରେ ଭାରତ ଧ୍ୟାନ ଦେବ। ତେବେ ଦଳରେ କେତୋଟି ପରିବର୍ତ୍ତନ କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପଛଘୁଞ୍ଚା ଦେବନାହିଁ। ପୁଣେରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଇଥିଲା। ତେବେ ଏହା କାମ ଦେଲା ନାହିଁ। ଯାହା ଫଳରେ ଭ୍ରମଣକାରୀ ଦଳ ୪୩ ରନରେ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ ମଧ୍ୟ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଆଘାତ ସମସ୍ୟାରୁ ମୁକ୍ତ ହୋଇଥିବା ଅଲରାଉଣ୍ଡର କେଦାର ଯାଦବ ଦଳକୁ ଫେରିବା ନିଶ୍ଚିତ ମନେହେଉଛି। ଦଳରେ ସନ୍ତୁଳନ ନ ଥିଲେ ହାରିବା ନିଶ୍ଚିତ। ତେଣୁ ଚତୁର୍ଥ ମ୍ୟାଚ୍‌ରେ ଆମେ ସନ୍ତୁଳନ ରକ୍ଷା ଉପରେ କାର୍ଯ୍ୟକରି ପଡିଆକୁ ଓହ୍ଲାଇବୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଭାରତର ମିଡଲ ଅର୍ଡର ସମସ୍ୟାରେ ଏପର୍ଯ୍ୟନ୍ତ ସୁଧାର ଆସିନାହିଁ। ପୁଣି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଭଲ ଉଇକେଟ କିପିଙ୍ଗ କରୁଥିଲେ ମଧ୍ୟ ବ୍ୟାଟିଂରେ କ୍ରମାଗତ ବିଫଳ ପ୍ରଦର୍ଶନ କରୁଛନ୍ତି। ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାପୂର୍ବରୁ ଭାରତ ହାତରେ ଆଉ ମାତ୍ର ୧୫ଟି ଦିନିକିଆ ବାକି ରହିଛି। ଏପରିସ୍ଥଳେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ଟି୨୦ ଦଳରୁ ବାଦ ପଡିବା ପରେ ଧୋନୀ ଦିନିକିଆରେ ଅଧିକ ରନ୍ ସଂଗ୍ରହ କରିବାକୁ ଚାହିଁବେ। ବିଶ୍ୱକପ୍ ପୂର୍ବରୁ ତାଙ୍କ ପାଖରେ ଆଉ ମାତ୍ର ସୀମିତ ସୁଯୋଗ ରହିଛି।

**ଆଜି ଚତୁର୍ଥ ଦିନିକିଆ**
- ସ୍ଥାନ: ସିସିଆଇ, ମୁମ୍ବାଇ
- ସମୟ: ଅପରାହ୍ନ ୧.୩୦
- ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

# ରାଜ୍ୟ ବଧିର ଚେସ୍: ପ୍ରତିମା, ସୁଶାନ୍ତ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

ପଳାସପଲ୍ଲୀସ୍ଥିତ ଓ.ଏ.ଡି. ପରିସରରେ ୨୧ତମ ରାଜ୍ୟ ସିନିୟର ମହିଳା, ପୁରୁଷ, ଜୁନିୟର ବାଳିକା, ବାଳକ ବଧିର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ଚେସ୍ ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୦ ଜିଲାରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଖେଳରେ ପୂରା ୫ ପଏଣ୍ଟ ଲେଖାଏ ପାଇ ମହିଳାରେ କଟକର ପ୍ରତିମା ଦଳାଇ ଏବଂ ପୁରୁଷରେ ଖୋର୍ଦ୍ଧାର ସୁଶାନ୍ତ କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ଖୋର୍ଦ୍ଧାର ବିପିନ ବିହାରୀ ସାହୁ ୪ ଓ ବାଳିକାରେ ମୟୂରଭଞ୍ଜର ସୁଭଦ୍ରା କିସ୍‌କୋ ୩ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଭାବେ ଖୋର୍ଦ୍ଧା ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ନିମ୍ନଲିଖିତ ୧୫ ଖେଳାଳି ରାଜସ୍ଥାନର ଜୟପୁରଠାରେ ହେବାକୁଥିବା ୨୧ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଥିବା ଆୟୋଜକ ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସମ୍ପାଦକ ନିରଞ୍ଜନ ଯୋଶୀ ପ୍ରକାଶ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ସୁଶାନ୍ତ କୁମାର ସାହୁ, ବାବୁଲା କୁମାର ଜତୀ(ସମ୍ବଲପୁର), ସଞ୍ଜୟ ମହାପାତ୍ର(କଟକ), ପଲୁରି ୟଙ୍କତା ରାଓ(ସମ୍ବଲପୁର), ହେମନ୍ତ କୁମାର ଆଚାର୍ଯ୍ୟ(ଗଞ୍ଜାମ), କାହ୍ନୁ ଚରଣ ମହାପାତ୍ର(ଖୋର୍ଦ୍ଧା) ଓ ନିପୁନ ଆଦିତ୍ୟ ମହାନ୍ତି(ଖୋର୍ଦ୍ଧା)। ମହିଳା ବିଭାଗରେ ପ୍ରତିମା ଦଳାଇ, ମମତା ପ୍ରହରାଜ(ଉଭୟେ କଟକ), ଦେବଯାନୀ ସାହୁ(ଖୋର୍ଦ୍ଧା), ବାଳକରେ ବିପିନ ବିହାରୀ ସାହୁ, ରିଙ୍କୁ ସାହୁ, ଦୀପକ ପ୍ରଧାନ(ସମସ୍ତେ ଖୋର୍ଦ୍ଧା) ଏବଂ ବାଳିକାରେ ସୁଭଦ୍ରା କିସ୍‌କୋ ଓ ପ୍ରୀତିଲତା ବେହେରା(ଉଭୟେ ମୟୂରଭଞ୍ଜ) ମନୋନୀତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବଧିର କ୍ରୀଡ଼ା ପରିଷଦକୁ ସମସ୍ତ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନିଶିଥ କୁମାର ମହାନ୍ତି(ଓଏସ୍‌ସିଡି ଭାଇସ୍ ଚେୟାରମ୍ୟାନ) ଓ ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ(ଫିଡେ ଇନ୍‌ଷ୍ଟ୍ରକ୍ଟର) ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପି.କେ. ମହାପାତ୍ର ସ୍ୱାଗତ ଏବଂ ସମ୍ପାଦକ ନିରଞ୍ଜନ ଯୋଶୀ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାତା ସଭ୍ୟ ବିଜୟ କୁମାର ପରିଡ଼ା ଉପସ୍ଥିତ ଥିଲେ।



ରାଜ୍ୟ ବଧିର କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ଖୋର୍ଦ୍ଧା ଦଳଗତ ଚାମ୍ପିୟନ, କଟକ ରନର୍ସଅପ୍**

## ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ

ପ୍ୟାରିସ,୨୮।୧୦(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକଧାରୀ ସାତ୍ୱିକରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପରାଜୟ ସହ ଚଳିତ ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ ହୋଇଛି। ଶନିବାର ରାତି ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଯୋଡ଼ିକୁ ବିଶ୍ୱର ଶୀର୍ଷ ର୍ୟାଙ୍କ ଯୋଡ଼ି ମାର୍କୁସ ଫେର୍ନାଲଡି ଗିଡେନ ଓ କେଭିନ ସଞ୍ଜୟ ସୁକାମୁଲଜୋ ହରାଇ ଦେଇଛନ୍ତି। ବିଶ୍ୱ ମାନ୍ୟତାର ୨୫ତମ ଯୋଡ଼ି ସାତ୍ୱିକ ଓ ଚିରାଗଙ୍କ ଯୋଡ଼ି ୧୨-୨୧, ୨୪-୨୬ ଗେମ୍‌ରେ ଇଣ୍ଡୋନେସିଆ ଖେଳାଳିଙ୍କଠାରୁ ହାରି ଯାଇଛନ୍ତି। ସମାନ ଯୋଡ଼ି ବିପକ୍ଷରେ ଏହା ଭାରତୀୟ ଯୋଡ଼ିର କ୍ରମାଗତ ୪ର୍ଥ ପରାଜୟ। ଏହି ଦୁଇ ଖେଳାଳିଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଏଥିପୂର୍ବରୁ ସିଙ୍ଗଲ୍ସ ବର୍ଗରେ ଅଂଶଗ୍ରହଣ କରିଥିବା ସାଇନା ନେହ୍ୱାଲ, ପି. ଭି. ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲେ।

“ କୋହଲ ଦଣ୍ଡ ବ୍ୟବସ୍ଥା ଯୋଗୁ କେପ୍‌ଟାଉନ୍ ବଲ୍ ଟ୍ୟାମ୍ପରିଂ ଘଟଣା ଦେଖିବାକୁ ମିଳିଥିଲା।
**– ଷ୍ଟିଭ ୱ’, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ**



“ ତୃତୀୟ ଦିନିକିଆ ମ୍ୟାଚ ଫଳାଫଳରେ ୱେଷ୍ଟଇଣ୍ଡିଜ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନମାନେ ଫରକ ଆଣିଥିଲେ।
**–ଯଶପ୍ରୀତ୍ ବୁମ୍‌ରା, ଭାରତୀୟ ପେସ୍ ବୋଲର**



# ନଜରରେ ରହିବେ ଥମ୍ପସନ୍

**ଭୁବନେଶ୍ୱର, ୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଦୁଇଟି ଦୁଇଟି ମେଗା ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ଏବେ ପ୍ରସ୍ତୁତ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ମାସ ମଧ୍ୟରେ ହକି ବିଶ୍ୱକପ୍ ସହିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ। ହକି ଓ କ୍ରୀଡ଼ା ସହିତ କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଏବଂ ସାମ୍ବାଦିକତାର ମଜା ନେବା ପାଇଁ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଉପନୀତ ହୋଇଛି। ନଭେମ୍ବର ୨ ଓ ୩ ତାରିଖରେ ଏହି ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍‌ରେ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ହାଇପ୍ରୋଫାଇଲ ଇଭେଣ୍ଟ ଆୟୋଜନ ହେବ। ଏହା କେବଳ ଭାରତ ନୁହଁ ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ମାନ୍ୟତା ପାଇଛି। ତେଣୁ ଏହି ଇଭେଣ୍ଟରେ ଗୁରୁତ୍ୱ କେବଳ କ୍ରୀଡ଼ାପ୍ରେମୀଙ୍କ ପାଇଁ ନୁହେଁ ସାମ୍ବାଦିକତା ଓ ସାହିତ୍ୟ ଅନୁରାଗୀଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏହି ମେଗା ଇଭେଣ୍ଟରେ ବିଶ୍ୱସ୍ତରୀୟ ସେଲିବ୍ରିଟି ମାନେ ଯୋଗଦେଇ ନିଜର ମତ ତଥା ବକ୍ତବ୍ୟ ରଖିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ସର୍ବାକାଳୀନ ଦ୍ରୁତତମ ବୋଲର ଭାବେ ମାନ୍ୟତା ପାଇଥିବା ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫେରୀ ରବର୍ଟ ଥମ୍ପସନ। କ୍ରିକେଟ ଜଗତରେ ସେ ଜେଫ୍ ଥମ୍ପସନ ବା ‘ଥୋମୋ’ ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପିନଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଟେଷ୍ଟ କ୍ରିକେଟ ବୋଲିଂ ଇତିହାସରେ ଥମ୍ପସନଙ୍କ ପ୍ରତିଭାକୁ ସମସ୍ତେ ସ୍ୱୀକାର କରିଥିଲେ।

ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ପ୍ରଦେଶର ଗ୍ରୀନାକ୍ରେରେ ଥମ୍ପସନ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଡାହାଣହାତୀ ଫାଷ୍ଟ ବୋଲର ଥମ୍ପସନ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ମ୍ୟାଚ ଖେଳିଥିଲେ। ସେ ଟେଷ୍ଟରେ ୨୦୦ ଓ ଦିନିକିଆରେ ୫୦ଟି ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ କରିବାକୁ ନେଇ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ନିଜ ପିତାଙ୍କଠାରୁ ସେ ଦ୍ରୁତ ବୋଲିଂ କରିବାର କଳା ଶିକ୍ଷା କରିଥିଲେ। ୧୯୭୫ ଡିସେମ୍ବରରେ ସେ ଡବ୍ଲ୍ୟୁଏସିଏରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବୋଲିଂ କରିବା ବେଳେ ତାଙ୍କର ରିଲିଜ୍ ସ୍ପିଡ୍ ଥିଲା ଘଣ୍ଟା ପ୍ରତି ୧୬୦.୪୫ କିଲୋମିଟର। ଏହାଦ୍ୱାରା ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରୁତ ଗତିରେ ବୋଲିଂ କରୁଥିବାରୁ ସେତେବେଳର ନାମକରା ବ୍ୟାଟ୍ସମ୍ୟାନମାନେ ମଧ୍ୟ ତାଙ୍କ ବଲକୁ ଖେଳିବାରେ ସମସ୍ୟର ସମ୍ମୁଖୀନ ହେଉଥିଲେ। ୧୯୭୯ରେ ଅଷ୍ଟ୍ରେଲିଆନ ଟେଲିଭିଜନ ଷ୍ଟେଶନ ଚ୍ୟାନେଲ ୯ ଦ୍ୱାରା ଆୟୋଜିତ ହୋଇଥିବା ଏକ ଦ୍ରୁତ ବୋଲିଂ ପ୍ରତିଯୋଗିତାରେ ଥମ୍ପସନ ବିଜୟୀ ହୋଇଥିଲେ। ସେତେବେଳେର ଦ୍ରୁତତମ ବୋଲର ଆଣ୍ଡି ରବର୍ଟଙ୍କଠାରୁ ମଧ୍ୟ ସେ ଦ୍ରୁତ ବେଗରେ ବୋଲିଂ କରୁଥିଲେ। ରବର୍ଟଙ୍କ ଦ୍ରୁତତମ ବୋଲିଂ ରେକର୍ଡ ଥିଲା ଘଣ୍ଟପ୍ରତି ୧୫୦.୬୭ କିଲୋମିଟର । ତେବେ ତାଙ୍କର ସର୍ବାଧିକ ଗତି ଘଣ୍ଟାପ୍ରତି ୧୪୭.୯ ଥିଲା ବୋଲି ୧୯୭୫ରେ ଏକ ଅଧ୍ୟୟନରୁ ଜଣାପଡିଥିଲା। କେବଳ ଦ୍ରୁତଗତି ନୁହେଁ ଶାଣିତ ବୋଲିଂ ପାଇଁ ମଧ୍ୟ ସେ ସେତେବେଳେ ପ୍ରଶଂସିତ ହୋଇଥିଲେ। ଏତେ ଦ୍ରୁତବେଗରେ ବୋଲିଂ କରିବା ଆମେ କାହାକୁ ଦେଖି ନ ଥିଲୁ ବୋଲି ସେତେବେଳର ଜଣାଶୁଣା ବ୍ୟାଟ୍ସମ୍ୟାନମାନେ ମତ ରଖିଥିଲେ। କେବଳ ବୋଲିଂ ନୁହେଁ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ୨୦୧୬ ଜାନୁୟାରୀ ୧୭ ତାରିଖରେ ତାଙ୍କୁ ଅଷ୍ଟ୍ରେଲିଆନ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱ ପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଲିଟେରାରି ଫେଷ୍ଟିଭାଲରେ ତାଙ୍କ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

ଏହି ଉତ୍ସବରେ ଆଉଜଣେ ଯୁବ କ୍ରୀଡ଼ାବିତ୍ ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିବେ। ସେ ହେଉଛନ୍ତି ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ମାତ୍ର ୨୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନୀରଜ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି ଓ ଜଣେ ହାଇପ୍ରୋଫାଇଲ ସେଲିବ୍ରିଟିର ମାନ୍ୟତା ପାଇଛନ୍ତି। ହରିୟାଣାର ପାନିପତ୍‌ରେ ଜନ୍ମଗ୍ରହଣ କରିଥିବା ନୀରଜ ଜୁନିୟରସ୍ତର ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। କୋଚ୍ ୟୁଏ ହୋନଙ୍କଠାରୁ ପ୍ରଶିକ୍ଷଣ ପାଇବା ପରେ ସେ ପଛକୁ ଫେରିଚାହିଁନାହାନ୍ତି। ଭାରତୀୟ ସେନାବାହିନୀରେ ଜଣେ ଜୁନିୟର କମିଶନ୍ଡ ଅଫିସର ଭାବେ କାର୍ଯ୍ୟକରୁଥିବା ନୀରଜ ୨୦୧୬ରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୬ରେ ଗୁଆହାଟୀ/ ଶିଲଂରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ୨୦୧୮ରେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ସେ ୮୮.୦୬ ମିଟର ଜାଭେଲିନ ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ନୀରଜଙ୍କ ଉପସ୍ଥିତି ଖାସ୍ କରି ଯୁବପିଢି ପାଇଁ ବେଶ୍ ମହତ୍ତ୍ୱ ରଖିବ। ତାଙ୍କ ବକ୍ତବ୍ୟ ଶିକ୍ଷଣୀୟ ହେବ।



ନୀରଜ ଚୋପ୍ରା



ଜେଫ୍ ଥମ୍ପସନ


EKAMRA SPORTS LITERARY FESTIVAL 2018


# ପାକିସ୍ତାନକୁ ଦ୍ୱିତୀୟ ଟାଇଟଲ




ହକି ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣ ଆୟୋଜନ ହୋଇଥିଲା ୧୯୭୮ ମସିହାରେ। ଆର୍ଜେଣ୍ଟିନାର ବୁଏନ୍ସ ଆରିଜ୍‌ରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏଥସହ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଥିଲା। ଟାଇଟଲ ପାଇଁ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାକିସ୍ତାନ ୩–୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା। ଏହି ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ଆର୍ଜେଣ୍ଟିନା ଅଷ୍ଟମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪–୩ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ବୁଏନ୍ସ ଆରିଜ୍‌ର କାମ୍ପୋ ଡି ପୋଲୋରେ ବିଶ୍ୱକପ୍‌ର ମ୍ୟାଚଗୁଡିକ ଖେଳାଯାଇଥିଲା। ସେମିଫାଇନାଲରେ ପାକିସ୍ତାନ ୧–୦ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ ୩–୨ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ପଞ୍ଚମ ଓ ଷଷ୍ଠସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨–୦ ଗୋଲରେ ସ୍ପେନ୍‌ଠାରୁ ପରାସ୍ତ ହୋଇଥିଲା। ଫଳରେ ଭାରତକୁ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପୁଲ ଏ’ରେ ଭାରତ ସମେତ ଅଷ୍ଟ୍ରେଲିଆ, ପଶ୍ଚିମ ଜର୍ମାନୀ, ଇଂଲଣ୍ଡ, ପୋଲାଣ୍ଡ, କାନାଡ଼ା ଓ ବେଲଜିୟମ ସ୍ଥାନ ପାଇଥିଲ। ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ କାନାଡ଼ାଠାରୁ ୩–୧ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨–୦ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୭–୦ ଗୋଲରେ ପଶ୍ଚିମ ଜର୍ମାନୀଠାରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌ରେ ଭାରତ ୧–୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଶେଷରେ ଅନ୍ତିମ ପୁଲ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୧–୦ ଗୋଲରେ ବେଲଜିୟମକୁ ହରାଇଥିଲା। ପୁଲ ଏ’ରେ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଭାରତ ୬ଟି ମ୍ୟାଚ୍ ଖେଳି ୩ଟି ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ପଶ୍ଚିମ ଜର୍ମାନୀ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ପୁଲ୍ ବି’ରେ ଆୟୋଜକ ଆର୍ଜେଣ୍ଟିନା ସମେତ ପାକିସ୍ତାନ, ନେଦରଲାଣ୍ଡ, ସ୍ପେନ, ମାଲେସିଆ, ଆୟର୍ଲାଣ୍ଡ, ଇଟାଲୀ ସାମିଲ ରହିଥିଲେ। ପାକିସ୍ତାନ ୬ଟି ମ୍ୟାଚ୍ ଖେଳି ୬ଟି ବିଜୟ ସହ ମୋଟ ୧୨ ପଏଣ୍ଟ ପାଇ ପୁଲ୍ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟପଟେ ସ୍ପେନ୍ ୬ଟି ମ୍ୟାଚ୍ ଖେଳି ୩ ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡର ପଲ୍ ଲିଟିଜେନ୍ସ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଗୋଲ ସ୍କୋର କରିଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI ARENA
A DESTINATION CALLED YOU.
A FEELING CALLED MARUTI SUZUKI ARENA.
MARUTI SUZUKI ARENA
VALET SERVICE
BREZZA
SWIFT
DZIRE
E-BOOK YOUR SHOWROOM VISIT AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA SHOWROOM TODAY.
AUTHORISED DEALERS: ORISSA: BHUBANESWAR: Jyote Motors (Nayapalli) 7381355999, JEYPORE: Legend Cars 7894442901. COMING SOON: Orbit Motors (Civil Township, Rourkela) 9437041155.